R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୩୮
ତିଥି : ତୃତୀୟା
୦୩ ଜୁନ୍ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 238
03 June 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ୨୦ରେ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ରାଇରଙ୍ଗପୁରରେ

# ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

### ଘୋଷଣା ହେବ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ



ଭୁବନେଶ୍ୱର, ୨।୬ (ସବ୍ୟୁ) : ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ (୯ ପୃଷ୍ଠାରେ)

# ବଦଳିଲେ ସିବିଏସ୍‌ଇର ଅଧ୍ୟକ୍ଷ, ସଚିବ

ନୂଆଦିଲ୍ଲୀ, ୦୨।୬ : ସିବିଏସ୍‌ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥା ବା ଅନସ୍କ୍ରିନ ମାର୍କିଂ ଓଏସ୍‌ଏମ୍ ପୋର୍ଟାଲ ବିବାଦରେ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସିବିଏସଇର ମୂଲ୍ୟାଙ୍କନ ପ୍ରକ୍ରିୟା ନେଇ ସପ୍ତାହେ ହେଲାଣି ଉଠୁଥିବା ପ୍ରଶ୍ନ, ପୋର୍ଟାଲ ପ୍ରଶଙ୍ଗ ଓ ଭେଣ୍ଡର ଚୟନ ନେଇ ଯେଉଁ ଅଭିଯୋଗ ହୋଇଥିଲା ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂ ଓ ସଚିବ ହିମାଂଶୁ ଗୁପ୍ତାଙ୍କୁ ବଦଳି କରିଛନ୍ତି ଏବଂ ଓଏସଏମ୍ ଲାଗି ହୋଇଥିବା ଚୟନ ପ୍ରକ୍ରିୟାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସିବିଏସ୍‌ଇର ନୂଆ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇଏଏସ୍ ଅଫିସର ଲୋଖଣ୍ଡେ ପ୍ରଶାନ୍ତ ସିତାରାମଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ବରିଷ୍ଠ ପ୍ରଶାସନିକ (୯ ପୃଷ୍ଠାରେ)

### ବୈଷୟିକ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବୃଦ୍ଧି (ପୃଷ୍ଠା-୩)




# ପୁଣି ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର, ୦୨।୬ (ସବ୍ୟୁ) : ଡିଜେଲ ମୂଲ୍ୟ ବୃଦ୍ଧି ପାଇବା ପରେ ପୁଣି ବସ୍ ଭଡା ବୃଦ୍ଧି କରାଯାଇଛି। ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡା ୨ ପଇସା ବଢିଛି। ସେହିଭଳି ଡିଲକ୍ସ ଭଡା କିଲୋମିଟର ପିଛା ୪ ପଇସା ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ମଧ୍ୟ ୪ ପଇସା ଲେଖାଏଁ ବୃଦ୍ଧି ହୋଇଛି।

ସାଧାରଣ ବସ୍ ଭଡା କିଲୋମିଟର ପିଛା ୯୦ ରୁ ୯୨ ପଇସା ହୋଇଥିବା ବେଳେ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୯୪ ରୁ ୯୬ ପଇସା, ଡିଲକ୍ସ ଭଡା କିଲୋମିଟର ପିଛା ୧୩୧ ପଇସାରୁ ୧୩୫ ପଇସା ଓ ଏସି ଡିଲକ୍ସ ବସ ଭଡା କିଲୋମିଟର ପିଛା ୧୫୯ ପଇସାରୁ ୧୬୩ ପଇସା ହୋଇଛି। ପୂର୍ବରୁ କିଛିଦିନ ତଳେ ଆଉ ଥରେ ବସ୍ ଭଡା ବୃଦ୍ଧି ହୋଇଥିଲା। ଡିଜେଲର ମୂଲ୍ୟରେ ବୃଦ୍ଧି ହେବାରୁ ସରକାର ଏହି ପଦକ୍ଷେପ ନେଉଛନ୍ତି। ସୁପର ଡିଲକ୍ସ ବସ ଭଡା କିଲୋମିଟର ପିଛା ୬ ପଇସା ବଢିଛି। ପୂର୍ବରୁ କିଲୋମିଟର ଯାତ୍ରା ଲାଗି ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ୨୫୩ ପଇସା (୯ ପୃଷ୍ଠାରେ)

### ହାଜତରେ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟଣା

# ଏଚ୍‌ଆର୍‌ପିସି ଟିମ୍‌ର ଖୋଳତାଡ

ବ୍ରହ୍ମପୁର, ୦୨।୬ (ସବ୍ୟୁ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ହାଜତରେ ଶୁଶାନ୍ତ କୁମାର ସାହୁ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହି ଘଟଣାକୁ ନେଇ ଏଚପିଆରସିର ୪ ଜଣିଆ ଟିମ ଥାନାରେ ପହଞ୍ଚିବା ଜଣାପଡିଛି । ୪ ଜଣିଆ ଏଚପିଆରସି ଟିମ ହାଜତ ମୃତ୍ୟୁ ଅଭିଯୋଗ ପରେ ଟିମ୍‌ର ତନାଘନା କରିଛି । ସେପଟେ ପୁଣି ଥାନାରେ ପହଞ୍ଚିଲେ ଗଞ୍ଜାମ ଏସପି ହରିଶ ବିଶିଙ୍କ ସହ ପୁରୁଷୋତ୍ତମପୁର ଏସଡିପିଓ ମଧ୍ୟ କବିସୂର୍ଯ୍ୟନଗର ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ସୂଚନା ଅନୁଯାୟୀ କବିସୂର୍ଯ୍ୟନଗର ଥାନାରେ ଜଣେ ଦିବ୍ୟାଙ୍ଗ ଶୁଶାନ୍ତ ସାହୁ ନାମକ ଜନୈକ ଯୁବକଙ୍କୁ ପିଟିପିଟି ମାରିଦେବା ଅଭିଯୋଗ ହୋଇଥିଲା । ଗତକାଲି ଠାରୁ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରିବାର ଲୋକେ ଏଭଳି ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଥାନା ଆଗରେ ଧାରଣା ଦେଇଥିଲେ । (୯ ପୃଷ୍ଠାରେ)



## ଇତିହାସ

୧୯୧୫- ରବିନ୍ଦ୍ରନାଥ ଟାଗୋରଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ୍‌ହୁଡ୍ ଉପାଧି ଦିଆଯାଇଥିଲା ।

୧୯୧୮- ମହାତ୍ମା ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଇନ୍ଦୋରରେ ହିନ୍ଦୀ ସାହିତ୍ୟ ସମ୍ମିଳନୀ ଆୟୋଜିତ ହୋଇଥିଲା ଏବଂ ଉକ୍ତ ସମ୍ମିଳନୀରେ ପାରିତ ଏକ ପ୍ରସ୍ତାବ ଆଧାରରେ ହିନ୍ଦୀକୁ ରାଷ୍ଟ୍ରୀୟ ଭାଷା ରୂପେ ମାନ୍ୟତା ମିଳିଲା ।

୧୯୨୪- ତାମିଲନାଡୁର ପାଞ୍ଚଥର ମୁଖ୍ୟମନ୍ତ୍ରୀ ରହିଥିବା ଏମ୍ କରୁଣାନିଧିଙ୍କ ଜନ୍ମ ।

୧୯୪୩- ଯୁକ୍ତରାଷ୍ଟ୍ରସଂଘ ରିଲିଫ୍ ଏବଂ ପୁନର୍ବାସ ପ୍ରଶାସନର ସ୍ଥାପନା କରିଥିଲେ ।

୧୯୪୭- ବ୍ରିଟିଶ୍ ରାଜ୍ୟରେ ଭାରତର ଶେଷ ରାଜପ୍ରତିନିଧି ଲର୍ଡ ମାଉଣ୍ଟବ୍ୟାଟେନ୍ ଭାରତର ବିଭାଜନ ସମ୍ପର୍କରେ ଘୋଷଣା କରିଥିଲେ ।

୧୯୫୯- ସିଙ୍ଗାପୁରକୁ ସେଲ୍ଫ ଗଭର୍ଣ୍ଣିଂ ଷ୍ଟେଟ୍ ରୂପେ ଘୋଷଣା କରାଗଲା ।

୧୯୭୪- ବିହାରର ମୁଖ୍ୟମନ୍ତ୍ରୀ ତଥା ସ୍ୱତନ୍ତ୍ରତା ସେନାନି କୃଷ୍ଣ ବଲ୍ଲଭ ସହାୟଙ୍କର ନିଧନ ।

୧୯୮୫- ଭାରତ ସରକାରଙ୍କ ଦ୍ୱାରା ସପ୍ତାହରେ ପାଞ୍ଚ ଦିନ କାର୍ଯ୍ୟ କରାଯିବାର ପରମ୍ପରା ଆରମ୍ଭ କରାଗଲା ।

୧୯୯୪- ଭାରତ ସହାୟତା କ୍ଲବ୍‌କୁ ଭାରତ ସହାୟତା ମଞ୍ଚ ରୂପେ ପରିବର୍ତ୍ତିତ କରାଗଲା ।

୨୦୦୮- ତେଲେଙ୍ଗାନା ରାଷ୍ଟ୍ରୀୟ ସମିତିର ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ ଉପନିର୍ବାଚନରେ ନିଜର ପରାଜୟ ସ୍ୱୀକାର କରିବା ପରେ ପଦବୀରୁ ଇସ୍ତଫା ଦେଇଥିଲେ ।

# ବିଶ୍ୱ ସାଇକେଲ୍ ଦିବସ

ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ୍ ଦିବସ ରୂପେ ପାଳନ କରାଯାଉଛି । ୨୦୧୮ ମସିହା ଏପ୍ରିଲ୍‌ରେ ମିଳିତ ଜାତିସଂଘ ଜେନେରାଲ ଆସେମ୍ବ୍ଲି ଦ୍ୱାରା ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ଘୋଷଣା କରାଯାଇଥିଲା । ସେହି ଦିନଠାରୁ ଏହି ଦିବସକୁ ପାଳନ କରାଯାଉଛି । ଏହି ଦିବସରେ ୨୦୦ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଥିବା ସାଇକେଲ୍‌ର ବିଶିଷ୍ଟତା, ନିର୍ଭରଯୋଗ୍ୟତା ଓ ସୁଲଭ ଦର ଏବଂ ପରିବେଶ ସୁରକ୍ଷା ଦିଗରେ ଥିବା ବିଭିନ୍ନ



ଅବଦାନକୁ ସ୍ୱୀକାର କରାଯାଏ । ଆମେରିକୀୟ ପ୍ରଫେସର ଲେସଜେକ୍ ସିବିଲସ୍କି ନିଜେ ପଢାଉଥିବା ସମାଜବିଜ୍ଞାନ ଶ୍ରେଣୀରୁ ବିଶ୍ୱ ସାଇକେଲ ଦିବସ ପାଇଁ ଅଭିଯାନ ଆରମ୍ଭ କରିଥିଲେ । ପରେ ତୁର୍କମେନିସ୍ଥାନ ସମେତ ବିଶ୍ୱର ୫୬ଟି ଦେଶ ତରଫରୁ ଏହି ଅଭିଯାନ ପ୍ରତି ସମର୍ଥନ ମିଳିଥିଲା । ବର୍ତ୍ତମାନ ଏହି ଦିବସକୁ ଟାଇପ୍ ୧ ଓ ଟାଇପ୍ ୨ ମଧୁମେହ ପୀଡିତଙ୍କ ସୁସ୍ଥ ଜୀବନଯାପନ ଶୈଳୀ ସହିତ ଯୋଡାଯାଇଛି ।

## ସୋସିଆଲ କୋଟ୍ସ



ଏହି ଆତଙ୍କବାଦକୁ ମୂଳରୁ ସଫା କରିବାର ଆବଶ୍ୟକତା ଅଛି । ନିମ୍ନମାନର ଭାବନା ସହିତ ଲାଳନ ପାଳନରେ ମଧ୍ୟ ଅବହେଳା ରହିଛି । ବାପା ମାଆଙ୍କୁ ଫାଶୀ ଦେବାର ଆବଶ୍ୟକତା ରହିଛି ।

**ଦେବୋଲିନା ଭଟ୍ଟାଚାର୍ଯ୍ୟ, ଅଭିନେତ୍ରୀ**



ମୋ ଭରସା ସେମାନେ ଭାଙ୍ଗିଥିଲେ, ଯାହା ମୋତେ ଖୁବ କଷ୍ଟ ଦେଇଥିଲା । ତେବେ କୁଲି ନମ୍ବର ୧ ଫିଲ୍ମ ପରେ ଡେଭିଡ ଧବନ ନିଜ ଅର୍ଥରେ ଗୋବିନ୍ଦାଙ୍କୁ କାର ପ୍ରଦାନ କରିଥିଲେ ।

**ବାଶୁ ଭଗନାନୀ, ଫିଲ୍ମ ପ୍ରଯୋଜକ**



ପ୍ରଥମେ ମୁଁ ତାଙ୍କୁ ଜଜ୍ କରିଥିଲି । ଭାବିଥିଲା ଏ କିଭଳି ଅଭିନୟ କରିବେ । ତେବେ ମୁଁ ଭୁଲ ଥିଲି , ତାଙ୍କୁ ମୋତେ ଜଜ କରିବାର ନଥିଲା, ସେ ଖୁବ ଭଲ ଅଭିନେତ୍ରୀ ।

**ମୁକେଶ ତିୱାରୀ, ଅଭିନେତା**

## ମାଗଣାରେ ମିଳୁଛି ଘର

ସ୍ପେନ୍‌ର ଏକ ଛୋଟ ଗାଁ ନିଜର କମୁଥିବା ଜନସଂଖ୍ୟାକୁ ବଞ୍ଚାଇବା ପାଇଁ ଏକ ଅନନ୍ୟ ପ୍ରୟାସ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଯେଉଁଠାରେ ନୂଆ କରି ଆସୁଥିବା ଲୋକମାନଙ୍କୁ ମାଗଣା ଘର ଏବଂ ଚାକିରିର ସୁଯୋଗ ଦିଆଯାଉଛି । ବାସ୍ତବରେ, ଏହି ଗାଁରେ ଏବେ ମାତ୍ର ୪୦ ଜଣ ଲୋକ ବାକି ରହିଛନ୍ତି । ସ୍ପେନ୍‌ର ଅନେକ ଗାଁରୁ ଯୁବପିଢ଼ି ପାଠପଢ଼ା ଏବଂ ଚାକିରି ପାଇଁ ବଡ଼ ବଡ଼ ସହରକୁ ଚାଲିଯାଉଥିବାରୁ ଏହି ଗାଁଗୁଡ଼ିକ ଧୀରେ ଧୀରେ ଜନଶୂନ୍ୟ ହେବାରେ ଲାଗିଛି । ସେଠାରେ ଥିବା ସ୍କୁଲ, ଛୋଟ ଦୋକାନ ବଜାର ତଥା ଅନ୍ୟାନ୍ୟ ଜରୁରୀକାଳୀନ ସେବାଗୁଡ଼ିକ ବନ୍ଦ ହେବା ସ୍ଥିତିକୁ ଚାଲିଆସିଛି । ଯେଉଁଥିପାଇଁ ଗାଁକୁ ପୁନର୍ବାର ସଜୀବ କରିବାକୁ ଏଠାକୁ ନୂଆ ପରିବାର ଏବଂ ଶ୍ରମିକମାନଙ୍କୁ ନିମନ୍ତ୍ରଣ କରାଯାଉଛି । ଏହି ସ୍ଥାନକୁ ଆସୁଥିବା ନୂଆ ଲୋକମାନଙ୍କୁ କମ୍ ଖର୍ଚ୍ଚରେ ଏକ ଶାନ୍ତ ପରିବେଶରେ ଜୀବନ ବିତାଇବାର ସୁଯୋଗ ମିଳିବା ସହ ସେମାନେ ଏକ ଛୋଟ ତଥା ପରସ୍ପର ସହ ଜଡ଼ିତ ସମୁଦାୟର ଅଂଶବିଶେଷ ହୋଇପାରିବେ । ନୂଆ ଲୋକଙ୍କ ଆଗମନ ଦ୍ୱାରା ଗାଁର ଖାଲି ପଡ଼ିଥିବା ଘରଗୁଡ଼ିକ ପୁଣି ଥରେ ବସତିରେ ପରିଣତ ହୋଇପାରିବ, ସ୍ଥାନୀୟ କାର୍ଯ୍ୟକଳାପ ଓ ବ୍ୟବସାୟ ବୃଦ୍ଧି ପାଇବ ଏବଂ ଗାଁର ଦୈନନ୍ଦିନ ଜୀବନଯାତ୍ରା ପୂର୍ବଭଳି ସ୍ୱାଭାବିକ ହୋଇ ଫେରିଆସିବ ।

## ସଂଗୀତ ବଢ଼ାଉଛି ବୟସ



ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଭାବେ ସଙ୍ଗୀତ ଶୁଣିବା, ସଂଗ୍ରହାଳୟ ବୁଲିବା ଏବଂ ବିଭିନ୍ନ ସାଂସ୍କୃତିକ ତଥା ସୃଜନଶୀଳ କାର୍ଯ୍ୟକ୍ରମରେ ଭାଗ ନେବା ଦ୍ୱାରା ମଣିଷର ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀମା ହୋଇଥାଏ । ଯାହାର ସୁଫଳ ଶାରୀରିକ ବ୍ୟାୟାମ ସହ ସମାନ ବୋଲି ଗବେଷକମାନେ ଦାବି କରିଛନ୍ତି । ହଜାର ହଜାର ବୟସ୍କ ବ୍ୟକ୍ତିଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ତଥ୍ୟକୁ ନେଇ କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, କଳା ଓ ସଂସ୍କୃତି ସହ ନିୟମିତ ଜଡ଼ିତ ରହୁଥିବା ଲୋକଙ୍କ କ୍ଷେତ୍ରରେ ଜୈବିକ ବାର୍ଦ୍ଧକ୍ୟର ଗତି ପ୍ରାୟ ୪% ପର୍ଯ୍ୟନ୍ତ ହ୍ରାସ ପାଇଥାଏ । ବିଶେଷଜ୍ଞଙ୍କ ମତରେ, କନସର୍ଟରେ ଯୋଗଦେବା, ପ୍ରଦର୍ଶନୀ ଦେଖିବା କିମ୍ବା ନିଜର ପ୍ରିୟ ଆଲବମ୍ ଶୁଣିବା ଭଳି ସାଂସ୍କୃତିକ ଅଭିଜ୍ଞତା । ଗୁଡ଼ିକ ମଣିଷକୁ ମାନସିକ ସ୍ତରରେ ସକ୍ରିୟ ରଖିବା ସହ ସାମାଜିକ ପାରସ୍ପରିକ କ୍ରିୟା ଏବଂ ଭାବନାତ୍ମକ ସୁସ୍ଥତାକୁ ବୃଦ୍ଧି କରିଥାଏ । ଏହା ମାନସିକ ଚାପ କମାଇବାରେ ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଯଦିଓ ଏହି କଳାତ୍ମକ କାର୍ଯ୍ୟକଳାପଗୁଡ଼ିକ ଶାରୀରିକ ବ୍ୟାୟାମ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଅଭ୍ୟାସର ବିକଳ୍ପ ନୁହେଁ, ତଥାପି ଏହା ଏକ ସୁସ୍ଥ ଜୀବନଶୈଳୀ ପାଇଁ ଏକ ମୂଲ୍ୟବାନ ସହଯୋଗୀ ଉପାଦାନ ହୋଇପାରେ । ତେଣୁ ଗବେଷକମାନେ ଆଶା ପ୍ରକାଶ କରିଛନ୍ତି ଯେ, ଏହି ଅନୁସନ୍ଧାନ ଲୋକଙ୍କୁ ନିଜ ସମାଜରେ ଉପଲବ୍ଧ ସାଂସ୍କୃତିକ ସୁଯୋଗର ଭରପୂର ଲାଭ ଉଠାଇବା ସହ ନିଜ ଜୀବନର ଗୁଣବତ୍ତା ବଢ଼ାଇବାରେ ସହାୟକ ହେବ ।

## ସୁସ୍ମିତା ଜଣେ ହୀରା



ବ୍ୟବସାୟୀ ତଥା ଆଇପିଏଲ୍‌ର ପୂର୍ବତନ ଚେୟାରମ୍ୟାନ୍ ଲଳିତ ମୋଦୀ ନିକଟରେ ନିଜର ପୂର୍ବତନ ପାର୍ଟନର ତଥା ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କୁ ଖୁବ୍ ସ୍ପେଶାଲ ବୋଲି କହିବା ସହ ତାଙ୍କ ଉପରେ ଲାଗିଥିବା 'ଗୋଲ୍ଡ ଡିଗର' ଆରୋପକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି । ସୁସ୍ମିତାଙ୍କୁ ଜଣେ 'ସେଲ୍ଫ-ମେଡ୍' ଏବଂ ଜଣେ ସ୍ୱାଭିମାନୀ ଧନୀ ମହିଳା ଭାବେ ସେ ବର୍ଣ୍ଣନା କରିଛନ୍ତି । ସୁସ୍ମିତା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ ଏବଂ ସେମାନଙ୍କ ମଧ୍ୟରେ ଏକ ସୁନ୍ଦର ସମ୍ପର୍କ ଥିଲା । ତେବେ ଏହା କେବଳ ଦୂରତା ଓ କ୍ୟାରିୟର ଯୋଗୁଁ ଆଗକୁ ବଢ଼ିପାରିଲାନି । ସୋସିଆଲ ମିଡିଆ ଟ୍ରୋଲର୍ସଙ୍କୁ କଡ଼ା ଜବାବ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ସୁସ୍ମିତାଙ୍କ ସହ ବାହାରକୁ ଗଲେ ସବୁ ଜିନିଷର ପେମେଣ୍ଟ ନିଜେ ସୁସ୍ମିତା ହିଁ କରୁଥିଲେ । ସେ ତ କେବଳ ଜଣେ 'କେପ୍ଟ ବୟଫ୍ରେଣ୍ଡ' ଭଳି ଥିଲେ । ତେଣୁ ସୁସ୍ମିତା 'ଗୋଲ୍ଡ ଡିଗର' ନୁହନ୍ତି ବରଂ ସୁସ୍ମିତାଙ୍କ ଭଳି ଜଣେ ପ୍ରକୃତ ହୀରାକୁ ପାଇବା ପାଇଁ ସେ ନିଜେ ଜଣେ 'ଡାଇମଣ୍ଡ ଡିଗର' ହେବାକୁ ଚାହୁଁଥିଲେବୋଲି ଲଳିତ ମୋଦି ମତ ଦେଇଛନ୍ତି । ଏଥିସହିତ ଜଣେ ସିଙ୍ଗଲ ମଦର ଭାବେ ସୁସ୍ମିତା ନିଜର ଦୁଇ ଝିଅ ରେନି ଓ ଆଲିଶାଙ୍କର ଯେଉଁଳି ଭଲ ପାଳନପୋଷଣ କରିଛନ୍ତି, ତାହାକୁ ଲଳିତ ଖୁବ୍ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ, ଜୁଲାଇ ୨୦୨୨ରେ ଲଳିତ ମୋଦୀ ସୁସ୍ମିତାଙ୍କ ସହ କିଛି ଫଟୋ ସେୟାର କରି ନିଜ ସମ୍ପର୍କର ସାର୍ବଜନୀନ ଘୋଷଣା କରିଥିଲେ । ଯାହାପରେ ସେମାନଙ୍କ ବିବାହକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା ଏବଂ ସେମାନେ ସେହି ବର୍ଷ ଗୁଗଲ୍‌ରେ ସବୁଠାରୁ ଅଧିକ ସର୍ଚ୍ଚ କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ହୋଇଥିଲେ । ପରବର୍ତ୍ତୀ ସମୟରେ ଲଳିତ ମୋଦୀ ଫେବୃଆରୀ ୨୦୨୫ରେ ଏକ ଭିଡିଓ ପୋଷ୍ଟ ଜରିଆରେ ସୁସ୍ମିତାଙ୍କ ସହ ନିଜର ବ୍ରେକଅପ୍ ବିଷୟରେ ନିଶ୍ଚିତ କରିବା ସହ ନିଜର ନୂତନ ସାଥୀ ରୀମା ବୋରୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ହେଲେ ଆଜି ବି ସୁସ୍ମିତା ତାଙ୍କର ଜଣେ ଖୁବ୍ ଭଲ ବନ୍ଧୁ ହୋଇ ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

## କୁଲିଂ ହର୍ବସ

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଝାଳ ବୋହିବା, ଶାରୀରିକ ଥକ୍କାପଣ ଏବଂ ଡିହାଇଡ୍ରେସନ୍ ଭଳି ସମସ୍ୟା ଦେଖାଦେବା ଏହା ସୂଚାଇଥାଏ ଯେ ଶରୀରର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଏବଂ ଶରୀରର ଗରମକୁ ନିୟନ୍ତ୍ରଣ କରିବା ପାଇଁ ଲୋକମାନେ ପ୍ରାୟତଃ ବିଭିନ୍ନ ଖାଦ୍ୟପେୟର ସାହାରା ନେଇଥାନ୍ତି । ଯେଉଁଥିପାଇଁ ଭାରତୀୟ ରୋଷେଇ ଘରେ ସହଜରେ ମିଳୁଥିବା କିଛି ପ୍ରାକୃତିକ କୁଲିଂ ହର୍ବସ ପୋଦିନା, ପାନମଧୁରୀ ଏବଂ ଧନିଆ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବା ସହ ହଜମ ପ୍ରକ୍ରିୟାରେ ସୁଧାର ଆଣିବାରେ ସାହାଯ୍ୟ କରିଥାଏ । ହାଇଡ୍ରେଟ୍ ରଖିବାରେ ମଧ୍ୟ ବିଶେଷ ସାହାଯ୍ୟ ଏହା ଶରୀରକୁ କରିଥାନ୍ତି । ସୂଚନା ଅନୁସାରେ ଏହି ପ୍ରାକୃତିକ କୁଲିଂ ହର୍ବସଗୁଡ଼ିକ ଶରୀରରୁ ଗରମ ବାହାର କରି ପ୍ରାକୃତିକ ଉପାୟରେ ଶୀତଳତା ପ୍ରଦାନ କରନ୍ତି । ଏହି ହର୍ବସଗୁଡ଼ିକରେ ଥିବା ବାୟୋଆକ୍ଟିଭ୍ କମ୍ପାଉଣ୍ଡଗୁଡ଼ିକ ମସ୍ତିଷ୍କର ହାଇପୋଥାଲାମସକୁ 'କୁଲିଂ ସିଗନାଲ୍' ପଠାଇବା ସହ ରକ୍ତବାହୀ ନଳୀକୁ ଆରାମ ଦେଇ ଚର୍ମ ଆଡ଼କୁ ରକ୍ତ ସଞ୍ଚାଳନ ବଢ଼ାଇଥାନ୍ତି । ଯାହାଦ୍ୱାରା ଶରୀରର ଭିତର ଗରମ ବାହାରକୁ ବାହାରିଯାଏ ଏବଂ ପୋଦିନାରେ ଥିବା ମେନ୍ଥଲ ଚର୍ମ ଓ ସ୍ନାୟୁର କୋଲ୍ଡ ରିସେପ୍ଟରକୁ ସକ୍ରିୟ କରିଥାଏ । ଏହି କୁଲିଂ ହର୍ବସଗୁଡ଼ିକୁ ଆମେ ଦୈନନ୍ଦିନ ଡାଏଟ୍‌ରେ ହର୍ବାଲ ୱାଟର, ପାନମଧୁରୀ ପାଣି, ବେଲ ସରବତ, ପୋଦିନା-ଧନିଆ ଚଟଣି ଭଳି ବିଭିନ୍ନ ପାନୀୟ ଏବଂ ଖାଦ୍ୟ ଆକାରରେ ସାମିଲ କରିପାରିବା । ଯାହାକୁ ସକାଳେ ଖାଲି ପେଟରେ କିମ୍ବା ଦ୍ୱିପହର ଓ ସଞ୍ଜ ସମୟରେ ସେବନ କରିବା ଦ୍ୱାରା ଦିନସାରାର ଗରମ ଏବଂ ଥକ୍କାପଣ ଦୂର ହୋଇଥାଏ । ତେବେ ଏହାର ସଠିକ୍ ଲାଭ ପାଇବା ପାଇଁ ଦିନକୁ ୧-୨ ଗ୍ଲାସ ହର୍ବାଲ ପାନୀୟ, ୧-୨ ଚାମଚ ଧନିଆ-ପୁଦିନା । ଚଟଣି କିମ୍ବା ୧-୨ ଚାମଚ ଭିଜାଯାଇଥିବା ପାନମଧୁରୀ ଭଳି ସନ୍ତୁଳିତ ପରିମାଣରେ ହିଁ ସେବନ କରିବା ଉଚିତ । କାରଣ ଅତ୍ୟଧିକ ସେବନ ଦ୍ୱାରା ଗ୍ୟାସ କିମ୍ବା ପେଟ ଖରାପ ହେବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ । ତେବେ ଗର୍ଭବତୀ ମହିଳା, ଶିଶୁ କିମ୍ବା କୌଣସି ଗୁରୁତର ରୋଗରେ ପୀଡ଼ିତ ଥିବା ବ୍ୟକ୍ତିମାନେ ଏହାକୁ ଅତ୍ୟନ୍ତ ସାବଧାନତାର ସହ ବ୍ୟବହାର କରିବା ଆବଶ୍ୟକ ଏବଂ ଡାକ୍ତରଙ୍କ ପରାମର୍ଶରେ ହିଁ ସେବନ କରନ୍ତୁ ।





**ମେଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଅର୍ଥସମସ୍ୟା, ଅଯଥା କଳହ, ଶତ୍ରୁସମସ୍ୟା, ଦ୍ରବ୍ୟଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁ ସାହାଯ୍ୟ, ସମ୍ପତ୍ତିବିବାଦ, ଦୂରଯାତ୍ରା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-କୁବେର ଭଗବାନ ।

**ବୃଷ:** ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, ବ୍ୟବସାୟରେ ସଫଳ, ପ୍ରୀତି ବୃଦ୍ଧି, ବନ୍ଧୁ ସାହାଯ୍ୟ, ଶରୀର କଷ୍ଟ, ଅଯଥା ବିବାଦ, ଶତ୍ରୁ ସମସ୍ୟା, ଦାମ୍ପତ୍ୟସୁଖ, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦାମ୍ପତ୍ୟସୁଖ, ସନ୍ତାନସୁଖ, ବ୍ୟବସାୟିକ ଲାଭ, ସମ୍ପତ୍ତିଲାଭ, ଅଳ୍ପ ବିରୋଧ, ନୂତନ କର୍ମେ ଖୁସି, ଖୁସିଖବର, ଶୁଭ ଆଲୋଚନା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ସୁସମ୍ବାଦ, ନୂତନ କର୍ମ ଆରମ୍ଭ, ମାନସିକ ଖୁସି, ଶତ୍ରୁ ପରାଜିତ, ବିଦେଶ ଭ୍ରମଣ, ଅର୍ଥଲାଭ, ସନ୍ତାନଖୁସି, ଶରୀର ସୁସ୍ଥ, ପୁରାତନ ବନ୍ଧୁଲାଭ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ସିଂହ:** ଋଣଭାର ବୃଦ୍ଧି, କିଛି କାର୍ଯ୍ୟରେ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ମାନସିକ ଅବସାଦ, ନୂତନ କର୍ମପ୍ରତି ଆଗ୍ରହ, ବନ୍ଧୁଲାଭ, ସମ୍ପତ୍ତିସମସ୍ୟା, ବିଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭଖବର, ସମ୍ମାନଲାଭ, ଦୂରଯାତ୍ରା ସଫଳ, ସନ୍ତାନ ସମସ୍ୟା, ଦେବଦର୍ଶନ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' କୋଟିଲାଇ ।

**ତୁଳା:** ଶୁଭଖବର, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଅଯଥା କଳହ, ସନ୍ତାନଖୁସି, ଅତିଥିଚର୍ଚ୍ଚା, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଅର୍ଥସମସ୍ୟା ଦୂର, ବିଦ୍ୟାର ସଫଳତା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସଫଳ, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟସୁଖ, ବନ୍ଧୁସହଯୋଗ, ବ୍ୟବସାୟିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ସଫଳତା, ପର୍ମକ୍ଷେତ୍ରେ ପ୍ରଶଂସା, ସମ୍ମାନଲାଭ, ଅର୍ଥଲାଭ, ମାନସିକ ଶାନ୍ତି, ଭୂସମ୍ପତ୍ତି ଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଶତ୍ରୁ ପରାଜିତ, ମାମଲା ସମାଧାନ, ପଡ଼ୋଶୀ କଳହ, ସନ୍ତାନଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଅପମାନଯୋଗ, ଅର୍ଥସମସ୍ୟା, ଶରୀର କଷ୍ଟ, ବନ୍ଧୁସାହାଯ୍ୟ, ଅଯଥା ବିବାଦ ଶୁଭ ଆଲୋଚନା, ବିଦେଶ ଯାତ୍ରା, ଯାତ୍ରାରେ ସତର୍କତା, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୭, ଆରାଧନା-ମା' ଗୌରୀ ।

**କୁମ୍ଭ:** ଖୁସିଖବର, ଧନଲାଭ, ଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶତ୍ରୁସମସ୍ୟା, ଦେବକାର୍ଯ୍ୟରେ ତତ୍ପର, ପାରିବାରିକ ସହଯୋଗ, ଖୁସିଖବର, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟ ସଫଳ, ବନ୍ଧୁଲାଭ, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନଲାଭ, ଦେବଦର୍ଶନ, ପ୍ରତ୍ୟେକ କାର୍ଯ୍ୟ ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ତୃତୀୟା**
**୩.୬.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଲୋକସେବା ଭବନରେ ପ୍ରତିଷ୍ଠିତ ଭାଷାବିତ୍, ଲୋକସାହିତ୍ୟ ଗବେଷକ ପଦ୍ମଶ୍ରୀ ଡଃ ମହେନ୍ଦ୍ର କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି ।

# ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଆଜି ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି। ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି।

ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ। ନିଯୁକ୍ତି ଏବଂ ବିଏ, ବିକମ୍, ବିଏସ୍‌ସି ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ

- ଏସ୍‌ଟି ବର୍ଗଙ୍କ ପାଇଁ ୨୨.୫୦ %
- ଏସ୍‌ସି ବର୍ଗଙ୍କ ପାଇଁ ୧୬.୨୫ %
- ସାମାଜିକ, ଶିକ୍ଷାଗତ ପଛୁଆବର୍ଗଙ୍କ ପାଇଁ ୧୧.୨୫%
- ସାଧାରଣ ଉଚ୍ଚଶିକ୍ଷାରେ ବି ମିଳିବ ସଂରକ୍ଷଣ
- ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ

ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା। ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା। ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି।

ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି। ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସେସ୍, ଆର୍କିଟେକ୍‌ଚର୍, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

## ଏନ୍‌ଏଚ୍‌ଆର୍‌ସି ସ୍କାନରରେ ବାରଙ୍ଗ ଥାନା ପୋଲିସ

ବାରଙ୍ଗ ,(ସବ୍ୟୁ): ଏନ ଏଚ ଆର୍ ସି ସ୍କାନରରେ ବାରଙ୍ଗ ଥାନା ପୋଲିସ । ବାରଙ୍ଗ ଥାନାରେ ନିରୀହ ଯୁବକ ରାକେଶଙ୍କୁ ଅଟକ ରଖି ଥାର୍ଡ ଡିଗ୍ରୀ ଘଟଣାକୁ ଜାତୀୟ ମାନବାଧିକାର କମିଶନ ଅତି ଗୁରୁତ୍ୱର ସହ ନେଇଛନ୍ତି । ଜାତୀୟ ମାନବାଧିକାର କମିଶନର କର୍ମୀ ଭଜବଲ ବିଶାଳଙ୍କ ରିପୋର୍ଟ ରେ ଆଧାରରେ ମାମଲା ରୁଜୁ କରି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରିଛନ୍ତି । ୧୫ ଦିନ ମଧ୍ୟରେ ମଧ୍ୟରେ ବିସ୍ତୃତ ରିପୋର୍ଟ ମଗାଯାଇଛି ବୋଲି ସୂଚନା ମିଳିଛି । ମଙ୍ଗଳବାର ଦିନ ଜାତୀୟ ମାନବାଧିକାର କମିଶନଙ୍କ ତିନି ଜଣିଆ ଦଳ ବାରଙ୍ଗ ଥାନାକୁ ଆସି ଯାଞ୍ଚ କରି ଫେରିଛନ୍ତି । ଏଚଆରପିସି ଆଡ଼ିସନାଲ ଏସପି ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ନେତୃତ୍ୱରେ ୩ଜଣିଆ ଦଳ କଟକ ଅତିରିକ୍ତ ଡିସିପି ଚିତ୍ତରଞ୍ଜନ ପୃଷ୍ଟିଙ୍କ ସହ ଆଲୋଚନା କରି ଘଟଣା ଦିନର ବାରଙ୍ଗ ଥାନାର ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ କାଗଜପତ୍ର ମାଗିଛନ୍ତି । ସକାଳେ ଏସସିବି ମେଡ଼ିକାଲକୁ ଯାଇ ରାକେଶର ସ୍ୱାସ୍ଥ୍ୟବସ୍ତା ଅନୁଧ୍ୟାନ କରି ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ କଥା ହୋଇଛନ୍ତି । ତେବେ ରାକେଶ ଭଲ ଥିବାର ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ବୋଲି ଆସିଥିବା ଦଳ ସୂଚନା ଦେଇଛନ୍ତି । ଏହାସହ ସଦର ଥାନାକୁ ମଧ୍ୟ ଏହି ଟିମ ଯାଇ ଦୁର୍ଘଟଣା ଘଟଣା ଉପରେ ତଦନ୍ତ କରୁଥିବା ଆଇଓ ସହ କଥା ହୋଇ ଫେରିଥିବାର ସୂଚନା ଦେଇଛନ୍ତି । ଅନ୍ୟପଟେ ବାରଙ୍ଗ ଥାନାରେ ଯୁବକ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗକୁ ନେଇ ତେଜୁଥିବା ଉତ୍ତେଜନା ଭିତରେ ପୋଲିସ ପକ୍ଷରୁ ଏକ ନୂଆ ସ୍କ୍ରିପ୍ଟ ସାମ୍ନାକୁ ଆସିଛି । ପୋଲିସ କହୁଛି ଯୁବକଙ୍କର ବାଇକ ଦୁର୍ଘଟଣା ହୋଇଛି । ହେଲେ ଗ୍ରାମବାସୀଙ୍କ ଏହାକୁ ଖଣ୍ଡନ କରି ଥାନା ଥାର୍ଡ ଡିଗ୍ରୀ ଘଟଣାକୁ ନେଇ ପୋଲିସ ମିଛ କହୁଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ଆହତ ରାକେଶ ବେହେରାଙ୍କ ଶାଶୁ । ଏଫ ଆଇ ଆର କହିଲାଣି ଗାଡିରୁ ପଡି ଆହତ ହୋଇଥିଲେ ରାକେଶ । ବାରଙ୍ଗ ଥାନାରେ ଗତ ୨୨ ତାରିଖରେ ଥାନା ହେପାଜତରେ ଥିବା ରାକେଶଙ୍କର ୨୩ ତାରିଖରେ କେମିତି ଗାଡ଼ି ଦୁର୍ଘଟଣା ହେଲା । ମେଡ ଏକ୍ସ ହସ୍ପିଟାଲ ୨୪ ତାରିଖ ରାତି ୧୨.୪୫ ରେ ଆଡମିଟ କରିଥିଲେ ବିକ୍ରମ ସାର୍ ତେବେ ପରିବାର ଲୋକଙ୍କୁ ନଜଣାଇ କେମିତି ଏତେ ଦିନ ଚିକିତ୍ସା କରୁଥିଲେ । ଚିକିତ୍ସା କରିଥିବା ଫର୍ମ ରେ ପରିବାର ଙ୍କ ସମସ୍ତ ଠିକଣା ଥିବା ବେଳେ ଜଣେଇଲେନି କାହିଁକି ?ଏମିତି ରାକେଶର ଭଉଣୀ ରଶ୍ମିତା ଅଭିଯୋଗ କରୁଥିବା ବେଳେ ପୋଲିସ ଗୋଟିଏ ଭୁଲକୁ ଲୁଚାଇବାକୁ ଯାଇ ଏମିତି ଗୋଟେ ଗୋଟେ ନୂଆ କାହାଣୀ ବନାଉଛି କି ପୋଲିସ ବୋଲି ଅଞ୍ଚଳବାସୀ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

### ପିଏମ୍ ଗତିଶକ୍ତି ପୋର୍ଟାଲର କାର୍ଯ୍ୟକାରିତା ସମୀକ୍ଷା

## ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ



କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ଆଜି ଲୋକସେବା ଭବନରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥି ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟଅବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ, ଭିତ୍ତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ । ବୈଠକରେ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲକେ ପାଢୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ, ପ୍ଲାନିଂ ଓ କୋର୍ଡିନେସନ ଇଂ ସମୀର ହୋତା, ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଶିବବ୍ରତ ତରିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କଣ୍ଟାପଡ଼ାରେ ଜାତୀୟ ମାନବାଧିକାର ଆୟୋଗ ପ୍ରତିନିଧି

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ମଉଜପୁର ଗ୍ରାମର ରେଳବାଇ କନଷ୍ଟେବଲ ସୌମ୍ୟରଂଜନ ସ୍ୱାଇଁଙ୍କ ଭିଡ଼ ହିଂସାରେ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏ ନେଇ ଅଭିଯୋଗ ହେବା ପରେ ଆୟୋଗଙ୍କ ଏକ ପ୍ରତିନିଧି ମଣ୍ଡଳୀ ମଉଜପୁରରେ ପହଞ୍ଚି ମୃତ ସୌମଙ୍କ ବାପା ମା'ଙ୍କୁ ଭେଟିବା ସହିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଘଟଣାର ତଦନ୍ତ ଭାର କ୍ରାଇମ ବ୍ରାଞ୍ଚ ଉପରେ ନ୍ୟସ୍ତ କରାଯାଇଥିବାରୁ ତଦନ୍ତ କେଉଁ ପ୍ରକାରେ ଗତି କରୁଛି ସେ ସମ୍ପର୍କରେ ଅନୁଧାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ, ଗତ ମାସ ୭ ତାରିଖରେ ସୌମ ଓ ତାଙ୍କ ସହଯୋଗୀ ଓମପ୍ରକାଶ ମହାନ୍ତି ବାଇକରେ ଭୁବନେଶ୍ୱର ଯାଉଥିଲାବେଳେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ନିକଟ ରାମଚନ୍ଦ୍ରପୁର କାଜ ନିକଟରେ ଭିଡ଼ ହିଂସାର ସମ୍ମୁଖିନ ହୋଇଥିଲେ । ଓମ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲାବେଳେ ସୌମଙ୍କୁ ଅତି ନିର୍ମମଭାବେ ପିଟିପିଟି ମାରିଦେଇଥିଲେ । ଏହି ମାମଲାରେ ପୁଲିସ ଓ କ୍ରାଇମ ବ୍ରାଞ୍ଚ ଏ ପର୍ଯ୍ୟନ୍ତ ୧୩ ଜଣଙ୍କୁ ଗିରଫ କରିସାରିଲାଣି । ତେବେ ହତ୍ୟାକଣ୍ଡ କେଉଁ ପରିସ୍ଥିତିରେ ହେଲା ଓ ଏହାର ମୁଖ ଅଭିଯୁକ୍ତ କିଏ ସେ ନେଇ ଅଦାବଧି ଚିତ୍ର ଅସ୍ପଷ୍ଟ ରହିଛି । ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣା ସମଗ୍ର ରାଜ୍ୟରେ ମୁଖ ଆଲୋଚନାର ବିଷୟ ହୋଇଛି ।

## ଅଙ୍ଗନବାଡ଼ି ଶିଶୁଙ୍କ ସକାଳ ଜଳଖିଆ ଖର୍ଚ୍ଚ ବଢ଼ିଲା

ଭୁବନେଶ୍ୱର(ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ



ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ ଡିଜିଟାଲ ବହିର ଉନ୍ମୋଚନ କରିଛନ୍ତି । ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନଓ୍ୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି । ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି । ଫଳସ୍ୱରୂପ ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ । ରାଜ୍ୟର ପ୍ରାୟ

- କମ୍ ଓଜନ ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୧୮ ଟଙ୍କାକୁ ବୃଦ୍ଧି
- ଅଙ୍ଗନବାଡ଼ି ଶିଶୁଙ୍କ ମୁଣ୍ଡ ପିଛା ଜଳଖିଆ ୩.୫୬ ଟଙ୍କାକୁ ବଢ଼ିଲା
- ୧୩୭.୫୭ କୋଟି ର ଅତିରିକ୍ତ ଖର୍ଚ୍ଚ ଅନୁମୋଦିତ

୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ ।

ସେହିପରି ଅଙ୍ଗନବାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟରେ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ । ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ ସୁସ୍ଥ ମା'-ସୁସ୍ଥ ଶିଶୁ-ସୁସ୍ଥ ପରିବାର ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ମୋନିସା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

### ସୌରଶକ୍ତି ଉପଯୋଗରେ ଓଡିଶା ସମଗ୍ର ଦେଶରେ ଏକ ଦୃଷ୍ଟାନ୍ତ

## ଜାତୀୟ ସ୍ତରରେ ମିଳିଲା ସ୍ୱୀକୃତି

ଭୁବନେଶ୍ୱର, (ସବ୍ୟୁ) : ସୌରଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡିଶା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି । ମେ ୨୦୨୬ ରେ ଆୟୋଜିତ ମନ୍ଥ ଅଫ ସୋଲାର ଅଭିଯାନରେ ଓଡିଶା ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଜାତୀ ୟ ସ୍ତରରେ ସ୍ୱୀକୃତି ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ, 'ପିଏମ୍ ସୂର୍ଯ୍ୟ ଘର ଏକ୍ସିଲେନ୍ସି ଆୱାର୍ଡ' ପାଇଁ ଓଡିଶାକୁ ଚୟନ କରାଯାଇଛି, ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଓଡିଶା ଅଧିକାର କରିଛି । ଏତଦ୍ ବ୍ୟତୀତ ମ୍ୟାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନ୍ ବର୍ଗରେ ଓଡିଶା ତୃତୀୟ ସ୍ଥାନ ହାସଲ କରିଛି । ଏହି ସଫଳତା ସରକାରଙ୍କ ସୁଦୃଢ଼ ପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ । ଏହି ଅଭିଯାନ ସହ ସଂପୃକ୍ତ ବିଭାଗ ଅଧିକାରୀ ଓ ଅଂଶୀଦାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏହି ସଫଳତା ଆଗାମୀ ଦିନରେ ରାଜ୍ୟରେ ଶକ୍ତିକ୍ଷେତ୍ରକୁ ଆହୁରୀ ସମୃଦ୍ଧ କରିବା ସହ ଏକ ଆତ୍ମ ନିର୍ଭରଶୀଳ ଓଡିଶା ଗଠନର ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

### ପ୍ରକାଶ ପାଇବ ବାଣୀବିହାର ବିଷୟକ କବିତାର ଏକ ମନୋଜ୍ଞ ସଂକଳନ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ, ଯାହାର ନୂତନ ପିଢ଼ିର ଯୁବ କବି,ଲେଖକମାନଙ୍କୁ ଏବଂ ସେମାନଙ୍କ ଲେଖାକୁ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚାଇବା ପ୍ରମୁଖ ଲକ୍ଷ୍ୟ । ଅନେକ ଯୁବ କବି ଯେଉଁମାନଙ୍କର ସ୍ୱରଚିତ ଲେଖାମାନ କେବଳ ଏକ ଲେଖା ହୋଇ ରହି ଯାଉଥିଲା, ସେମାନଙ୍କୁ ସଭିଁଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ଏହାର ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ ଖୁବ୍ ଶୀଘ୍ର ଏହା ଏକ ସଂକଳନ ପ୍ରକାଶ କରିବାକୁ ଯାଉଛି । ଏହା ତରଫରୁ ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି ବାଣୀବିହାର ବିଷୟକ କବିତାର ଏକ ମନୋଜ୍ଞ ସଂକଳନ । ଏହାର ସମ୍ପାଦନା କରୁଛନ୍ତି, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟର ପ୍ରତିଷ୍ଠାତା ଏବଂ ସଭାପତି ସତ୍ୟବ୍ରତ ମହାଳିକ । ଏଥି ସହିତ ବିଶେଷ ଉପଦେଷ୍ଟା ରୂପରେ ଜଡ଼ିତ ଅଛନ୍ତି ହରପ୍ରସାଦ ଦାସ, ଆନପା ମାର୍ଣ୍ଡି, ପୁଷ୍ପପ୍ରିୟା ମହାଳିକ ,ବାଣୀବିହାରର ବିଶିଷ୍ଟ କବି ପ୍ରବୀର ଦାସ ଏବଂ ଅନ୍ୟାନ୍ୟ ବିଜ୍ଞ ପ୍ରାଜ୍ଞ ସାହିତ୍ୟିକଗଣ । ବାଣୀବିହାରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ,ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନଙ୍କୁ ଏତଦ୍ ଦ୍ୱାରା ସୂଚିତ କରାଯାଉଛି ଯେ ବାଣୀବିହାର ବିଷୟ କୈନ୍ଦ୍ରିକ ନିଜ ସ୍ୱରଚିତ କବିତା, ନିଜର ଫୋଟୋ, ଠିକଣା ଏବଂ ଯୋଗାଯୋଗ ସୂଚନା ସହ ଯଥାଶୀଘ୍ର ନିମ୍ନ ପ୍ରଦତ୍ତ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି ।

## ପଞ୍ଜୀକରଣ କାର୍ଯ୍ୟାଳୟରେ ସ୍ମାର୍ଟ୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶାର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ଏହାର ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା କ୍ଷ ସମନ୍ୱିତ ନିରୀକ୍ଷଣ ଏବଂ ମନିଟରିଂ ମାଧ୍ୟମରେ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ୫ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ କରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ହିଁ ଦୁର୍ନୀତି ହେବାର ସମ୍ଭାବନା ଥାଏ । ଏଥିନିମନ୍ତେ ସିସିଟିଭି କ୍ୟାମେରା



ମାଧ୍ୟମରେ ସ୍ମାର୍ଟ୍ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ଏଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ । ସ୍ମାର୍ଟ ସର୍ଭଲୋନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବା ସହ ଏଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ ମଧ୍ୟ କରାଯିବ । ଜମି କିଣାବିକା ଏବଂ ପଞ୍ଜିକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଏବଂ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ । ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କ ଠାରୁ ମୁକ୍ତ କରାଯିବ ।

ସେହିପରି ଆଗକୁ ମଧ୍ୟ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ୍ୟ କରାଯିବ । ରାଜ୍ୟ ମୁଖ୍ୟାଳୟରେ ମଧ୍ୟ ମାନ୍ୟବର ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କସ୍ତରରେ ସମୟାନୁକ୍ରମେ ଏହାର ନିରୀକ୍ଷଣ କରାଯିବ । ଅଧିକାରୀମାନଙ୍କ ଉପସ୍ଥିତି-ଅନୁପସ୍ଥିତି ଉପରେ ଏହି ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍ ଦ୍ୱାରା ତୀକ୍ଷ୍ଣ ନଜର ରଖାଯିବ । ଅଗ୍ନି-ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସତର୍କ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ । ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମର କଣ୍ଟ୍ରୋଲ୍ ରୁମ୍ ବା ନିୟନ୍ତ୍ରଣ କକ୍ଷର ସାମର୍ଥ୍ୟ ବୃଦ୍ଧି କରାଯିବ । ରିୟଲ୍ ଟାଇମ୍ ମନିଟରିଂ ବା ପ୍ରତ୍ୟକ୍ଷ ସମୟ ତଦାରଖ ବ୍ୟବସ୍ଥା ପରି ନୂତନ ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ରାଜସ୍ୱ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବା ସହ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ମନ୍ତ୍ରୀ ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ପଞ୍ଜୀକରଣ ଅଧିକାରୀଙ୍କୁ ଆବଶ୍ୟକସ୍ଥଳେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବରେ ଅଧିକ କ୍ଷମତା ପ୍ରଦାନ କରାଯିବ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପଞ୍ଜୀକରଣ ମହାନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ, ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ । ପ୍ରକାଶ ମିଶ୍ର, ଅତିରିକ୍ତ ଶାସନ ସଚିବ । ଦିଗନ୍ତ ରାଉତରାୟ, ଓକାକର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ମେଡିକାଲରେ ଗୃହରକ୍ଷୀଙ୍କୁ ଆକ୍ରମଣ; ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ମେଡିକାଲ ପରିସରରେ ଜଣେ ଗୃହରକ୍ଷୀଙ୍କୁ ଆକ୍ରମଣ ଘଟଣାରେ ଆଦର୍ଶ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଜୋପନା ଅଂଚଳ ର ସମ୍ୟକ କୁମାର ତ୍ରିପାଠୀ (୨୯) ଏବଂ ଚନ୍ଦନପୁର ଥାନା ନୂଆବଳିଆ ର ଦୁର୍ଗା ପ୍ରସାଦ ସ୍ୱାଇଁ (୨୪) । ପୁଲିସ ସୂଚନା ଅନୁସାରେ, ସମ୍ୟକ ଓ ଦୁର୍ଗାପ୍ରସାଦ ବାଘମାରି ଥାନା ଅନ୍ତର୍ଗତ ସାରୁଅ ବଜାର ରେ ଗଣ୍ଡଗୋଳ କରି କିଛି ଲୋକଙ୍କ ଆକ୍ରମଣ ର ଶିକାର



ହୋଇଥିଲେ । ଏହି ଯୁବକ ଦୁଇଜଣ ପ୍ରବଳ ନିଶାଗ୍ରସ୍ତ ଥିଲେ ।୧୧୨ କଲ୍ ପରେ ବାଘାମାରୀ ପୁଲିସ୍ ଦୁଇ ଜଣଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ସେମାନେ ଡାକ୍ତରଖାନା କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରିବା ସହ କର୍ତବ୍ୟରତ ହୋମଗାର୍ଡ ସ୍ମୃତିରଞ୍ଜନ ଦାଶଙ୍କୁ ଆକ୍ରମଣ କରିଥିଲେ । ଏଥିରେ ସ୍ମୃତିରଞ୍ଜନ ଗୁରୁତର ଆହତ ହୋଇଛନ୍ତି ।ଏଥିରେ ତାଙ୍କ ହାତ ରେ ଆଘାତ ଲାଗିଥିବାବେଳେ ସାର୍ଟ ଚିରାହୋଇଥିଲା । ହୋମଗାର୍ଡଙ୍କ ଲିଖିତ ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନାରେ ବିଏନ୍‌ଏସ୍ ୧୨୬, ୧୧୫, ୧୦୯, ୧୩୨, ୨୨୧, ୨୯୬, ୩୫୧ଧାରା ଅନୁଯାୟୀ ମାମଲା ୩୩୧/୨୬ରେ ଏକ ମାମଲା ପଞ୍ଜୀକୃତ ହୋଇଥିବାବେଳେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୁଲିସ୍ ତରଫରୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି ।

## ଜେଇଇ ଆଡଭାନ୍ସଡ୍ ପରୀକ୍ଷାଫଳ
# ଡିଏଭି ଚନ୍ଦ୍ରଶେଖରପୁରର ୩୫ ବିଦ୍ୟାର୍ଥୀ ଯୋଗ୍ୟ ବିବେଚିତ

ଭୁବନେଶ୍ୱର, (ସବ୍ୟୁ): ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ସମୁଦାୟ ୩୫ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷାରେ କୃତିତ୍ୱ ଅର୍ଜନପୂର୍ବକ ଯୋଗ୍ୟତା ୧୪୮୦ ର୍‍ୟାଙ୍କ୍, ସାଇପ୍ରସାଦ ମିଶ୍ର ୧୬୧୯ ର୍‍ୟାଙ୍କ୍ ସହ ବିଦ୍ୟାଳୟର ପ୍ରଥମ ୩ଟି ସ୍ଥାନ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ, ଦେବାଂଶ ନାୟକ ୨୨୯୩ ର୍‍ୟାଙ୍କ୍ , ଅର୍ଜୁନ (୪୦୮), ଅର୍ପିତ ବେହେରା (୪୪୨), ସ୍ଥିତପ୍ରଜ୍ଞା ଦାସ (୨୮୪୮) ଓ ଶିଭାଶିଷ ସାହୁ (୩୨୦୫) ରହିଛନ୍ତି। ପୂର୍ବବର୍ଷମାନଙ୍କ ପରି ଡିଏଭି





ହାସଲ କରିଛନ୍ତି। ତନ୍ମଧ୍ୟରୁ ୧୩ଜଣ ୫ହଜାର ର୍‍ୟାଙ୍କ୍, ୧୭ଜଣ ୧୦ହଜାର ର୍‍ୟାଙ୍କ୍ ଓ ୨୧ଜଣ ୧୫ହଜାର ର୍‍ୟାଙ୍କ୍ ମଧ୍ୟରେ ସ୍ଥାନିତ ହୋଇ ବିଦ୍ୟାଳୟ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶାକ୍ୟସିଂହ ପାତ୍ର ୩୨୩ ର୍‍ୟାଙ୍କ୍, ଆୟୁଷ ଗୁପ୍ତା ମହାନ୍ତି ୨୫୧୫ ର୍‍ୟାଙ୍କ୍, ସ୍ଥିତପ୍ରଜ୍ଞ କର ୨୯୬୯ର୍‍ୟାଙ୍କ୍ , ଶୈନେଶ ଦାଶ ୩୧୭୦ର୍‍ୟାଙ୍କ୍, ଆଶୁତୋଷ ଆଚାର୍ଯ୍ୟ ୪୧୩୧ର୍‍ୟାଙ୍କ୍, ପ୍ରୀତ୍ ଆଚାର୍ଯ୍ୟ ୪୨୫୯ ର୍‍ୟାଙ୍କ୍ ହାସଲ କରିଥିବା ସ୍ଥଳେ କ୍ୟାଟେଗୋରୀ ର୍‍ୟାଙ୍କରେ ତ୍ରିଦିତା ସତିଆର ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀମାନେ ଜେଇଇ ଆଡ୍‌ଭାନ୍ସଡ୍‌ରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ବିଦ୍ୟାର୍ଥୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବାରଙ୍ଗ ପୋଲିସ ମାଡ଼ରେ ଲହୁ ଲୁହାଣ ଘଟଣା
# ରାକେଶଙ୍କୁ ଭେଟିଲେ ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ବାରଙ୍ଗ ପୋଲିସର ନିର୍ମମ ମାଡରେ ଚଣ୍ଡି ପ୍ରସାଦ ଗ୍ରାମର ଲହୁଲୁହାଣ ରାକେଶ ବେହେରାଙ୍କୁ କଟକ ଏସସିବି ମେଡିକାଲରେ ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ କଂଗ୍ରେସର ଏକ ଉଚ୍ଚ ସ୍ତରୀୟ ନେତୃମଣ୍ଡଳୀ ସାକ୍ଷାତ କରିଛନ୍ତି । ପିସିସି ସଭାପତି ଶ୍ରୀ ଦାସ ପ୍ରଥମେ ମେଡିକାଲରେ ପୀଡିତ ରାକେଶର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଓ ପରେ ତାଂକ ଗାଁ ଚଣ୍ଡୀପ୍ରସାଦକୁ ଯାଇ ପରିବାରବର୍ଗଙ୍କ ସହ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ ।

ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ ଗୃହ ବିଭାଗ ସମ୍ପୂର୍ଣ ଅଚଳ ହୋଇ ପଡିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପୋଲିସ ଆଜି ନିଷ୍କ୍ରିୟ ହୋଇ ପଡିଛ । ନାରୀ ନିର୍ଯ୍ୟାତନାରେ ଦେଶରେ ରାଜ୍ୟ ଦୁର୍ନାମ ବୋହିଲା, ପୁଣି ଭିଡହିଂସା ଯୋଗୁଁ ରାଜ୍ୟକୁ ମଥାନତ କରିବାକୁ ପଡିଛି । ଏସବୁ ଘଟଣା ବନ୍ଦ ନ ହେଉଣୁ ହାଜତରେ ପୋଲିସର ବର୍ବରତା ସୀମା ଲଙ୍ଘିଛି । କବିସୂର୍ଯ୍ୟନଗର ଠାରୁ ବାରଙ୍ଗ ପର୍ଯ୍ୟନ୍ତ ପୋଲିସର ବେଆଇନ ଅସାମ୍ବିଧାନିକ କାଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ରାକେଶ ଉପରେ ପୋଲିସର ନିର୍ମମ ଅତ୍ୟାଚାର ଏହାର ପ୍ରମାଣ । କୌଣସି ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସର ନିର୍ମମତାକୁ କେବେହେଲେ ଗ୍ରହଣ କରାଯିବ ନାହିଁ । ପୋଲିସର



ହିଂସାତ୍ମକ କାର୍ଯ୍ୟକଳାପକୁ ସରକାର ତୁରନ୍ତ ରୋକ ଲଗାଉ ଓ ପୀଡ଼ିତଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଥିଲେ । ପୋଲିସର ବର୍ବରତା ସମ୍ପୂର୍ଣ ରାଜ୍ୟର ଭାବମୂର୍ତ୍ତି ଉପରେ କାଳିମା ପୋତିଛି । ତେବେ କଂଗ୍ରେସ ଏଭଳି ପୋଲିସର ହିଂସାତ୍ମକ କାର୍ଯ୍ୟକଳାପ ଉପରେ ଚୁପ ହୋଇ ବସି ରହିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ସାକ୍ଷାତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ଦାସଙ୍କ ସହ ପ୍ରତିନିଧି ମଣ୍ଡଳରେ ପୂର୍ବତନ ବିଧାୟକ ଡଃ ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କଟକ ରୁରାଲ ସିଟି କଂଗ୍ରେସ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସ , ଶାନ୍ତାୟନ ମିଶ୍ର, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ପ୍ରୋଟୋକଲ ଓ ଲଜିଷ୍ଟିକ ସମ୍ପାଦକ ପ୍ରଦୀପ ମହାପାତ୍ର, ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ମହିଳା କଂଗ୍ରେସ ମିଡ଼ିଆ ଅଧ୍ୟକ୍ଷ ଜୟଶ୍ମିତା ମହାନ୍ତି, କଂଗ୍ରେସ ନେତା ରବୀନ୍ଦ୍ର ମଲ୍ଲିକ, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାରେ ମଦ ଦୋକାନ ନିଲାମ କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ପୁରୀ ଜିଲ୍ଲାର ୫୪ ଗୋଟି ମଦ ଦୋକାନ ନିଲାମ ପାଇଁ ନିଲାମ ପ୍ରକ୍ରିୟା ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ମୋଟ ୫୪ଟି ମଦ ଦୋକାନ ପାଇଁ ୧୭ ୯୧ ଜଣ ଆବେଦନ କରିଥିଲେ ।ଏଥିରେ ବିଦେଶୀ ମଦ ଦୋକାନ ୩୬ ଗୋଟି ପାଇଁ ୧୨୫୮ ଗୋଟି ଆବେଦନ ମିଳିଥିବା ବେଳେ ଓ ଦେଶୀ ମଦ ଦୋକାନ ୧୮ ଗୋଟି ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନ ଗୁଡିକୁ ଏକ ଡବାରେ ପକାଯାଇ ଘଣ୍ଟା ଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟା କୁ ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମ ଧାରୀଙ୍କୁ ସଂପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ମୁହାଁ ଜଙ୍ଗଲ ଜୀବ
# ଜଙ୍ଗଲରୁ ଖସିଆସିଥିବା ହରିଣକୁ ମୃତ ଭାବେ ଜବତ କଲା ବନବିଭାଗ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ରେଞ୍ଜ ଅଧିନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମାନଙ୍କରେ ଏକାଧିକ ହରିଣ ଆସି ରହିଥିବା ଅନୁମାନ କରାଯାଉଛି । ଗତ ଚାରିଦିନ ପୂର୍ବେ ନଡପୁର ଜଙ୍ଗଲରୁ ବାହାରି ଗାଁକୁ ପଶିଆସିଥିବା ଏକ ହରିଣକୁ ଉଦ୍ଧାର କରି ବନବିଭାଗ ଜଙ୍ଗଲରେ ଛାଡିଥିବା ବେଳେ ମଙ୍ଗଳବାର ବାଲକା ଗ୍ରାମରେ ଆଉ ଏକ ହରିଣକୁ ଉଦ୍ଧାର କରିଛି ବନବିଭାଗ । ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ଦିନ ଦ୍ୱିପ୍ରହର ସମୟରେ ଏକ ହରିଣ ଦ୍ରୁତଗତିରେ ଗାଁ ଭିତରକୁ ଦୌଡି ଆସିଥିଲା ।ତେବେ ହରିଣଟି ଦୌଡି ଆସୁଥିବା ବେଳେ ଗ୍ରାମର ଜଣଙ୍କ ଲୁହାଗ୍ରୀଲରେ ପିଟି ହୋଇ ଆହତ ହୋଇ ସେଠାରେ ପଡିଯାଇଥିଲା । ଏତିକି ବେଳେ ଗ୍ରାମର କିଛି ଲୋକ ଆହତ ହରିଣକୁ ଉଦ୍ଧାର କରି ଗ୍ରାମରେ ଥିବା ଏକ କ୍ଲବ ଘରେ ରଖି ପ୍ରଚଣ୍ଡ ଖରା ଯୋଗୁଁ ଏହିପରି ହୋଇଥିବା ଅନୁମାନ କରି ଓଦା ଗାମୁଛାରେ ମୁଣ୍ଡକୁ ଢାଙ୍କି ଫ୍ୟାନ ଚଲାଇ ହାୱା ଦେବା ସହିତ ବନବିଭାଗକୁ ଖବର ଦେଇଥିଲେ । ଏ ନେଇ ବେତନଟୀ ରେଞ୍ଜର ଧୃବେନ୍ଦ୍ରନାଥ ନାଏକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଦୀପକ କୁମାର ପାତ୍ରଙ୍କ ସମେତ ଏକ ଟିମ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଥିଲେ ହେଁ ଆହତ ହରିଣଟିର ସେତେବେଳକୁ ମୃତ୍ୟୁ ଘଟିଥିଲା । ତେବେ ମୃତ ହରିଣଟିକୁ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ନେଇ ବ୍ୟବଚ୍ଛେଦ କରାଯିବା ନେଇ ରେଞ୍ଜର ଶ୍ରୀ ନାଏକ ସୂଚନା ପ୍ରଦାନ କରିଛନ୍ତି ।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପିପିଲି, (ସବ୍ୟୁ) : ପିପିଲି ଥାନା ସାତଶଂଖ ଫାଣ୍ଡି ଅନ୍ତର୍ଗତ ଅର୍ଜୁନସିଂହପୁର ଗ୍ରାମରେ ଏକ ଅଭାବନୀୟ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଏକ ବନ୍ଦ ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତ ଦେହକୁ ସାତଶଂଖ ଫାଣ୍ଡି ପୋଲିସ ଜବତ କରିଛି । ମୃତକ ହେଲେ ଭାସ୍କର ଚନ୍ଦ୍ର ଦାଶ (୪୦) ଏବଂ ତାଙ୍କ ସ୍ତ୍ରୀ କାଜଲ ଦାଶ(୨୭) ଗ୍ରାମ ଅର୍ଜୁନସିଂହପୁର । ଭାସ୍କର ୮ ବର୍ଷ ତଳେ ସତ୍ୟବାଦୀ ଥାନା ଅନ୍ତର୍ଗତ ଚଉଦବାଟିଆ ଗ୍ରାମରେ ବିବାହ କରିଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ । କେଉଁ କାରଣ ପାଇଁ ବେକରେ ରଶି ଲଗାଇ ଦମ୍ପତି ଦ୍ୱୟ ଆତ୍ମହତ୍ୟା କଲେ ତାର କାରଣ ଅସ୍ପଷ୍ଟ ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି । ମୃତ ଭାସ୍କରଙ୍କ ପିତା କୈଳାସ ଦାଶଙ୍କ ଲିଖିତ ଅଭିଯୋଗ ଆଧାରରେ ପିପିଲି ଥାନାରେ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମରଶରୀରକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି । ଘଟଣାସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ସାତଶଂଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡା ଉପସ୍ଥିତ ଥିବା ବେଳେ ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ ଚଳାଇଥିବା ନେଇ ଫାଣ୍ଡି ଅଧିକାରୀ ଶ୍ରୀପରିଡା ସୂଚନା ଦେଇଛନ୍ତି ।

# ପୁଣି ରେଳ ପ୍ରକଳ୍ପକୁ ବିରୋଧ କଲେ କୁଆଁରିଆ ବିସ୍ଥାପିତ

ଦଶପଲ୍ଲା, (ସବ୍ୟୁ) :ପୁଣି ଖୋରଧା-ବଲାଙ୍ଗୀର ରେଳ ପ୍ରକଳ୍ପ କୁ ବିରୋଧ କରିଛନ୍ତି କୁଆଁରିଆ ବିସ୍ଥାପିତ । ଦଶପଲ୍ଲା ବ୍ଲକ ବୁଗୁଡା ଠାରେ ଏହି ବିସ୍ଥାପିତ ମାନେ ବିରୋଧ କରିଛନ୍ତି । ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ପହଞ୍ଚି ବିସ୍ଥାପିତ ଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିନାହିଁ । ସୂଚନା ଯୋଗ୍ୟଯେ, ଦଶପଲ୍ଲା କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ଥଇଥାନ କରିବା ପାଇଁ ଦଶପଲ୍ଲା ବ୍ଲକ ବୁଗୁଡା କଲୋନୀ ଠାରେ ଜାଗା ପ୍ରଦାନ କରାଯିବା ସହ ଅସ୍ଥାୟୀ ପଟା ପ୍ରଦାନ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ବିସ୍ଥାପିତମାନଙ୍କ ପାଇଁ କୌଣସି ସୁବିଧା କରା ନ ଯିବାରୁ ବିସ୍ଥାପିତମାନେ କେବଳ ଅସ୍ଥାୟୀ ପଟା ଧରି ଅନ୍ୟ ସ୍ଥାନରେ ଘରବାରି କରି ରହି ଆସୁଛନ୍ତି । ଇତି ମଧ୍ୟରେ ବିସ୍ଥାପିତମାନଙ୍କୁ ମିଳିଥିବା ଜାଗା ଉପରେ ଖୋର୍ଧା-ବଲାଙ୍ଗୀର ରେଳ ପଥ ନିର୍ମାଣ ଚାଲିଥିବା ବେଳେ ଏହି ବିସ୍ଥାପିତମାନେ ବିରୋଧ କରିଛନ୍ତି ।

# ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା



କଟକ,(ସବ୍ୟୁ): କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ କଟକ ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ଏକ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ସମୟରେ ବିଧାୟିକା ସିଧାସଳଖ ୱାର୍ଡବାସୀଙ୍କ ସହ ମିଶି ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ନିୟମିତ ଭାବେ ଡ୍ରେନ ସଫା ନହେବା, ବରିଷ୍ଠ ନାଗରିକଙ୍କ ଭତ୍ତା ସମସ୍ୟା, ଆବାସ ଯୋଜନାରେ ଘର ମିଳିବାରେ ବିଳମ୍ବ, ପାନୀୟ ଜଳର ଅଭାବ ଏବଂ ବାରମ୍ବାର ବିଦ୍ୟୁତ୍ କାଟ ଭଳି ଅନେକ ଗୁରୁତର ସମସ୍ୟା ବିଷୟରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସମସ୍ୟା ଶୁଣିବା ପରେ ବିଧାୟିକା ସୋଫିଆ ଫିରଦୋସ ଏହାର ତୁରନ୍ତ ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଅଞ୍ଚଳବାସୀ ମଧ୍ୟ ବହୁ ସଂଖ୍ୟାରେ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ବରିଷ୍ଠ ନେତ୍ରୀ ଚାରୁଲତା ସାହୁ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ ଏବଂ ଶୋନୁ ସ୍ୱାଇଁ, ବିଶ୍ୱ ରଞ୍ଜନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ।

# କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଶୁତୋଷ ପାଇକରାୟ

କଟକ, (ସବ୍ୟୁ):ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଆଶୁତୋଷ ପାଇକରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିସହ ଶ୍ରୀ ପାଇକରାୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ୧୯୯୭ ବ୍ୟାଚର ଓଡିଶା ସୂଚନା ସେବା ଅଧିକାରୀ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପ୍ରଥମେ ଅନୁଗୁଳ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସେ ଯୋଗ ଦେଇଥିଲେ । ପରେ ସେ ନୀଳଗିରି, ବାଲେଶ୍ୱର, କଟକ ସଦର ଓ କଟକ ଜିଲ୍ଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଗବେଷଣା



ଓ ସନ୍ଦର୍ଭ ଅଧିକାରୀ ଭାବେ ରାଜ୍ୟ ମୁଖ୍ୟାଳୟରେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଆଇନ ବିଭାଗର ସୂଚନା ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ଆଧାର କରି ସେ କେନ୍ଦ୍ରାଞ୍ଚଳ ଅଧିନସ୍ଥ ୧୦ଟି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ସଶକ୍ତ କରିବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସୂଚନା ପ୍ରଦାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି । ବିଶେଷକରି ଡିଜିଟାଲ ମିଡିଆର ବ୍ୟବହାର ମାଧ୍ୟମରେ ସରକାରୀ ସୂଚନାର ବ୍ୟାପକ ପ୍ରସାର ଉପରେ ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ସାମ୍ବାଦିକମାନଙ୍କ ସହ ଅଧିକ ସୁଦୃଢ଼ ସମନ୍ୱୟ ରକ୍ଷା ଦିଗରେ ମଧ୍ୟ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ।

# ରାଜ୍ୟରେ ହାଜତ ମୃତ୍ୟୁ ଏବଂ ପୋଲିସ ବର୍ବରତା ଉଦ୍‌ବେଗଜନକ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି । ଥାନା ଭିତରେ ନିର୍ଯ୍ୟାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯ୍ୟାତନା ଦେବା ନିନ୍ଦନୀୟ ବୋଲି ପୂର୍ବତନ ସାଂସଦ ନରେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ରାଜ୍ୟରେ ଆଇଶୃଙ୍ଖଳା ସରକାରଙ୍କ ଆୟତ୍ତରେ ନାହିଁ । ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯ୍ୟାତନା, ପୋଲିସ ବର୍ବରତା ବଢି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଥିଲେ । କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ




ସରକାରଙ୍କ ଗୃହ ବିଭାଗ ଏବଂ ପୋଲିସର ଅପାରଗତା ଦାୟୀ ବୋଲି ସେ କହିଥିଲେ ଏବଂ ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଥିଲେ । ସେହିପରି ମୁଖପାତ୍ର ଡ. ମନିଷା କହିଥିଲେ ପୁଲିସ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇଥର କହିସାରିଲେଣି ଓଡ଼ିଶାରେ ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ଏହାସତ୍ତ୍ୱେ ଅପରାଧୀ ଅପରାଧ ଘଟାଇ ଚାଲିଛନ୍ତି । ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯ୍ୟାତନା ଦେବା ପରେ ସେ ଜୀବନ- ମରଣ ସହ ସଂଘର୍ଷ କରୁଛନ୍ତି । ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ । ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଚୁପ୍ ହୋଇ ବସି ରହିଛି । ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାର ଆଇଆଇସି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଅକଥନୀୟ ନିର୍ଯ୍ୟାତନା ଏବଂ ପ୍ରବଳ ମାଡ ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲାରେ ୧୦ଟି ହତ୍ୟାକାଣ୍ଡ ହେଲାଣି ।

କବିସୂର୍ଯ୍ୟନଗରରେ ଜଣେ ନିରୀହ ଶ୍ରମିକ ଯାହାଙ୍କର ଏତଲାରେ ନାମ ନଥିଲା ତାଙ୍କୁ ଥାନାକୁ ଡକାଇ ପିଟିପିଟି ମାରିଦେବା ଘଟଣାରେ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ପାଇଁ ସେ ସରକାରଙ୍କୁ ଆହ୍ୱାନ ଦେଇଥିଲେ । ଆହୁରି ମଧ୍ୟ ସେ କହିଥିଲେ କେବଳ ବଦଳି ଆଉ ନିଲମ୍ବନ କଲେ ଏ ସମସ୍ୟାର କୌଣସି ପରିବର୍ତ୍ତନ ହେବନାହିଁ । ଅନ୍ୟ ରାଜ୍ୟରେ ଏପରି ଘଟଣାରେ ପୋଲିସକୁ ଫାଶୀ ଦଣ୍ଡ ଦିଆଯାଉଥିଲା ବେଳେ ଓଡ଼ିଶାରେ ଅପରାଧୀ ପୋଲିସଙ୍କ ପାଇଁ ସରକାର ଏତେ ତତ୍ପର କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ । ସରକାର ତାଙ୍କର ଦୁଇ ବର୍ଷ ପୂର୍ତ୍ତିପାଳନରେ ନାରୀ ନିର୍ଯ୍ୟାତନା, ପୋଲିସ ବର୍ବରତା, ହାଜତ ମୃତ୍ୟୁ, ଚାଷୀ ମାରଣ, ଶିଶୁ କନ୍ୟା ବଳାତ୍କାର, ଜଘନ୍ୟ ଭିଡ଼ ହିଂସା ହତ୍ୟା, ନିର୍ଦ୍ଦୋଷକୁ ଦୋଷୀ ସଜେଇ ପୋଲିସ ହତ୍ୟାକୁ ନେଇ ପ୍ରଧାମନ୍ତ୍ରୀଙ୍କୁ ରିପୋର୍ଟ ଦେବେକି ବୋଲି ଡଃ ପଟ୍ଟନାୟକ ପ୍ରଶ୍ନ କରିଥିଲେ ।

# ରେଳ ଅର୍ବାନ ବ୍ୟାଙ୍କ ସେୟାରହୋଲଡରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ରେଳ ଅର୍ବାନ କୋପରେଟିଭ ବ୍ୟାଙ୍କରେ ରିଟାୟାର୍ଡ



ଅଂଶୀଦାର ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବ୍ୟାଙ୍କ ମ୍ୟାନେଜର ପି ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଜଗମୋହନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ନେଇଥିବା ୫୮ ଜଣ ଅଂଶୀଦାର ମାନଙ୍କୁ ଉତ୍ତରୀୟ, ପୁଷ୍ପଚାରା ଓ ଉପହାର ଦେଇଥିଲେ । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ତଥା ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର , ଶାଖା ସମ୍ପାଦକ ତଥା ଅର୍ବାନବ୍ୟାଙ୍କ ଡ଼େଲିଗେଟ ଏଲ ଡ଼ି ମହାନ୍ତି, ସୁନୀଲ ପରିଡା , ସୂର୍ଯ୍ୟନାରାୟଣ ଶତପଥୀ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅବସର ନେଇଥିବା ଅଂଶୀଦାର ମାନଙ୍କପାଇଁ ଫିକ୍ସ ଡିପୋଜିଟ ଓ ହଲିଡେ ହୋମରେ ରହଣି ବ୍ୟବସ୍ଥା କରିବାକୁ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଦାବି ରଖିଥିଲେ ଯାହାକୁ ଆଗାମୀ ନିର୍ଦ୍ଦେଶକ ମିଟିଂରେ ଆଲୋଚନା କରାଯାଇ ଗୃହୀତ କରାଯିବ ବୋଲି ଉଭୟ ନିର୍ଦ୍ଦେଶକ ପ୍ରତିଶୃତି ଦେଇଥିଲେ । ଅବସର ନେଇଥିବା ସେୟାରହୋଲଡରଙ୍କ ମଧ୍ୟରୁ ଶ୍ରମିକ ୟୁନିଅନର ପୂର୍ବତନ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସ ପରିବର୍ତନ ପ୍ୟାନେଲର ପ୍ରତ୍ୟେକଟି ପଦକ୍ଷେପ ଯୁଗାନ୍ତକାରୀ ଓ ଦୁରଦୃଷ୍ଟି ସମ୍ପର୍ଣ , ନିଷ୍ଠାପର ଉଦ୍ୟମ ପାଇଁ ବୋର୍ଡ ଅଫ ଡାଇରେକ୍ଟର ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ସଭାକୁ ବ୍ୟାଙ୍କ କଲ୍ୟାଣ ଅଧିକାରୀ ଜିତେନ୍ଦ୍ର ପାଣ୍ଡେ ପରିଚାଳନା କରିଥିବା ବେଳେ ଆକାଉଣ୍ଟ ମ୍ୟାନେଜର ସନ୍ତୋଷ କୁମାର ଓ ବ୍ୟାଙ୍କ କର୍ମଚାରୀ ମାନେ ଆୟୋଜନ କରିଥିଲେ ।

# ଜେଇଇ ଆଡଭାନ୍ସଡରେ ପିଡବ୍ଲ୍ୟୁ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର(ସବ୍ୟୁ) : ଜେଇଇ ଆଡଭାନ୍ସଡରେ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ବି. ଅଭିଶେକ ସୁବୁଦ୍ଧି ଓ ମୋହିତ ପଣ୍ଡା ଭୁବନେଶ୍ୱରରେ ଶୀର୍ଷ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମିଲ ଅଛନ୍ତି । ସେହିପରି କଟକରେ ଶୀର୍ଷ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହିତେଶ ଗୋଦରା (ଏଆଇଆର ୨୬୦) ସାମିଲ ଅଛନ୍ତି ।ନିଜ ସଫଳତା ସମ୍ପର୍କରେ ହିତେଶ କହିଛନ୍ତି, କଠିନ ପରିଶ୍ରମର ଫଳ ମିଳିଥିବା ଦେଖି ମୁଁ ଖୁବ୍ ଆଶ୍ୱସ୍ତ ମନେ କରୁଛି । ଏହି ସଫଳତା ମୋର ପିତାମାତାଙ୍କ ନିରନ୍ତର ପ୍ରୋତ୍ସାହନ, ମୋ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଏବଂ ପ୍ରସ୍ତୁତି ଯାତ୍ରାରେ ଫିଜିକ୍ସୱାଲା ବିଦ୍ୟାପୀଠ-ପାଠଶାଳାର ଅଧ୍ୟାପକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସଂଗଠିତ ଶିକ୍ଷା ସହଯୋଗ ବିନା ସମ୍ଭବ ହୋଇପାରିନଥାନ୍ତା । ଏହି ଫଳାଫଳ ସମ୍ପର୍କରେ ଫିଜିକ୍ସୱାଲାର ପ୍ରତିଷ୍ଠାତା ଓ ସିଇଓ, ଅଲଖ ପାଣ୍ଡେ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ମାଧ୍ୟମରେ ଜେଇଇ ଆଡଭାନ୍ସଡ ୨୦୨୬ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମାଛ ଗୋଦାମ ଅଗ୍ନିକାଣ୍ଡରେ କ୍ଷୟକ୍ଷତି ଭରଣା ପାଇଁ ଦାବିପତ୍ର

କଟକ, (ସ୍ୱପ୍ର) : ସ୍ଥାନୀୟ ମଧୁପାଟଣା ଖାନନଗର ପ୍ରେସ ଛକ ମାଛ ଗୋଦାମ ଅଗ୍ନିକାଣ୍ଡରେ ସମସ୍ତ ୧୮ ଟି ମାଛ ଗୋଦାମ ପୋଡି ପାଉଁଶ ହେବା ପରେ ଦୁଃଖରେ ଭାଙ୍ଗି ପଡିଛନ୍ତି ମାଛ ବ୍ୟବସାୟୀ । ଆଗକୁ କିପରି ପୁଣି ବ୍ୟବସାୟ ଆରମ୍ଭ କରି ପରିବାର ପ୍ରତିପୋଷଣ କରିବେ ସେନେଇ ସନ୍ଦିହାନ ହୋଇପଡିଛନ୍ତି । ଫଳରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, ସିଏମସି କମିଶନର କିରଣଦୀପ କୌର ସହୋତା, ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି ପଞ୍ଚମୁଖୀ ମହାବୀର ମାଛ ବ୍ୟବସାୟୀ ସଂଘ । ସେମାନଙ୍କ ଦାବି ମୁତାବକ ବର୍ତ୍ତମାନ ପୋଡିଯାଇଥିବା ଦୋକାନ ଗୃହ, ସେଥିରେ ଆସବାବପତ୍ର, କେତେକ ବ୍ୟବସାୟୀମାନଙ୍କ ଗଚ୍ଛିତ ଟଙ୍କାର ଆକଳନ କରି ସେମାନଙ୍କୁ କ୍ଷତିପୂରଣ ଦେବା ସହିତ ପୋଡିଥିବା ଦୋକାନ ଗୃହ ଗୁଡିକର ସଫେଇ, ଏବେ ଉକ୍ତ ସ୍ଥାନରେ ଆସ୍ଥାୟୀ ଭାବେ ପୁନଃ ବ୍ୟବସାୟ କରିବାକୁ ଆର୍ଥୀକ ସହାୟତା ଓ ପୂର୍ବ ନିର୍ଦ୍ଧାରିତ ସ୍ଥାୟୀ ମାଛ ମାର୍କେଟ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବାକୁ ଦାବିପତ୍ର ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ପଞ୍ଚମୁଖୀ ମହାବୀର ମାଛ ବ୍ୟବସାୟୀ ସଂଘ ପକ୍ଷରୁ ବ୍ୟବସାୟୀ



ସନ୍ତୋଷ କୁମାର ମହାପାତ୍ର, ପ୍ରମୋଦ କୁମାର ଭୋଳ, ଲକ୍ଷ୍ମୀଧର ବେହେରା, ସୁଶାନ୍ତ କୁମାର ବେହେରା, ମନୋଜ କୁମାର ବେହେରା, ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଶିମିଳିପାଳ ସୁରକ୍ଷା ପାଇଁ ୧୭ରୁ ଭଞ୍ଜସେନା ପକ୍ଷରୁ ଜିଲ୍ଲା ତମାମ ହେବ ମଶାଲ ରାଲି



ବାରିପଦା, (ସବ୍ୟୁ) : ବିଶ୍ୱବିଖ୍ୟାତ ଶିମିଳିପାଳ ଅଭୟାରଣ୍ୟ ଓ ଏହାରି ଭିତରେ ବସବାସ କରୁଥିବା ସବୁ ବର୍ଗର ପଶୁପକ୍ଷୀ, କୀଟନାଶକ ଜନ୍ତୁ, ମୂଲ୍ୟବାନ୍ ବୃକ୍ଷ ରାଜି ସହିତ ପାହାଡ଼ ପର୍ବତ ପରି ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ଅନୁଦାନ ରାଶି ଆସୁଥିବାବେଳେ ସେଗୁଡ଼ିକ ବାଟମାରଣା କରି ବନ ବିଭାଗ ବିଭିନ୍ନ ପ୍ରକାରର ପ୍ରକୃତି ବିରୋଧୀ କାର୍ଯ୍ୟ ଯୋଗୁଁ ଶିମିଳିପାଳ ଆଜି ଅସୁରକ୍ଷିତ। ଏନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଶିମିଳିପାଳର ସଂପୂର୍ଣ୍ଣ ସୁରକ୍ଷା ସହିତ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟନେଇ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ଚଳିତ ବର୍ଷ ଜୁନ୍ ୧୭ତାରିଖ ତଥା ବୁଧବାର ମହାନ୍ ଯୋଦ୍ଧା ମହାରାଣା ପ୍ରତାପଙ୍କର ଜନ୍ମ ଜୟନ୍ତୀ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୭ତାରିଖ ତଥା ଶୁକ୍ରବାର ମଧ୍ୟରେ ପର୍ଯ୍ୟାୟ କ୍ରମେ ସମଗ୍ର ଜିଲ୍ଲା ତମାମ (ବ୍ଲକ/ଏନ୍ଏସି/ ମ୍ୟୁନିସିପାଲଟି) ସଂଗଠନ ତରଫରୁ ମଶାଲ ରାଲିର ଆୟୋଜନ କରାଯିବାର ଘୋଷଣା ପରେ ଭଞ୍ଜସେନା ବାମନଘାଟି ଉପଖଣ୍ଡ ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହୋଇ କିପରି ଭାବରେ ବାମନଘାଟି ଉପଖଣ୍ଡରେ ଏହି ମଶାଲ ଶୋଭାଯାତ୍ରାର ସଫଳ ରୂପାୟନ ହୋଇପାରିବ ସେ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁଙ୍କର ଆହ୍ୱାନ କ୍ରମେ ହୋଇଥିବା ଏହି ବୈଠକରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଜିଲ୍ଲା କର୍ଯ୍ୟକାରୀ ଅଧ୍ୟକ୍ଷ ଅଞ୍ଜନ ବରାଳ, ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ. ରମଜାନ ବେଗ, ବିଘ୍ନେଶ୍ୱର ବାସ୍କେ ରାମଚନ୍ଦ୍ର ହେମ୍ବ୍ରମ, ମାନସ ମୁର୍ମୁ, ଗୋବିନ୍ଦ ସୋରେନ, ରବିପାତ୍ର, ବିଶ୍ୱନାଥ ମାରାଣ୍ଡି ଓ ସିଦ୍ଧେଶ୍ୱର ମୁର୍ମୁ ପ୍ରମୁଖ ସାମିଲ ଥିଲେ ବୋଲି ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଯାଇଛି।

## ଶିମିଳିପାଳରୁ ଆସିଲା ଖୁସିର ଖବର

# ମହାରାଷ୍ଟ୍ରର ବାଘୁଣୀ ଜିନ୍ନତ ସାଜିଲା ମା', ଜନ୍ମ ଦେଲା ୪ ସନ୍ତାନ

ବାରିପଦା, (ସବ୍ୟୁ) : ଏସିଆର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ 'ଶିମିଳିପାଳ ଅଭୟାରଣ୍ୟ'ରୁ ଆସିଛି ଏକ ଖୁସିର ଖବର। ଶିମିଳିପାଳର ବଂଶବୃଦ୍ଧି ଅଭିଯାନରେ ଯୋଡ଼ି ହୋଇଛି ଏକ ନୂଆ ସଫଳତାର ଫର୍ଦ୍ଦ। ୨୦୨୪ ମସିହା ନଭେମ୍ବର ମାସରେ ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣୀ 'ଜିନ୍ନତ' ଚାରୋଟି ନବଜାତ ଶାବକକୁ ଜନ୍ମ ଦେଇଛି। ଏହି ଖବର ସାମ୍ନାକୁ ଆସିବା ପରେ ପରିବେଶବିତ ଏବଂ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ମାହୋଲ ଖେଳିଯାଇଛି। ସୂଚନା ଅନୁଯାୟୀ, ଶିମିଳିପାଳର ଘଞ୍ଚ ଜଙ୍ଗଲ ଭିତରେ ଲାଗିଥିବା ଏକ ଟ୍ରାପ୍ କ୍ୟାମେରାରେ ଏହି ଅପୂର୍ବ ଦୃଶ୍ୟ କଏଦ ହୋଇଛି। ବାଘୁଣୀ ଜିନ୍ନତ ତାର ଚାରୋଟି କୁନି କୁନି ଶାବକଙ୍କୁ ସାଙ୍ଗରେ ଧରି ସୁରକ୍ଷିତ ଭାବେ ଜଙ୍ଗଲ ମଧ୍ୟରେ ଗତି କରୁଥିବା ବେଳେ ଏହି ଚିତ୍ର ସାମ୍ନାକୁ ଆସିଛି। ବନ୍ୟପ୍ରାଣୀ ବିଭାଗ ପାଇଁ ଏହା ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ଏହି ଶାବକ ଗୁଡିକର ରଙ୍ଗ ପରିବର୍ତ୍ତନ ହୋଇ ନଥିବା ଜଣାପଡିଛି। ନବଜାତ ଶାବକମାନଙ୍କ ବୟସ ପ୍ରାୟ ୨୧ ଦିନ ହେବ। ଏବେ ସୁଦ୍ଧା ସେମାନଙ୍କ ଆଖି ଫିଟି ନାହିଁ। ବାଘୁଣୀ ଓ ଶାବକମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଏହି ଚାରି ନୂଆ ଅତିଥିଙ୍କ ଆଗମନ ପରେ ଶିମିଳିପାଳ କର୍ତ୍ତୃପକ୍ଷ ବେଶ୍ ତତ୍ପର ହୋଇଉଠିଛନ୍ତି। ବାଘୁଣୀ ଓ ତାର ଛୁଆମାନେ ରହୁଥିବା ସମ୍ପୃକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯିବା ସହ ବନକର୍ମୀମାନେ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ଜୋରଦାର କରିଛନ୍ତି। ବାଘ ବଂଶ ବୃଦ୍ଧି ପାଇଁ କରାଯାଉଥିବା ପ୍ରୟାସ ଏବେ ଶିମିଳିପାଳ ମାଟିରେ ସଫଳ ହେଉଥିବା ଦେଖିବାକୁ ମିଳୁଛି ।



# ଜାତୀୟ ନିରାପତ୍ତା ଆଇନ ବଳରେ ସାଗର ଗିରଫ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା ଅସାମାଜିକ ବ୍ୟକ୍ତି ସାଗର ବେହେରାଙ୍କୁ ଜାତୀୟ ନିରାପତ୍ତା ଆଇନ ତଥା ଏନଏସଏ ଅଧୀନରେ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଜରଡ଼ା ଥାନା ଅନ୍ତର୍ଗତ ନନ୍ଦିଗାଁ ଗ୍ରାମର ଧୋବା ବେହେରାଙ୍କ ପୁଅ ସାଗର ବେହେରା । ବ୍ରହ୍ମପୁର ପୋଲିସର ସୁପାରିଶ କ୍ରମେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଜାତୀୟ ନିରାପତ୍ତା ଆଇନ କ୍ଷମତା ବଳରେ ସାଗର ବେହେରାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜରଡ଼ା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ଠୁଳିଛି। ଜିଲାପାଳ କୀର୍ତ୍ତି ଭାସନ ପୋଲିସ ରିପୋର୍ଟ, କେସ୍ ରେକର୍ଡ, ଗୁଇନ୍ଦା ସୂଚନା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ କାଗଜପତ୍ରକୁ ଅନୁଧ୍ୟାନ କରିବା ପରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ତଦନ୍ତ ବେଳେ ସାଗର ବେହେରା ଜଣେ ପେଷାଦାର ଅପରାଧୀ ଅଟନ୍ତି। ୨୦୧୧ ରୁ ୨୦୨୬ ମସିହା ମଧ୍ୟରେ ଜରଡ଼ା ଏବଂ କେ.ନୂଆଗାଁ ଥାନାରେ ତାଙ୍କ ନାମରେ ୧୧ଟି ଅପରାଧିକ ମାମଲା ରହିଛି। ସେ ଦଙ୍ଗା, ମାରପିଟ, ଅପରାଧିକ ଧମକ, ଦାଦାବଟି ଆଦାୟ, ହିଂସାତ୍ମକ ଆକ୍ରମଣ, ମାରଣାସ୍ତ୍ର ପ୍ରଦର୍ଶନ, ଓଡ଼ିଶା ଜୁଆ ନିବାରଣ ଆଇନ ଏବଂ ଗୌଣ ଖଣିଜ ନିୟମ ଉଲ୍ଲଂଘନ ଭଳି ଅପରାଧରେ ସାମିଲ ଥିଲେ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମଙ୍କ ସୂଚନା ଦେଇଛନ୍ତି ।

# ଦମ୍ପତିଙ୍କୁ ଆକ୍ରମଣ ଓ ଜାତିଆଣ ମନ୍ତବ୍ୟ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବିଚ ରାସ୍ତାରେ ଗାଡି ଅଟକାଇ ଦମ୍ପତ୍ତିଙ୍କୁ ଜାତିଆଣ ମନ୍ତବ୍ୟ ଓ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ପୋଲୁସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଭାବିନିପୁର ଗ୍ରାମର ମୋଚିରାମ ସାହୁ (୫୫) ତାଙ୍କ ପୁଅ ଅଶ୍ୱିନୀ ସାହୁ (୨୯), ସିଟୁ ସାହୁ(୨୫), କାଳିଆ ବେହେରା (୨୦) । କେସ ନଂ ୯୭/୨୬ରେ ଅଭିଯୁକ୍ତ ମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଭାବିନିପୁର ଗ୍ରାମରେ ଶଙ୍କର ବେହେରା ତାଙ୍କ ପରିବାର ସହ ରୁହନ୍ତି । ଗତ ଏପ୍ରିଲ ୧୫ ତାରିଖରେ ସେ ନିଜ ପରିବାର ସହ ତାରାତାରିଣୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ସନ୍ଧ୍ୟାରେ ସେମାନେ ଗାଁ 'କୁ ଫେରୁଥିଲେ। ରାସ୍ତାରେ ଶଙ୍କରଙ୍କୁ ଦେଖି ଉକ୍ତ କାଳିଆ ଓ ଅଶ୍ୱିନୀ ତାଙ୍କ ବାଇକ ଅଟକାଇ ଶଙ୍କର ଓ ତାଙ୍କ ସ୍ତ୍ରୀ ବନିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜାତିଆଣ କଟୁ ମନ୍ତବ୍ୟ ଦେଇଥିଲେ। ଫଳରେ ସମାଜରେ ସେମାନଙ୍କର ମର୍ଯ୍ୟାଦା ହାନି ଘଟିଥିଲା । ଦାମ୍ପତ୍ତି ଏହାର ପ୍ରତିବାଦ କରିବାରୁ ନିକଟରେ ଥିବା ମୋଚିରାମ ସାହୁ ଓ ସିଟୁ ସାହୁ ସେଠାରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ । ପରେ ଶଙ୍କର ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପୋଲିସର ଘଟଣାର ତଦନ୍ତ କରିଥିଲା । ଗତ ଫେବୃଆରୀ ମାସରେ ଶଙ୍କର ବେହେରାଙ୍କ ଘର ଦାଣ୍ଡରେ ଥିବା ଏକ ବାଇକକୁ ଅଜଣା ଦୃର୍ବୃତ୍ତ ଜାଳିଦେଇଥିଲେ । କାଳିଆ ଓ ଶଙ୍କର ଏହି କାଣ୍ଡ ଘଟଇଥିବା ଶଙ୍କର ସନ୍ଦେହ କରିଥିଲେ। ଯାହାକୁ ନେଇ ଶଙ୍କର ଓ ଅନ୍ୟ ଗୋଷ୍ଠି ସହ ମନମାଳିନ ଲାଗିରହିଥିଲା । ଏଣୁ କାଳିଆ ଗୋଷ୍ଠି ଘଟଣା ଦିନ ଶଙ୍କରଙ୍କୁ ଅଟକାଇ ଆକ୍ରମଣ କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

## 'ରେଫର୍ ହସ୍ପିଟାଲ୍ କଳଙ୍କିତ ଟ୍ୟାଗକୁ ପରିବର୍ତ୍ତନ

# ହସ୍ପିଟାଲ ସ୍ଥାନାନ୍ତରଣ ପାଇଁ ୧୫ଦିନର ମହଲତ



ବାରିପଦା, (ସବ୍ୟୁ) : ପିଆରଏମ୍ ମେଡିକାଲ କଲେଜ ଏବଂ ନୂତନ ହସ୍ପିଟାଲକୁ ତୁରନ୍ତ ସ୍ଥାନାନ୍ତରିତ କରି କାର୍ଯ୍ୟକ୍ଷମ କରିବା ଦାବିରେ ବିଜୁ ଜନତା ଦଳ, ବାରିପଦା ନିର୍ବାଚନ ମଣ୍ଡଳୀ ପକ୍ଷରୁ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୧୫ଦିନ ମଧ୍ୟରେ ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନକରାଗଲେ ଗଣଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୫କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୪ ମସିହାରେ ନୂତନ ହସ୍ପିଟାଲ ଭବନକୁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇପାରିନାହିଁ। ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନିଜର ମତ ରଖିବା ବେଳେ ଶ୍ରୀ ମାର୍ଣ୍ଡି କହିଥିଲେ ଯେ, ମେଡିକାଲ କଲେଜ ସଂଲଗ୍ନ ନୂତନ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଓ ଭିତ୍ତିଭୂମି ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକ୍ଷମ ନକରାଯିବା ଜିଲ୍ଲାବାସୀଙ୍କ ସହ ଏକ ପ୍ରକାର ଅବହେଳା। ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ମୟୂରଭଞ୍ଜ ଭଳି ଏକ ବୃହତ୍ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ସୁବିଧାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। କିନ୍ତୁ ବିଭିନ୍ନ ସମୟରେ ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ବଡ଼ ହସ୍ପିଟାଲକୁ ରେଫର କରାଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଏହି ମେଡିକାଲ କଲେଜକୁ 'ରେଫର୍ ହସ୍ପିଟାଲ୍ ବୋଲି କହିବାର ପ୍ରବଣତା ବଢ଼ିଛି। ଏଭଳି ଟ୍ୟାଗଲାଇନ ଏକ ମେଡିକାଲ କଲେଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି। ନୂତନ ହସ୍ପିଟାଲକୁ ତୁରନ୍ତ ଖୋଲି ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରନ୍ତୁ, ନଚେତ୍ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ପୂର୍ବତନ ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜୀବ ଜେନା, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଜିତ୍ ପଟ୍ଟନାୟକ, ବାରିପଦା ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଯୁବ ନେତା ନନ୍ଦନ ଭଞ୍ଜ, ଛାତ୍ର ନେତା ବିଶ୍ୱଜିତ ପରିଚ୍ଛା, ଅମିତ ବୈଠା, ରାମଚନ୍ଦ୍ର ବିଶ୍ୱାଳ, ମନୀଷ ବେହେରା, ଶିବଶଙ୍କର ଦାସ ଓ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଦର ଥାନା ଅଞ୍ଚଳରେ ପୋଲିସର ଫ୍ଲାଗ ମାର୍ଚ୍ଚ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ଜିଲ୍ଲାର ସଦର ଥାନା ଅଞ୍ଚଳରେ ଅପରାଧୀ ଗୋଷ୍ଠି ସକ୍ରିୟ ହେବାରେ ଲାଗିଛନ୍ତି। ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି। ତେଣୁ ଆଜି ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ ଆଇ.ଜି ନିତି ଶେଖର, ଏସ.ପି ଡ଼ା. ଶ୍ରବଣା ବିବେକ ଏମଙ୍କ ନିର୍ଦ୍ଦେଶ କ୍ରମେ ସନ୍ଧ୍ୟାରେ ସଦର ଥାନା ପୋଲିସ ବାଲିପଡ଼ା, ଦକ୍ଷିଣପୁର, କୁକୁଡ଼ାଖଣ୍ଡି, ଆଙ୍କଶପୁର ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରି ଲୋକମାନଙ୍କୁ ଭୟଭୀତ ନହେବାକୁ ସଚେତନ କରିଥିଲା । ଏଥି ସହ ଅପରାଧୀ ମାନେ ସୁଧୁରିଯିବା ସହ ଅସାମାଜିକ କାର୍ଯ୍ୟକଳାପରୁ ଦୁରେଇ ଯାଇ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ କହିଛି। ଫ୍ଲାଗମାର୍ଚ୍ଚ ବେଳେ ସଦର ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ଥାନାର ସମସ୍ତ ପୋଲିସ ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ଫୋର୍ସ ଅଂଶ ଗ୍ରହଣ କରିଥିଲେ ।

## ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦର

# ୨୪ ତମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି

ଆସିକା, (ସବ୍ୟୁ): ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ, ଓଡ଼ିଶା ତରଫରୁ ଛବିଶିତମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଆସନ୍ତା ୭ ତାରିଖ ଦିନ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ରାଜ୍ୟ ସ୍ତରୀୟ ସମାରୋହ କଟକ ସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ହେଉଥିବା ଜଣାଯାଇଛି। ଏହି ଅବସରରେ ରାଜ୍ୟର ବହୁ ବିଶିଷ୍ଟ ଆଲୋଚକ, ଗବେଷକ ଓ ବାଗ୍ମୀ ଅତିଥିବୃନ୍ଦ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ସମ୍ପାଦକ ରବୀନ୍ଦ୍ର କୁମାର ମଲ୍ ସୂଚନା ଦେଇଛନ୍ତି। ଓଡ଼ିଆ ସାହିତ୍ୟ ଓ ପଲ୍ଲୀ ସଂସ୍କୃତି ଗବେଷକ ପ୍ରାକ୍ତନ ବରିଷ୍ଠ ପ୍ରଶାସକ ତଥା ଗୀତିକବି ଧନଞ୍ଜୟ ସ୍ୱାଇଁ, ଉଦୀୟମାନ ଯୁବ ସାହିତ୍ୟିକ ଇଂ ନିର୍ମଳ ଚନ୍ଦ୍ର ରାଉତ, ଓଡ଼ିଆ କଳା, ଐତିହ୍ୟ ଓ ସଂସ୍କୃତି ଗବେଷିକା ଡଃ ଭାଗ୍ୟଲିପି ମଲ୍ଲ, ଓଡ଼ିଆ ଭାଷା, ସାହିତ୍ୟ ଓ ଜ୍ୟୋତିର୍ବିଦ୍ୟା ଗବେଷକ ଡଃ ଅନ୍ନଦା ତ୍ରିପାଠୀ ଓ ବରିଷ୍ଠ ସାରସ୍ୱତ ସାଧକ କୁଞ୍ଜ ବିହାରୀ ପାଢ଼ୀଙ୍କୁ ଯଥାକ୍ରମେ ସମ୍ଭାବନା ଗୀତିଗୌରବ ସମ୍ମାନ, ସମ୍ଭାବନା ବାଣୀଶ୍ରୀ ସମ୍ମାନ , ସମ୍ଭାବନା ସଂସ୍କୃତି ସମ୍ମାନ, ସମ୍ଭାବନା ଜ୍ଞାନଗୁରୁ ସମ୍ମାନ ଓ ସମ୍ଭାବନା ବାଣୀପୁତ୍ର ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପରିଷଦର ଊଣେଇଶତମ ବାର୍ଷିକ ସାହିତ୍ୟ ମୁଖପତ୍ର ରବି ରଶ୍ମିକୁ ଲୋକାର୍ପଣ କରାଯିବା ସହ କବିତା ପାଠ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚତୁର୍ଭୁଜ ସାହୁ, ଶୁକଦେବ ସାମନ୍ତରାୟ, ହରିଶ୍ଚନ୍ଦ୍ର ବେହେରା, ସନ୍ତୋଷ କୁମାର ଦାସ ପ୍ରମୁଖଙ୍କୁ ମଧ୍ୟ ପୂଜ୍ୟପୂଜା ମଞ୍ଚରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ ବଂଶୀଧର ରଥ, ସଭାପତି ମୃତ୍ୟୁଞ୍ଜୟ ରଥ, ଉପସଭାପତି ନିତ୍ୟାନନ୍ଦ ରାଉତ ଓ ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ମଲ୍ଲ ସମସ୍ତ ସାହିତ୍ୟ ଓ ସଂସ୍କୃତିପ୍ରେମୀଙ୍କୁ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡିଶା ଫାର୍ମାସୀଷ୍ଟ ଅଧିକାରୀ ସେବା ସଂଘ ପକ୍ଷରୁ ଦାବିପତ୍ର

ଛତ୍ରପୁର, (ସବ୍ୟୁ): ଫାର୍ମାସୀଷ୍ଟ ଅଧିକାରୀ ମାନେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଅବିଭାଜ୍ୟ ଅଂଶ ଭାବେ ଔଷଧ ବିତରଣ, ରୋଗୀ ସେବା ସହଯୋଗ, ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟନୟନ ଓ ସରକାରୀ ହସ୍ପିଟାଲମାନଙ୍କ ସୁଚାରୁ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଓଡ଼ିଶାର ଫାର୍ମାସୀ ଅଧିକାରୀ ମାନଙ୍କ ବେତନ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥାମାନଙ୍କ ତୁଳନାରେ ଅତ୍ୟନ୍ତ କମ ଅଟେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସୀ ଅଧିକାରୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ ବର୍ଦ୍ଧିତ ଦାୟିତ୍ୱକୁ ଦୃଷ୍ଟିରେ ରଖି ଫାର୍ମାସୀଷ୍ଟ ଅଧିକାରୀଙ୍କ ସଂଘ ମୂଳ ବେତନ ସଂଶୋଧନ, ପଦୋନ୍ନତି ସୁବିଧା ଓ ବୃତ୍ତିଗତ ସ୍ୱୀକୃତି ସମ୍ପର୍କିତ ଯୁକ୍ତିସଙ୍ଗତ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଓଡିଶା ଫାର୍ମାସୀଷ୍ଟ ଅଧିକାରୀ ସେବା ସଂଘ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଏକ ଲିଖିତ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ସଂଘ ଶାଖାର ସଭାପତି ସୁଧାକର ପାଣିଗ୍ରାହୀ ଏବଂ ପଙ୍କଜ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦାବିକୁ ଯଥାଶୀଘ୍ର ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପପୁ ପମପମଙ୍କ କମେଡି ଏବଂ ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ଛତ୍ରପୁର, (ସବ୍ୟୁ): ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ମହାଆଡମ୍ବରରେ ଚାଲିଛି । ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୁପ୍ରସିଦ୍ଧ ହାସ୍ୟକଳାକାର ପପୁ ପମପମଙ୍କ ମନମତାଣିଆ କମେଡି ଏବଂ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ 'ରାଣୀ ଗୁରୀ', 'ଦିଲ୍ କି ରାଣୀ', 'ରସିଆ' ଓ 'ହଇ ଗୋ' ଗୀତରେ ଦର୍ଶକ ଓ ଶ୍ରୋତାମାନେ ବିଭୋର ହୋଇଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ଶ୍ରୀ ନାୟକ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସୁନୀଲ କେରକେଟା, ବ୍ରହ୍ମପୁର ମହାନଗର ନିଗମର କମିଶନର ଅକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇଏଏସ ପ୍ରୋବାସେନର ସୁଶ୍ରୀ ସରନ୍ୟା ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରିବା ସହିତ ସମସ୍ତ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବା ସହିତ ଅନ୍ୟମାନଙ୍କୁ ଏ ମହୋତ୍ସବର ବିଭିନ୍ନ ଆୟୋଜନ ବିଷୟରେ ଜଣାଇବା ପାଇଁ କହିଥିଲେ । ଛତ୍ରପୁର ବିଧାୟକ ଶ୍ରୀ ନାୟକ ଛତ୍ରପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଛତ୍ରପୁର ପୌର ପରିଷଦ, ଗଞ୍ଜାମ ଓ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର ଓ ଅନ୍ୟାନ୍ୟ ଜନପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମା' ବ୍ରାହ୍ମଣ ଦେବୀ ନାଟ୍ୟ, ଜାମୁଲାଇ, ଭଞ୍ଜନଗରର କଳାକାରଙ୍କ କୃଷ୍ଣଲୀଳା, ଉତ୍କଳିକା ନୃତ୍ୟ ଅନୁଷ୍ଠାନ, ବ୍ରହ୍ମପୁରର ଓଡ଼ିଶୀ, ଲକ୍ଷ୍ୟମଞ୍ଜରୀ କଳାକ୍ଷେତ୍ରର କୁଚିପୁଡ଼ି, ଡି.ଏସ୍. ଡାନ୍ସ ଏକାଡେମୀ, ଗଞ୍ଜାମର ଆଧୁନିକ ନୃତ୍ୟ, ଜେଡିସି ଆର୍ଟ୍ସ ଷ୍ଟୁଡିଓ, ଛତ୍ରପୁରର ଲୋକନୃତ୍ୟ, ରୟାଲ ଡାନ୍ସ ଏକାଡେମୀର ଆଧୁନିକ ନୃତ୍ୟ ଏବଂ ଦି ପଲ୍ଲବୀ, କରଞ୍ଜିଆ, ମୟୂରଭଞ୍ଜର ମଲ୍ଲଖମ୍ବ ନୃତ୍ୟ ଦେଖଣାହାରୀଙ୍କୁ ବିମୋହିତ କରିଥିଲା। ଛତ୍ରପୁର ମହୋତ୍ସବରେ ୧୫୦ଟି ଷ୍ଟଲ ରହିଛି। ତା'ମଧ୍ୟରୁ ୨୪ଟି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗ ଗୋଷ୍ଠୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଅଂଶଗ୍ରହଣ କରିଛନ୍ତି। ଏହି ଦଳମାନଙ୍କ ମଧ୍ୟରେ ୫୦ ଜଣ ଲକ୍ଷପତି ଦିଦି ଅଛନ୍ତି। ସେହି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗ ଗୋଷ୍ଠୀର ମା'ମାନେ ନିଜ ଉଦ୍ୟମ, ପରିଶ୍ରମ ଓ ସଫଳତାର କାହାଣୀକୁ ସେମାନଙ୍କ ଉତ୍ପାଦ ମାଧ୍ୟମରେ ପ୍ରଦର୍ଶନ କରୁଛନ୍ତି। ସେହିପରି ୨୨ଟି ଷ୍ଟଲରେ ବିଭିନ୍ନ କୃଷି ଯନ୍ତ୍ରପାତି, ସରକାରୀ ଯୋଜନା, ଡ୍ରୋନ୍ ଇତ୍ୟାଦିର ପ୍ରଦର୍ଶନ କରାଯାଉଛି। ପ୍ରତ୍ୟେକ ଦିନ ବିଭିନ୍ନ ବିଷୟ ଉପରେ ପାଠଚକ୍ର ଆୟୋଜନ କରାଯାଇ କୃଷକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହି ପ୍ରଦର୍ଶନୀ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ କୃଷକ ଭାଇ ଓ ଭଉଣୀମାନେ ଲାଭାନ୍ୱିତ ହେଉଛନ୍ତି। ଗଞ୍ଜାମ ଜିଲ୍ଲାରେ ୧୦୦୦ରୁ ଅଧିକ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସୁଫଳ ମିଳିପାରିଛି। ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ଜିଲ୍ଲାର ୧୨ଟି ଗୋଶାଳାକୁ ପାଖାପାଖି ୨.୨ କୋଟି ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଅନ୍ୟ ଷ୍ଟଲ ଗୁଡିକରେ ଖାଦ୍ୟ ମେଳା, ସୁଭଦ୍ରା ଶକ୍ତି ମେଳା, ପଲ୍ଲିଶ୍ରୀ ମେଳା , ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ପ୍ରଦର୍ଶିତ ହେଉଛି । ଗଞ୍ଜାମ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ୯ ଲକ୍ଷରୁ ଅଧିକ ହିତାଧିକାରୀ ୧୮୪୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆର୍ଥିକ ସହାୟତା ଅଦ୍ୟାବଧି ପାଇସାରିଛନ୍ତି । ଏହି ଆର୍ଥିକ ସହାୟତା ଛୋଟ ଛୋଟ ବ୍ୟବସାୟର ବିକାଶ ଏବଂ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରୁଛି। ଖାଦ୍ୟ ମେଳାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ଯଥା ପିଠା, ପଣା, ମିଷ୍ଟାନ୍ନ ଇତ୍ୟାଦି ସହିତ ବାଲେଶ୍ୱରର ପତ୍ରପୋଡ଼ା ମାଂସ, ବାରିପଦାର ମୁଢ଼ିମାଂସ ଇତ୍ୟାଦି ମିଳୁଛି । ଆସନ୍ତାକାଲି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ କୁଳଦୀପ ପଟ୍ଟନାୟକ ତାସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନେ ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।



# ପ୍ରିନ୍ସ କଲେଜରୁ ପଢି ପାଇଲେ ଆଇଆଇଟି

ବାରିପଦା, (ସବ୍ୟୁ) : ଚଢ଼େଇପାହାଡ଼ି ପରି ଏକ ଦୁର୍ଗମ ଅଞ୍ଚଳରୁ ସାଗ୍ରାମ୍ ମାରାଣ୍ଡି ପ୍ରିନ୍ସ ପବ୍ଲିକ୍ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ମେଧାବୀ ଛାତ୍ର ଭାବରେ ସେ ନବମ ଶ୍ରେଣୀରେ ସର୍ବ ଭାରତୀୟ ସ୍ତରରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅର୍ଜନ କରି ପ୍ରିନ୍ସରେ ତାଙ୍କ ସଫଳତାର କାହାଣୀ ଆରମ୍ଭ କରିଥିଲେ। ଏହାପରେ ୨୦୨୩ ଦଶମଶ୍ରେଣୀ ବୋର୍ଡ୍ ପରୀକ୍ଷାରେ ୯୩.୫ ପ୍ରତିଶତ (ଇ୧) ସ୍ଥାନ ପାଇ ପୁଣିଥରେ ନିଜ ସଫଳତା ଦୋହରାଇଥିଲେ। ଏହାପରେ ସେ ପ୍ରିନ୍ସ କଲେଜ୍‌ରେ ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖାଇଥିଲେ। ୨୦୨୫ ଯୁକ୍ତ ଦୁଇ ବିଜ୍ଞାନ ବୋର୍ଡ୍ ପରୀକ୍ଷାରେ ୯୬% କରି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ସମଗ୍ର ରାଜ୍ୟରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେ ପ୍ରିନ୍ସ ଏଣ୍ଟ୍ରାନ୍ସ କ୍ଲାସେସ୍‌ରେ ଜେଇଇ ଏବଂ ନିଟ୍ ପାଇଁ କୋଚିଂ ନେଉଥିଲେ। ୨୦୨୬ରେ ଆୟୋଜିତ ଜେଇଇ ଆଡଭାନ୍ସରେ ସର୍ବଭାରତୀୟ ସ୍ତରରେ ୮୧୮ସ୍ଥାନ ପାଇ ଆଇଆଇଟିରେ ପଢ଼ିବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନା ଥାଉକି ପ୍ରିନ୍ସ କଲେଜ ଦ୍ୱାରା ୧୦ଜଣ ପିଲାଙ୍କୁ ମାଗଣାରେ କୋଚିଙ୍ଗ ଦିଆଯାଉଥିଲା, ସେଥିମଧ୍ୟରୁ ୪ଜଣ ଜେଇ ମେନ ପାଇଥିବା ବେଳେ ଜଣେ ଜେଇ ଆଡ଼ଭାନ୍ସ ପାଇଛନ୍ତି । ସାଗ୍ରାମ୍‌ଙ୍କ ଏହି ଗୌରବମୟ ସଫଳତାର ଯାତ୍ରା ପଛରେ ରହିଛି ତାଙ୍କର ଅକ୍ଳାନ୍ତ ପରିଶ୍ରମ, ଦୃଢ଼ ସଙ୍କଳ୍ପ, ନିଷ୍ଠା ଓ ଅଧ୍ୟବସାୟ। ଏଥିସହ ଅଭିଭାବକଙ୍କ ନିରନ୍ତର ପ୍ରେରଣା, ପ୍ରିନ୍ସ ପବ୍ଲିକ୍ ସ୍କୁଲ୍ ଓ ପ୍ରିନ୍ସ କଲେଜ୍‌ର ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଅଧ୍ୟାପକ-ଅଧ୍ୟାପିକାମାନଙ୍କ କଠିନ ପରିଶ୍ରମ ଏବଂ ସଠିକ୍ ମାର୍ଗଦର୍ଶନ ତାଙ୍କ ସଫଳତାର ଦୃଢ଼ ଭିତ୍ତି ପାଲଟିଛି।



# ଘରୋଇ କଳହକୁ କେନ୍ଦ୍ର କରି ମାରପିଟ, ୪ ଆହତ

କଣିହାଁ, (ସବ୍ୟୁ) : କଣିହାଁ ଥାନା ଅନ୍ତର୍ଗତ କାକୁଡ଼ିଆ ଗ୍ରାମରେ ଘରୋଇ କଳହକୁ କେନ୍ଦ୍ର କରି ଏକ ପରିବାର ମଧ୍ୟରେ ମାରପିଟ ହୋଇ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିବା ଜଣାଯାଇଛି। ଏଥିନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ପୁଲିସ ୨ଟି ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରଥମ ଅଭିଯୋଗ ଅନୁସାରେ, ଘରେ ବଡ଼ ଭାଇ ଇନ୍ଦ୍ରମଣି ନାଏକ (୫୬) ଓ ମଝିଆ ଭାଇ ଜୟନ୍ତ ନାଏକ (୪୦) ଥିବାବେଳେ ସାନ ଭାଇ ସନ୍ତୋଷ ନାଏକ (୩୫) ଏବଂ ତାଙ୍କ ସ୍ତ୍ରୀ ଗାୟତ୍ରୀ ନାଏକ (୩୦)ଙ୍କର ଟଙ୍କା ଦବା ନବା କୁ ନେଇ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିବାରୁ ଉଭୟ ପକ୍ଷ ମଧ୍ୟରେ ମାରପିଟ ଘଟିଥିଲା।

ଏଥିରେ ଉତ୍ତେଜିତ ହୋଇ ସାନଭାଇ ସନ୍ତୋଷ ଓ ତାର ସ୍ତ୍ରୀ ଗାୟତ୍ରୀ ପନିଖିରେ ଦେଢଶୁର ଇନ୍ଦ୍ରମଣି ଓ ଜୟନ୍ତଙ୍କୁ ଆକ୍ରମଣ କରିବାରୁ ଗୁରୁତର ଆହତ ହୋଇଥିଲେ। ପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକମାନେ ଆହତମାନଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଇନ୍ଦ୍ରମଣିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କର କଣିହାଁରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗାୟତ୍ରୀ ନାଏକଙ୍କ ଅଭିଯୋଗ କ୍ରମେ ତାଙ୍କୁ ତାର ସ୍ୱାମୀ ସନ୍ତୋଷଙ୍କୁ ଦୁଇ ଦେଢ଼ଶୁର ମିଶି ଆକ୍ରମଣ କରିଛନ୍ତି । ଏଥିରେ ଉଭୟ ପକ୍ଷର ୪ଆହାତ ହୋଇଥିବା ବେଳେ ପୁଲିସ ଦୁଇଟି ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

### ଫାର୍ମ ହାଉସରେ ହାତୀକୁ ମାରି ପୋତି ଦେବା ଘଟଣା

# ବନପାଳ ନିଲମ୍ବିତ, ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ, ତିନି କୋର୍ଟଚାଲାଣ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ତଥା ସେକ୍ସନର ଏନ ଏ ସି ଅନ୍ତର୍ଗତ ୧୪ ନଂ ୱାର୍ଡ ଚରଣପୁର ଠାରେ ଫାର୍ମ ହାଉସ ମାଲିକ ଅଭିଯୁକ୍ତ ପ୍ରମୋଦ ରାଜ ,ଜେସିବି ଅପରେଟର କୁନୁ ଭୁତିଆ ଓ ୱାଚର ରାଜୁ ଚୌଧୁରୀଙ୍କ ସହଯୋଗରେ ଗତ ରବିବାର ଦିନ ସୋଲାର ତାର ବାଡ଼ରେ ବିଦ୍ୟୁତ ସଂଯୋଗ କରାଇ ଏକ ମାଖନ ହାତୀକୁ ମାରି ନିଜ ବଗିଚା ମଧ୍ୟରେ ପୋତି ଦେବା ଘଟଣା ସ୍ଥାନିୟ ବନବିଭାଗର ଜ୍ଞାତସାରକୁ ଆସିବା ପରେ ରବିବାର ଅପରାହ୍ନ ଠାରୁ ବିଭାଗ ପକ୍ଷରୁ ଏନେଇ ତନାଘନା ଆରମ୍ଭ ହୋଇ ଯାଇ ଥିଲା। ରାଜଙ୍କ ଫାର୍ମ ହାଉସକୁ ସିଲ କରାଯାଇ ଗତକାଲୀ ମାଜିଷ୍ଟ୍ରେଟ, ପୋଲିସ ଓ ସ୍ଥାନୀୟ ପ୍ରାଣୀ ଧନ ଚିକିତ୍ସାଳୟର ଚିକିତ୍ସକଙ୍କ ଉପସ୍ଥିତିରେ ମାଟି ଖୋଳି ମୃତ ହାତୀର ଗଳିତ ଶବକୁ ବ୍ୟବଚ୍ଛେଦ କରାଇ ପୁନର୍ବାର ସେହି ସ୍ଥାନରେ ପୋତି ଦେଇଥିଲେ । ପରେ ପରେ ଘଟଣାର ସର୍ଜମିନ ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ମୁଖ୍ୟ



ଅଭିଯୁକ୍ତ ଶ୍ରୀ ରାଜଙ୍କ ସମେତ ଜେସିବି ଅପରେଟର କୁନୁ ଭୂତିଆ ,ସହଯୋଗୀ ରାଜୁ ଚୌଧୁରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ କୋର୍ଟଙ୍କ ପକ୍ଷରୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି। ସେହିଭଳି ଏହି ଘଟଣା ନେଇ ଅନୁଗୋଳ ଆର୍ ସି ସି ଏଫ ସଞ୍ଜୟ ସ୍ୱାଇ ଦାୟିତ୍ୱରେ ଥିବା ବନପାଳ ଦୀପ୍ତି ରଞ୍ଜନ ଆଚାର୍ଯ୍ୟଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ ହିନ୍ଦୋଳ ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଏହି ଘଟଣା ଏହି ଅଞ୍ଚଳରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି ।

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ



ଆଠମଲ୍ଲିକ, (ସବ୍ୟୁ) : ମେ ମାସ ୨୭ ତାରିଖରେ କାଳବୈଶାଖୀରେ ଗଛ ପଡି କନ୍ଧପଡ଼ା ପଞ୍ଚାୟତ ନାରାୟଣପୁର ଗ୍ରାମର ଶୋଭାଗିନୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ସଞ୍ଜୀବ କୁମାର ସାହୁ ମୃତକ ଙ୍କ ପରିବାର ବଗଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ ମୃତକଙ୍କ ସ୍ୱାମୀ ରମେଶ ପ୍ରଧାନ ଙ୍କ ସହ ଆଲୋଚନା କରିବା ସହ ପ୍ରଶାସନ ତରଫରୁ କିପରି ଶୀଘ୍ର ସହାୟତା ମିଳିବ ତାହାରି ଉପରେ ଆଲୋଚନା କରିଥିଲେ । ଶ୍ରୀ ସାହୁ ଙ୍କ ସମେତ କୁଦଗାଁ ସରପଞ୍ଚ ସିଦ୍ଧାର୍ଥଶଙ୍କର କ୍ଷେତି, ବିଜେପି ନେତା ସୁଶାନ୍ତ ହୋତା, ସୋମ୍ୟ ରଞ୍ଜନ ମହାନ୍ତି, ଅନ୍ତର୍ଯ୍ୟାମୀ ମହାକୁଡ଼, ଅନନ୍ତ ମହାକୁଡ଼, ଆଦିତ୍ୟ ମେହେର, କାଳିଆ ଦେହୁରୀ, ରମେଶ ପାତ୍ର, ବେଲାର ସେନ ସାହୁ ଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ ।

# ବଜ୍ରପାତରେ ଦୁଇ ଯୁବଚାଷୀଙ୍କ ମୃତ୍ୟୁ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ଜଟିଆ ରୁଗୁଡ଼ି ନିକଟରେ ସୋମବାର ଦିନ ବଜ୍ରପାତ ଘଟି ପାପସରା କିସାନ ସାହିର ଦୁଇ ଜଣ ଯୁବ ଚାଷୀଙ୍କର ମୃତ୍ୟୁ ହୋଇଛି । ସେମାନେ କିସାନ ସାହର ସଞ୍ଜୟ ସାହୁ (୨୫) ଓ ତାଙ୍କ ଦାଦାଙ୍କ ପୁଅ ଆର୍ତ୍ତ ବେହେରା (୨୩) । ଉଭୟଙ୍କର ମୃତଦେହକୁ ମଙ୍ଗଳବାର ଦିନ ହଣ୍ଡପା ପୋଲିସ ଜବତ କରି ବ୍ୟବଛେଦ ପାଇ ହଣ୍ଡପା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଛି । ଏ ନେଇ ଦୁଇଟି ଅପମୃତ ମାମଲା ରୁଜୁ କରିଛି । ଘଟଣାରୁ ଜଣା ପଡିଛି , ଉଭୟ ଙ୍କର ଜଟିଆ ସାହି ନିକଟରେ ଥିବା ଜମି ରେ ଧାନ ଚାଷ ପାଇ ହଳଧରା ଯାଉଥିଲା । କେତେ ଜମି ହଳ ଧରା ଯାଇଛି ଉକ୍ତ ଦୁଇ ଭାଇ ସୋମବାର ଦିନ ଅପରାହ୍ନ ୫ ଟା ରେ ତାଙ୍କ ଘରୁ ରୁଗୁଡ଼ିସାହି ଜମିକୁ ଦେଖିବାକୁ ଯାଇଥିଲେ । ହେଲେ ସୋମବାର ଦିନ ଅପରାହ୍ନ ୫:୩୦ ରେ ବଜ୍ରପାତ ଘଟିଥିଲା । ଉଭୟ ଦୁଇ ଭାଇ ବଜ୍ରପାତ ଦେଖି ବିଲ ନିକଟରେ ଥିବା ଏକ ମହୁଲ ଗଛ ତଳେ ବସି ପଡ଼ିଥିଲେ । ପରେ ବଜ୍ରପାତ ଉକ୍ତ ଦୁଇ ଭାଇଙ୍କୁ ମାରିଥିଲା । ଫଳରେ ଘଟଣା ସ୍ଥଳ ରେ ଉକ୍ତ ଦୁଇ ଭାଇ ମୃତ୍ୟୁ ବରଣ କରିଥିଲେ । ସେମାନେ ସୋମବାର ଦିନ ଘରକୁ ନ ଫେରିବାରୁ ମଙ୍ଗଳବାର ଦିନ ଗ୍ରାମବାସୀ ଓ ସେମାନ ଙ୍କର ସମ୍ପର୍କୀୟ, ପରିବାର ଲୋକେ ଖୋଜା ଖୋଜି କରିଥିଲେ । ପରେ ଉକ୍ତ ମହୁଲ ଗଛ ତଳେ ସେମାନଙ୍କର ମୃତଦେହ ପଡ଼ିଥିବା ଦେଖି ପୋଲିସ କୁ ସୂଚନା ଦେଇଥିଲେ । ଖବର ପାଇ ହଣ୍ଡପା ଆଇ ଆଇ ସି ରାଜେସ ଶତପଥି ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ତୁରନ୍ତ ସେମାନ ଙ୍କ ପରିବାର କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇ ବିଜେଡି ନେତା ଭାଗିରଥି ପ୍ରଧାନ ଦାବି କରିଛନ୍ତି ।

### ହାତୀ ଆକ୍ରମଣରେ ଜଣେ ମୃତ

# ପୁଅକୁ ହାତୀ ସ୍କ୍ୱାଡ୍‌ରେ ଚାକିରି ଦେବାପାଇଁ ଦାବି

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ସରାଙ୍ଗ ଫାଣ୍ଡି ଡମୋଳ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମୃତକ ଜଣଙ୍କ ହେଲେ ଡମୋଳ ଗ୍ରାମର ସ୍ୱର୍ଗତ ଟାଙ୍ଗୁରୁ ବେହେରାଙ୍କ ପୁତ୍ର ଅନି ବେହେରା (୫୧) । ଅନି ବେହେରା ବ୍ରାହ୍ମଣୀ ନଦୀ ନିକଟରେ ଫସଲ ବଗିଚାକୁ ରାତି ପ୍ରାୟ ସାଢେ ୮ଟା ବେଳକୁ ଖାଇପିଇ ଯିବାବେଳେ ବ୍ରହ୍ମା ନାୟକ ଆମ୍ବତୋଟା ଠାରେ ହଠାତ୍ ହାତୀ ଆକ୍ରମଣ କରି ଶୁଣ୍ଢରେ କଚାଡି ମୁଣ୍ଡକୁ ଦଳି ଦେଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ କୁମାର ପାଣି ପହଞ୍ଚିବା ସହ ମହାବିରୋଡ ରେଞ୍ଜର ସୁଶାନ୍ତ କୁମାର ପାତ୍ର, ଡିହଡୋଳ ସେକ୍ସନ ଫରେଷ୍ଟର ଚନ୍ଦ୍ରମଣ ବେହେରା ଓ ପରଜଙ୍ଗ ହାତୀ ସ୍କ୍ୱାର୍ଡ ଏବଂ କାମାକ୍ଷାନଗର ହାତୀ ସ୍କ୍ୱାର୍ଡ ପହଞ୍ଚିଥିଲେ । ଗରୀବ ପରିବାରରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ ଥିବାବେଳେ ମୃତ ଅନି ଯାହା ରୋଜଗାର କରନ୍ତି ସେତିକିରେ ଘର ଚଳେ । ଅନିଙ୍କ ପୁଅ ହାତୀ ସ୍କ୍ୱାର୍ଡରେ ଚାକିରି ଓ ହାତୀ ଚଳପ୍ରଚଳ ଜାଗାରେ ତାରବାଡ ଦେବାପାଇଁ ଗ୍ରାମବାସୀ ଓ ପଞ୍ଚାୟତ ସରପଞ୍ଚ ସୁନୀଲ କୁମାର ଧଳ ଦାବୀ କରିଥିଲେ । ପ୍ରତିଶ୍ରୁତି ପରେ ମୃତ ଶରୀରକୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ରାଶି ଯୋଗାଇ ଦେବାସହ ଦଶକର୍ମପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିବାପାଇଁ ସୂଚନା ମିଳିଛି । ମଙ୍ଗଳବାର ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ ଅନିଙ୍କ ଶେଷ ଦର୍ଶନ କରିବାସହ ତାଙ୍କ ପରିବାରକୁ ଆଶ୍ୱାସନା ଦେଇଥିଲେ । ବିଜେପି ନେତ୍ରୀ ବନଲତା ମହାନ୍ତି ଓ କର୍ମୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ତାଳଚେର, (ସବ୍ୟୁ) : ଦେଉଳବେଡ଼ା ଡିସିଆଇ କ୍ଲବ ପରିସରରେ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଏମ୍ସିଏଲ ଆମ୍ବୁଲାନ୍ସ ଡିଭିଜନର ମିଳିତ ଆନୁକୂଲ୍ୟରେ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏମ୍ସିଏଲ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଏକ ସାମାଜିକ ସଚେତନତା ଭିତ୍ତିକ ନାଟକ 'ଅ-ସିଖା ସୁରକ୍ଷା' ଅତ୍ୟନ୍ତ ଜୀବନ୍ତ ଓ ପ୍ରଭାବଶାଳୀ ଭାବେ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ତାଳଚେରର ଏମ୍ଭିଆଇ ତପନ କୁମାର ବେଟି ସହିତ ସୌଭାଗ୍ୟ ଚନ୍ଦ୍ର ବେହେ ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ଏମ୍ସିଏଲ ଆମ୍ବୁଲାନ୍ସ ଡିଭିଜନର କମାଣ୍ଡର ଦୀନବନ୍ଧୁ ପ୍ରଧାନ ଏବଂ ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ଟିକନ ସାହୁ, ସୁଶୀଲ କୁମାର ଓ ରାକେଲ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଚକିଆ ଚଳାଇବା ବେଳେ ହେଲମେଟ ଓ ଚାରିଚକିଆ ଚଳାଇବା ବେଳେ ସିଟ ବେଲଟ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା ।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ଅନୁଗୋଳ, (ସବ୍ୟୁ) : ତଳମୁଳ ଶାସନ ପଞ୍ଚାୟତର ନୂଆସାହି ଗ୍ରାମର ସ୍ୱର୍ଗତ ପ୍ରହଲ୍ଲାଦ ଦାଶଙ୍କ ଧର୍ମପତ୍ନୀ ଯାଜ୍ଞସେନୀ ଦାଶଙ୍କ ଗତକାଲି ସକାଳ ପ୍ରାୟ ୧୦ ଘଟିକା ସମୟରେ ଅନୁଗୋଳ ଗୀତାଗ୍ରାମ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠା, ଧର୍ମପରାୟଣା ଥିଲେ। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କର ଦୁଇ ପୁତ୍ର, ପୁତ୍ର ବଧୂ, ଚାରି ଝିଅ, ଜ୍ୱାଇଁ, ନାତି, ନାତୁଣୀ ତଥା ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ତଳମୁଳ ଗ୍ରାମପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ୱର୍ଗତାଙ୍କ ଜ୍ୟେଷ୍ଠ ପୁତ୍ର ଦୁର୍ଗା ଚରଣ ଦାଶ ଭାରତୀୟ ରାଜସ୍ୱ ସେବାରେ କାର୍ଯ୍ୟ କରି ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟୁକ୍ତରୁ ଅବସର ପ୍ରାପ୍ତ ହୋଇ ଅଧୁନା ନୂଆଦିଲ୍ଲୀରେ ରହୁଛନ୍ତି।

# ବିଜେଡ଼ି ପକ୍ଷରୁ ନାରୀ ଅଧିକାର ଅଭିଯାନ



ଆଠମଲ୍ଲିକ୍, (ସବ୍ୟୁ) : ରାଜ୍ୟରେ ନୂତନ ସରକାର ଗଠନ ହେଲା ପରେ ନାରୀ ଅତ୍ୟାଚାର କ୍ରମଶଃ ବୃଦ୍ଧି ପାଇବା, କେନ୍ଦ୍ର ସରକାର ମହିଳାଙ୍କ ପାଇଁ % ୩୩ ଭାଗ ସ୍ଥାନ ସଂରକ୍ଷଣ ନଦେବା, ଓ ଦରଦାମ ବୃଦ୍ଧି ପ୍ରତିବାଦ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟ ରେ ପ୍ରତିବାଦ ଚାଲିଥିବା ବେଳେ ଆଠମଲ୍ଲିକ ରେ ମଧ୍ୟ ବିଜେଡ଼ି ତରଫରୁ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଜେଡ଼ି ମହିଳା ତରଫରୁ ଏକତ୍ରିତ ହୋଇ ଥିଲେ । ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ଙ୍କ ନେତୃତ୍ୱ ରେ ଏକ ମହିଳା ଶୋଭାଯାତ୍ରା ବାହାରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ । ସେଠାରେ ଥିବା ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ପ୍ରତିବାଦ ସଭା କରାଯାଇଥିଲା । ପ୍ରତିବାଦ ସଭାରେ ବିଧାୟକ ଶ୍ରୀ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ,ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ,ବ୍ଲକ ବିଜେଡ଼ି ସଭାପତି ମହେଶ୍ୱର ଦେହୁରୀ, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତ ରଞ୍ଜନ କର୍ଣ୍ଣ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ,ବିଷ୍ଣୁପ୍ରିୟା ପ୍ରଧାନ, ରଶ୍ମିରେଖା ମାହାର ପ୍ରମୁଖ ରାଜ୍ୟ ସରକାର ଙ୍କ ଉପରେ ବର୍ଷିବା ସହିତ ସର୍ବ ଭାରତୀୟ ସ୍ତରରେ ମହିଳା ମାନଙ୍କ ପାଇଁ ଶତକଡା ୩୩% ସଂରକ୍ଷଣ ଦେବାକୁ ଦାବୀ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଯୁବନେତା ମହେନ୍ଦ୍ର ସାହୁ,ଅଜିତ ଆଚାର୍ଯ୍ୟ,ଏନ ଏ ସି ଉପାଧାକ୍ଷ ଗଦାଧର ସୱାଇଁ,ନଗର ବିଜେଡ଼ି ସଭାପତି ପ୍ରଦୀପ କୁମାର ଦାଶ,ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ବେହେରା,ସରପଞ୍ଚ ଦିଲ୍ଲୀପ ପ୍ରଧାନ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଓ ବହୁ ବିଜେଡ଼ି ସମର୍ଥକ ସାମିଲ ହୋଇଥିଲେ । ଶେଷରେ ରାଷ୍ଟ୍ରପତଙ୍କ ଉଦେଶ୍ୟରେ ନାରୀ ଅଧିକାରକୁ ନେଇ ଏକ ଦାବିପତ୍ର ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କୁ ପ୍ରଦାନ କରାଯାଇଥିଲା ।

# ବଜ୍ରପାତରେ ଦୁଇ ମୃତ

ବଇଣ୍ଡା, (ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ପାପସର ଗ୍ରାମର ଆରତ ବେହେରା (୨୩), ସଞ୍ଜୟ ସାହୁ (୨୫) ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତ । ସୋମବାର ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା, ସେଠାରେ ମୃତ୍ୟୁ ବରଣ ହୋଇଥିଲା.ରାତିରେ ବହୁତ ଖୋଜା ଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ, ମଙ୍ଗଳବଋର ସକାଳେ କିଛି ଲୋକ ଦେଖି ଥାନା କୁ ଖବର ଦେଇଥିଲେ. ହଣ୍ଡପା ପୁଲିସ ଶବ ଜବତ କରି ହଣ୍ଡପା ରେ ବ୍ୟବଛେଦ କରି ନିଜ ଘର ଲୋକ ଙ୍କୁ ହସ୍ତାନ୍ତର କରିଥିଲେ ।

# ପୂର୍ବତନ ନଗରପାଳଙ୍କ ଘରୁ ଚୋରି ଘଟଣା : ତିନି ଗିରଫ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାରରେ ରହୁଥିବା ପୂର୍ବତନ ନଗରପାଳ ସୁନିଲ ଶର୍ମାଙ୍କ ଘରୁ ଚୋରୀ ଘଟଣାରେପୋଲିସ ତିନି ଜଣକୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ମୋବାଇଲ ଫୋନ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

ଗତ ଏପ୍ରିଲ ୧୯ ତାରିଖ ଦିନ ଟାଉନ ଥାନା ଅନ୍ତର୍ଗତ ୨୧ ନମ୍ବର ୱାର୍ଡ ରତନବଜାରରେ ରହୁଥିବା ପୂର୍ବତନ ନଗରପାଳ ସୁନିଲ ଶର୍ମାଙ୍କ ଘରୁ ଚୋରୀ ହୋଇଥିଲା। ଏହି ଘଟଣାରେ ତାଙ୍କ ପୁଅ ୟଶ ଶର୍ମା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୨୭୯/୨୬ରେ ମାମଲା ରୁଜୁ କରି ତଦନ୍ତଚଳାଇଥିଲା।ଘଟଣା ଦିନ ସୁନିଲ ଶର୍ମାଏବଂ ତାଙ୍କ ପତ୍ନୀ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଚୋର ମାନେ ଜେଜେ ମାଆ ଏକାକୀ ଥିବା ବେଳେ ଚୋରୀ ହୋଇଥିଲା। ଘରର ମୁଖ୍ୟ ଦ୍ୱାର ଭାଙ୍ଗି ଘର ଭିତରେ ପ୍ରବେଶ କରିବା ସହିତ ଜିନିଷ ପତ୍ର ବିଛାଡି ହୋଇପଡିଥିଲା। ଘର ମଧ୍ୟରୁ ଆଲମିରାଭାଙ୍ଗି ନଗଦ ଦଶଲକ୍ଷ ଟଙ୍କା ସହିତ ୩୦ଲକ୍ଷ ଟଙ୍କାର ସୁନା ଗହଣା,୩ଟି ମୋବାଇଲ ଫୋନ ଚୋରୀକ ରି ନେଇଥିଲେ। ଏହି ଘଟଣାରେ ପୋଲିସ ଜଣେ କଟକ ଏବଂ ଅନ୍ୟ ଦୁଇଜଣ ପଶ୍ଚିମ ବଙ୍ଗ ମେଦିନପୁର ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ଛାନଭିନ କରି କଟକ ଲାଲବାଗ ଥାନା ସିଦ୍ଧେଶ୍ୱର ସାହିର ଏସକେ ନାଇମିଙ୍କ ପୁଅ ଶେଶୱାର ଓରଫ ସାଙ୍କି(୩୭),ପଶ୍ଚିମବଙ୍ଗ ପାନସ୍କୁରା ଥାନା କନକପୁରର ଏସକେ ଅନୱର ଅଲ୍ଲୀଙ୍କ ପୁଅ ଏସକେ ସୋହେଲ ଓରଫ ଏସକେ ମିନାଲ(୨୪) ଓ ସେକ ଜଇନାଲିଙ୍କ ପୁଅ ସେକ ମହିମ ଓରଫ ବକି(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ,ଗୋଟିଏ ଏୟାର ବୟାଗ,ମାକ୍ସ,ଟୋପି ଜବତ କରାଯାଇଛି।

# ବାଲିଅନ୍ତା ହତ୍ୟା ଘଟଣା ଢେଙ୍କାନାଳରୁ ଅଭିଯୁକ୍ତ ଗିରଫ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସଦରଥାନା ଅନ୍ତର୍ଗତ ସଦେଇବେରେଣୀରୁ ବାଲିଅନ୍ତା ହତ୍ୟା ଘଟଣାରେ ଜଡିତ ଥିବା ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବାର ଜଣାପଡିଛି। ବାଲିଅନ୍ତା ଘଟଣାରେ ଜଡିତ ଅଭିଯୁକ୍ତ ସଦର୍‌ଥାନା ସଦେଇବେରେଣୀରେ ଲୁଚି ରହିଥିଲା।ଏହି ଘଟଣାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ସହିତ ପ୍ରଦୀପ ମଙ୍ଗରାଜ ଓରଫ ଦିପୁକୁ ଗିରଫ କରି ନେଇଥିବାର ଜଣାପଡିଛି।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/197/2627

## ଘୋଷଣା

**No. RDM-LAB-BOUDH-0003-2024- 33632 / R&DM, Dated. 09.09.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପୁରୁଣାପାଣି, ଥାନା-ମନମୁଣ୍ଡା ନଂ-୧୩୫, ତହସିଲ-କଣ୍ଟାମାଳ, ଜିଲ୍ଲା-ବୌଦ୍ଧ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-27630 dated. 16.08.2024ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ପୁରୁଣାପାଣି, ଥାନା-ମନମୁଣ୍ଡା ନଂ-୧୩୫, ତହସିଲ-କଣ୍ଟାମାଳ, ଜିଲ୍ଲା-ବୌଦ୍ଧ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା - ବୌଦ୍ଧ** — **ତହସିଲ- କଣ୍ଟାମାଳ**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବୌଦ୍ଧ | କଣ୍ଟାମାଳ | ପୁରୁଣାପାଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୫୩୦ | ଏ. ୦.୫୩୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା - ବୌଦ୍ଧ** — **ତହସିଲ- କଣ୍ଟାମାଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ - ୨୫.୦୯.୨୦୨୪ ।

**ଜମିର ତାଲିକା**
**ପ୍ରସ୍ତାବିତ ଖୋର୍ଦ୍ଧାରୋଡ - ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ**
**ଗ୍ରାମ - ପୁରୁଣାପାଣି (ଅତିରିକ୍ତ), ତହସିଲ - କଣ୍ଟମାଳ, ଥାନା- ମନମୁଣ୍ଡା (ନଂ ୧୩୫) ଜିଲ୍ଲା- ବୌଦ୍ଧ**

**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୪ |
|---|---|---|---|---|---|---|
| | ଖତିଆନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ୍‌ର ନାମ |
| ୧ | ୬୨ | ୬୧୯ | ୦.୨୯୦ | ୦.୨୯୦ | ଆଟ | ବୈଷ୍ଣବ ପାତ୍ର, ଗଙ୍ଗାଧର ପାତ୍ର, ହରିହର ପାତ୍ର, ପ୍ରଫୁଲ୍ଲ ଗେଜ, ଯମୁନା କର୍ମ, ପି-ଖେତ୍ତୁ ପାତ୍ର |
| ୨ | ୧୧୦/୪୧ | ୪୧୧/ ୧୩୪୨ | ୦.୦୪୦ | ୦.୦୪୦ | ଘରବାରି | ସୁରୁବାଳୀ ନାଗ, ସ୍ୱା-ପଦ୍ମ ନାଗ |
| ୩ | ୧୧୦/୪୨ | ୪୧୧/ ୧୩୪୩ | ୦.୦୪୦ | ୦.୦୪୦ | ଘରବାରି | ବାହାନ ନାଗ, ପି-ପଦ୍ମ ନାଗ, ରଇବାରୀ ନାଗ ସ୍ୱା-ବାହାନ ନାଗ |
| ୪ | ୧୧୦/୬୩ | ୪୧୧/ ୧୩୫୫ | ୦.୦୪୦ | ୦.୦୪୦ | ଘରବାରି | କୁମର ମଲ୍ଲିକ, ପି-ଭିକାରୀ ମଲ୍ଲିକ, ଅସ୍କରା ମଲ୍ଲିକ, ସ୍ୱା-କୁମର ମଲ୍ଲିକ |
| ୫ | ୧୧୦/୬୪ | ୪୧୧/ ୧୩୫୬ | ୦.୦୪୦ | ୦.୦୪୦ | ଘରବାରି | ତୋଫାନ ସୁନା, ପି-କଷ୍ଟ ସୁନା, ପ୍ରେମଶିଳା ସୁନା, ସ୍ୱା-ତୋଫାନ ସୁନା |
| ୬ | ୧୧୦/୬୫ | ୪୧୧/ ୧୩୫୭ | ୦.୦୪୦ | ୦.୦୪୦ | ଘରବାରି | କଷ୍ଟ ସୁନା, ସ୍ୱା-ସୁରୁ ସୁନା, କୌଶଲ୍ୟା ସୁନା, ସ୍ୱା-କଷ୍ଟ ସୁନା |
| ୭ | ୧୧୦/୬୬ | ୪୧୧/ ୧୩୫୮ | ୦.୦୪୦ | ୦.୦୪୦ | ଘରବାରି | କର୍ମୁ ସାଗର, ପି-ଚାପଧାରୀ ସାଗର, ରାସେଶ୍ୱରୀ ସାଗର, ସ୍ୱା-କର୍ମୁ ସାଗର |
| | ମୋଟ ଏ | ୦.୫୩୦ | ୦.୫୩୦ | | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ମଧୁସ୍ମିତା ସାହୁ)**
**ଅତିରିକ୍ତ ଶାସନ ସଚିବ**

OIPR : 24001/24001/3/26-27/0055

# ଢେଙ୍କାନାଳ ରୋଟାରୀ କ୍ଲବ୍ ପ୍ରତିଷ୍ଠା ଦିବସ




ଢେଙ୍କାନାଳ, (ସବ୍ୟୁ) : ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଗଭର୍ଣ୍ଣର ରୋଟାରିଆନ୍ ମନୋଜ କୁମାର ତ୍ରିପଠୀ ରୋଟାରୀ କ୍ଲବ୍ ଢେଙ୍କାନାଳ ପରିଦର୍ଶନରେ ଆସି କ୍ଲବ୍‌ର ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଓ ପରିଚାଳନା ସମ୍ବନ୍ଧୀୟ ସମୀକ୍ଷା କରିଛନ୍ତି । ଅପରାହ୍ନ ୪ ଘଂଟା ସମୟରେ ସ୍ଥାନୀୟ ହୋଟେଲ ଆର୍.କେ.ରେଜେନ୍ସି ଠାରେ କ୍ଲବ୍ ସଭାପତି ରୋଟାରିଆନ୍ ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଓ କ୍ଲବ୍ ଆସେମ୍ବ୍ଲିରେ କ୍ଲବ୍‌ର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଚଳିତ ବର୍ଷ ଢେଙ୍କାନାଳ ରୋଟାରୀ କ୍ଲବ୍ ୫୦ବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବାରୁ ଶୁଭେଚ୍ଛା ଜଣାଇଥିଲେ । ଜଣେ ମହିଳା ସଭାପତିଙ୍କ ନେତୃତ୍ୱରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା, ମହିଳା ସଶକ୍ତୀକରଣର ଏକ ନମୂନା ବୋଲି ପ୍ରକାଶ କରିଥିଲେ । ସନ୍ଧ୍ୟା ୭ ଘଟିକା ସମୟରେ ସ୍ଥାନୀୟ ଗୋପିନାଥ ଗାର୍ଡେନ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ରୋଟାରୀ ଇଂଟରନୟାସନାଲର ପ୍ରତିଷ୍ଠାତା ପଲ୍.ପି. ହରିସ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଥିଲା । ରୋଟାରୀଆନ୍ ନିରଦାନନ୍ଦ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଶ୍ରୀ ଆହାନ ନନ୍ଦ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସଭାପତି ରୋଟାରିଆନ୍ ସାଗରିକା ମିଶ୍ର ସ୍ୱାଗତ ଭାଷଣ ଓ ସଂପାଦକ ରୋଟାରିଆନ୍ ତପନ୍ ପାଲ୍ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଏ ଅବସରରେ ଉତ୍ସର୍ଗୀକୃତ ସେବା ନିମନ୍ତେ ସଫେଇ କର୍ମୀ ପ୍ରମିଳା ନାୟକ, ଟ୍ରାଫିକ୍ ପୋଲିସ୍ ଭଜମନ ଡାଳନାୟକ ଓ ନର୍ସିଂ ଅଧିକାରୀ ରଶ୍ମିତା ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଆସିଷ୍ଟାଂଟ ଗଭର୍ଣ୍ଣର ରୋଟାରିଆନ୍ ହରଗୋବିନ୍ଦ ମହାପାତ୍ର ଯୋଗଦାନ କରି ରୋଟାରୀ କ୍ଲବ୍ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ରୋଟାରୀ କ୍ଲବ୍‌ର ୫୦ବର୍ଷର ଗୌରବମୟ ଗାଥା- ରୋଟାରିଆନ୍ ସୁନିଲ୍ ମିଶ୍ର ଉପସ୍ଥାପନା କରିଥିଲେ । କ୍ଲବ୍‌ର ପ୍ରତିଷ୍ଠାତା ସଦସ୍ୟ ରୋଟାରିଆନ୍ ରଣେନ୍ଦ୍ର ପ୍ରତାପ ସିଂହଦେଓ, ରୋଟାରିଆନ୍ ସାଗରମଲ ଅଗ୍ରୱାଲ ଓ ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରୋଟାରିଆନ୍ ରାଜ କିଶୋର ବେହେରା - ମୁଖ୍ୟ ଅତିଥି ତଥା ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ମନୋଜ ତ୍ରିପାଠୀଙ୍କ ପରିଚୟ ପ୍ରଦାନ କରିଥିଲେ । ଢେଙ୍କାନାଳ ରୋଟାରୀ କ୍ଲବ୍‌ର ସମ୍ମାନୀୟ ସଦସ୍ୟମାନେ ଦୀର୍ଘ ୫୦ ବର୍ଷର ଜୟଯାତ୍ରାରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ କରି ପ୍ରଶଂସିତ ହୋଇଛନ୍ତି । ରୋଟାରିଆନ୍ ବିରଂଚି ନାରାୟଣ ପାଣି ଓ ରୋଟାରିଆନ୍ ବିରଜା ଶଙ୍କର ସିଂହଦେଓ ଅତିଥିମାନଙ୍କୁ ପ୍ରୀତି ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ରୋଟାରିଆନ୍ ଦେବବ୍ରତ ଭଞ୍ଜ, ବିଶ୍ୱଜିତ୍ ଦାସଗୁପ୍ତା, ମହେଶ ଅଗ୍ରୱାଲ, ମଧୁ ଝାୱର, ବିଭୁଧେନ୍ଦୁ ପଟ୍ଟନାୟକ, ଡାକ୍ତର ଲକ୍ଷ୍ମୀ ନାରାୟଣ ନନ୍ଦ, ଡା. ଭବାନୀ ଶଙ୍କର ଦାସ, ରଞ୍ଜନ କୁମାର ବେହେରା, ସଂଧ୍ୟା ମହାପାତ୍ର, ସରୋଜ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଇନର୍‌ହୁଇଲ୍ କ୍ଲବ୍ ସଦସ୍ୟଗଣ, ରୋଟ୍ରାକ୍ଟ କ୍ଲବ୍ ସଭ୍ୟସଭ୍ୟା ଓ ରୋଟାରୀ କମ୍ୟୁନିଟ୍ କର୍ପସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ରୋଟାରିଆନ୍ ଶ୍ରୀନିବାସ ମହାପାତ୍ର ଓ ଡା. ବଳଭଦ୍ର ରାମ ଯୋଗଦାନ କରିଥିଲେ । ରୋଟାରିଆନ୍ ଡା. ଅବୋଧ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଷୋଳମପୁର ଦୋକାନ ପୋଡି ମାମଲା : ଜଣେ କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ,(ସବ୍ୟୁ) :ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ଗ୍ରାମର ଭରତ ଚନ୍ଦ୍ର ରାଉତଙ୍କ ଦୋକାନ ପୋଡିଦେବା ଘଟଣାରେ ଗ୍ରାମର ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗ୍ରାମର ବିଜୟ ନାୟକ ପୁଅ ନିହାର ନାୟକ ଓରଫ ଶେଣ୍ଟୁଆ(୨୫)କୁ ଆଜି ସକାଳେ ପୁଲିସ ଗିରଫ କରିଥିଲା। ଦୋକାନ ପୋଡି ଅଭିଯୋଗରେ ସଂପୃକ୍ତ ଅଭିଯୁକ୍ତକୁ ଗ୍ରାମବାସୀମାନେ ସନ୍ଦେହ କରିଥିଲେ। ଗତ ମଇ ମାସ ୧୦ ତାରିଖ ରବିବାର ବିଳମ୍ବିତ ରାତ୍ରରେ ଷୋଳମପୁର ଗ୍ରାମ ଠାକୁରାଣୀ ମନ୍ଦିର ଛକରେ ଥିବା ଦୋକାନକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡି ଦେଇଥିଲେ। ଏଥିରେ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା। ଫଳରେ ଦୋକାନୀ ସର୍ବସ୍ୱାନ୍ତ ହେବା ସହ ଜୀବିକା ହରାଇଥିଲା। ଦୋକାନୀ ଭରତ ଅଭିଯୋଗ କ୍ରମେ ଥାନାରେ ୨୨୮/୨୬ ନଂ ମାମଲା ଅଜଣା ବ୍ୟକ୍ତି ନାମରେ ରଜୁ ହୋଇଥିଲା।

# ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ଧାମନଗର,(ସବ୍ୟୁ) ଧାମନଗର ଥାନା ଅନ୍ତର୍ଗତ ଧାମନଗର-ସାତ ଭଉଣୀ ରାସ୍ତାର ଦଇପୁର କେନାଲ ନିକଟରେ ସୋମବାର ଦିନ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଧାମନଗର ଏନଏସି ଅନ୍ତର୍ଗତ ହବିବନଗର ଗ୍ରାମର ସେକ ମଞ୍ଜୁଙ୍କ ପୁଅ ସେକ କାଲା (୪୮)। ସେକ କାଲା ଭଦ୍ରକରୁ ନିଜ କାର୍ଯ୍ୟ ସାରି ସାତଭଉଣୀ-ଚୁଡାକୁଟି ରାସ୍ତା ଦେଇ ନିଜ ଗ୍ଲେମର ବାଇକରେ ଧାମନଗର ଫେରୁଥିବାବେଳେ ଦଇପୁର କେନାଲ ନିକଟରେ ରାସ୍ତାକଡ଼ରେ ଥିବା ଏକ ଅର୍ଜୁନ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ବାଇକରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ଓ ସମ୍ପର୍କୀୟମାନେ ମେଡିକାଲରେ ପହଂଚି ମୃତଦେହକୁ ଧାମନଗର ଆଣି କବର ଦେଇଥିବା ଜଣାଯାଇଛି। ଖବର ପାଇଁ ଧାମନଗର ପୋଲିସ ତଦନ୍ତ ଆରମ୍ଭ କରିଛି।

# କଟଣୀ ଛଟଣୀକୁ ବିରୋଧ କରି ଚାଷୀଙ୍କ ବିକ୍ଷୋଭ

ବାସୁଦେବପୁର,(ସବ୍ୟୁ):ଚାଷୀ ଖରା ବର୍ଷା ଶୀତକୁ ଖାତିରି ନକରି କ୍ଷେତରେ ଫଳାଇଲା ସୁନାର ଫସଲ। ହେଲେ ଅଭାବୀ ଧାନ ବିକ୍ରୀ ବିବାଦ ସମାଧାନର ନାଁ ଧରୁନାହିଁ। ଖରିଫ୍ ପରେ ଏବେ ରବି ଚାଷରେ କଟଣୀ ଛଟଣୀକୁ ବିରୋଧ କରୁଛନ୍ତି ଚାଷୀ। ମିଳିତ ଭାବେ ସୋସାଇଟି ଆଗରେ ବିକ୍ଷୋଭ। ବାସୁଦେବପୁର ବ୍ଲକର ବରଣ୍ଡୁଆ ସୋସାଇଟିରେ ୪ପଂଚାୟତ ଓ ପୌରପାଳିକାର ୬ ୱାର୍ଡର ଧାନ କ୍ରୟ କରିବାକୁ ମଣ୍ଡି ଖୋଲାଯାଇଛି। ୨୯୯ଜଣଙ୍କର ପଞ୍ଜୀକରଣ ହୋଇ ଥିବାବେଳେ ୨୬୭ଜଣଙ୍କର ଭେରିଫାଏ ହୋଇଛି। ମଣ୍ଡିରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଗୋଦାମ ଘରର ସୁବିଧା ନଥିବାରୁ ଧାନ ମଣ୍ଡି ପଠାଇ ଦେଉଛନ୍ତି। ମିଲର୍ସଙ୍କ ମନମାନୀ ଯୋଗୁଁ ଇଛା ଅନୁସାରେ କଟଣୀ ଛଟଣୀ କରୁଛନ୍ତି। ଖରଫ୍ ଚାଷରେ ୧୩ ପର୍ସେଣ୍ଟ କଟଣୀ ଛଟଣୀ ପରେ ଏବେ ରବି ଋତୁର ୨୩ ପର୍ସେଣ୍ଟ କଟଣୀ ଛଟଣୀ କରୁଛନ୍ତି। ଯାହାକୁ ଚାଷୀମାନେ ତୀବ୍ର ବିରୋଧ କରୁଛନ୍ତି। ମଙ୍ଗଳବାର ଦିନ ବରଣ୍ଡୁଆ ସୋସାଇଟି ଆଗରେ ଚାଷୀଙ୍କ ବିକ୍ଷୋଭ କରିଥିଲେ। ସରକାରଙ୍କ ମିଲର୍ସଙ୍କ ପ୍ରତି କୋହଳ ମନୋଭାବ ଓ ଉଦାସୀନତା ଯୋଗୁଁ ମିଲର୍ସଙ୍କ ମନମାନୀ ଚାଲିଛି। କଟଣୀ ଛଟଣୀରେ ତଳୁ ଉପର ପର୍ଯ୍ୟନ୍ତ ଭାଗ ବଣ୍ଟୁରା ଯୋଗୁଁ ଏଫଏକ୍ୟୁମାନ ଆଳରେ କଟଣୀ ଛଟଣୀ ଚାଲିଛି। ଦିନକୁ ଦିନ କଟଣୀ ଛଟଣୀ ଚାଷୀଙ୍କୁ ଅତିଷ୍ଠ କଲାଣି। ଚାଷୀ ଧାନ ଚାଷ କରିବାକୁ ମୁହଁ ଫେରାଇଲେଣି। ଆମକୁ ଆଉ ଏଇଫୁଟ୍ ସବସିଡ୍ ଦରକାର ନାହିଁ। ପୁରୁଣା ମୂଲ୍ୟରେ ଧାନ କିଣି କଟଣୀ ଛଟଣୀ ବନ୍ଦ କର ବୋଲି କହିଥିଲେ। ପ୍ରଶାସନ ହସ୍ତକ୍ଷେପ ନକଲେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି । ଏସମ୍ପର୍କରେ ବରଣ୍ଡୁଆ ସୋସାଇଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଛନ୍ତି ଚାଷୀ ଓ କମିଟି ମିଲର୍ସଙ୍କ ଉପସ୍ଥିତରେ ଏଫଏକ୍ୟୁର ମାନ ଚୁଡାନ୍ତ ହୋଇ ଧାନ କ୍ରୟ କରାଯାଉଛି। ମିଲର୍ କଣ କରୁଛନ୍ତି ମୁଁ ଜାଣିନାହିଁ। ମୋ ପାଖକୁ ଅଭିଯୋଗ ଆସିବା ପରେ ଏଆରସିଏସଙ୍କୁ ଅବଗତ କରାଇଛି।

# ଆଖଣ୍ଡଳମଣିଙ୍କ ମନ୍ଦିର ନିକଟରୁ ଉଚ୍ଛେଦ କାର୍ଯ୍ୟକୁ ତିବ୍ର ବିରୋଧ

ଆରଡି,(ସବ୍ୟୁ): ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିକ୍ରମା ମାର୍ଗ ପାଇଁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାଯ୍ୟ ଆସନ୍ତା ରବିବାର ଯାଏଁ ଜାରି ରହିବ ବୋଲି ଭଦ୍ରକ ଉପଜିଲାପାଳ ସୌରବ ଚକ୍ରବର୍ତ୍ତୀ କହିଛନ୍ତି। ଉଚ୍ଛେଦ ପ୍ରାରମ୍ଭରୁ ବିସ୍ଥାପିତମାନେ ଥଇଥାନ ପାଇଁ ଜମି ବଦଳରେ ଜମି ଦେବା ପାଇଁ ଦାବି କରିବା ସହ ଉଚ୍ଛେଦ ପ୍ରକ୍ରିୟା ପାଇଁ ସମୟ ଦେବା ପାଇଁ ଦାବି କରିଥିଲେ। ଏପରିକି କିଛି ସମୟ ପାଇଁ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ ଦେଖା ଦେଇଥିଲା। ବିଗତ ୩ବର୍ଷ ତଳେ ପୂର୍ବ ସରକାରଙ୍କ ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତିକରଣ କାର୍ଯ୍ୟ ସହ ପୀଠର ପରିକ୍ରମାମାର୍ଗ ନିମନ୍ତେ ଯୋଗାଇ ଦେଇଥିଲେ ୪୨କୋଟି ଟଙ୍କା। ଉକ୍ତ ଟଙ୍କାରୁ ୧୪କୋଟି ଟଙ୍କାର ସୁଉଚ୍ଚ ୪୨ଫୁଟର ଶିବ ମୂର୍ତ୍ତି ସହ ଗାଡ଼ି ପାର୍କିଂ,ଶିବଗଙ୍ଗା ପୁଷ୍କରିଣୀର ଉନ୍ନତିକରଣ କରାଯାଇଥିବାବେଳେ ପରିକ୍ରମା ମାର୍ଗ ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରୁ ୯୮ପରିବାରଙ୍କୁ ବିସ୍ଥାପିତ ପାଇଁ ୨୮କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ହେଲେ ୨୦୨୪ମସିହାରେ ସରକାର ବଦଳିବା ପରେ ପରିକ୍ରମା ମାର୍ଗ କାର୍ଯ୍ୟବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ସେବାୟତଙ୍କ ଦାବି ପରେ ଏବେ ପରିକ୍ରମା ମାର୍ଗ ନିମନ୍ତେ ବିସ୍ଥାପିତ ପରିବାରଙ୍କର ଘର ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟଆରମ୍ଭ ହୋଇଛି। ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ଆସନ୍ତା ୫ଦିନ ମଧ୍ୟରେ ସାରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବିସ୍ଥାପିତଙ୍କୁ ସରକାରୀ ଆଇନ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା ସହ ଥଇଥାନ ପାଇଁ ଜମି ଓ ସମୟ ଦିଆଯାଇନଥିବାରୁ ଉଚ୍ଛେଦ ଆରମ୍ଭରୁ ବିସ୍ଥାପିତଙ୍କ ବିରୋଧ ଦେଖା ଦେବା ସହ ଆଉ କିଛିଦିନ ସମୟ ଦେବା ପାଇଁ ଦାବି କରିଥିଲେ ବିସ୍ଥାପିତ। ଛେଦ ସମୟରେ ଜିଲା ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ,ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ,ଧାମନଗର ଏସଡିପିଓ ଅନିରୁଧଙ୍କ ସହ ବ୍ୟାପକ ପୋଲିସ ମୁତୟନ ରହିଥିଲେ।

# ଏକତରଫା ପ୍ରେମ : ଯୁବକ ଗିରଫ

ଅସୁରାଳି,(ସବ୍ୟୁ): ନିଜର ଜଣେ ସମ୍ପର୍କୀୟ ଯୁବତୀଙ୍କୁ ଏକତରଫା ପ୍ରେମ କରିବା ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଯୁବତୀଙ୍କ ଅଭିଯୋଗକ୍ରମେ ଧୂଷୁରୀ ପୋଲିସ ଦ୍ୱାରା ଅଭିଯୁକ୍ତ ଯୁବକ ଗିରଫ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ଧାମନଗର ବ୍ଲକ ରଇପୁର ପଞ୍ଚାୟତ କଣ୍ଟିକା ନିଧିବିନ୍ଧା ଗ୍ରାମର ରମାକାନ୍ତ ସାହୁଙ୍କ ପୁଅ ଶୁକଦେବ ସେହି ଗାଁର ତାଙ୍କ ସମ୍ପର୍କୀୟ କୁହାଯାଉଥିବା ଜଣେ ଯୁବତୀଙ୍କୁ ମନେ ମନେ ଭଲ ପାଇ ବସିଥିଲେ। ଶୁକଦେବ ତାଙ୍କୁ ଅନେକ ସମୟରେ ହଇରାଣ ହରକତ କରୁଥିଲେ। ଏଥିରେ ଅତିଷ୍ଠ ଯୁବତୀ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପରେ ୨୪୮/୨୬ରେ ଏକ ମାମଲା ରୁଜୁ କରିଛି ଏବଂ ଅଭିଯୁକ୍ତ ପ୍ରେମିକ ଶୁକଦେବ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା ସମ୍ପୃକ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଆମ୍ବ ତୋଳିବାକୁ ଯାଇ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ

କେନ୍ଦୁଝର,(ଜିପ୍ର) : କେନ୍ଦୁଝରଜିଲ୍ଲା ଘସିପୁରା ବ୍ଲକ କେଶଦୁରା ପାଳ ଅଞ୍ଚଳରେ ମଙ୍ଗଳବାରଦିନ ଜଣେ ବୟସ୍କ ବ୍ୟକ୍ତିଙ୍କ ଅଭାବନୀୟ ମୃତ୍ୟୁ ଘଟିଛି ।ତୋଟାକୁ ଯାଇ ଏକ ଆଜବେଷ୍ଟସ ଘରକୁ ଚଢ଼ି ଆମ୍ବ ତୋଳିବା ସମୟରେ ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ଫଳରେ ସେ ଘର ଭିତରେ ଗଳି ଯାଇଥିଲେ। ଏଥିରେ ତାଙ୍କର ମତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ହେଲେ ରବୀନ୍ଦ୍ର ସୁତାର (୬୦)। ରବୀନ୍ଦ୍ର ସୁତାର ଆମ୍ବତୋଟାକୁ ଯାଇସେଠାରେ ଥିବା ଏକ ପରିତ୍ୟକ୍ତ ଘର ଉପରକୁ ଚଢ଼ି ଆମ୍ବ ତୋଳୁଥିଲେ। ଏତିକି ବେଳେ ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ସେ ଭଙ୍ଗା ଘର ଭିତରେ ପଡ଼ି ଚିତ୍କାର କରିଥିଲେ। ଘର ଟି ତାଲା ପଡ଼ିଥିବାରୁ ପ୍ରାୟ ଏକ ଘଣ୍ଟା କାଳ ସେହି ଭିତରେ ରହିଯାଇଥିଲେ। ତାଲା ଭାଙ୍ଗି ତାଙ୍କୁ ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏହି ଅଭାବନୀୟ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବ୍ୟକ୍ତିଗତ ଜାଗାରେ ସରକାରୀ ରାସ୍ତା ନିର୍ମାଣ : ଥାନାରେ ଏତଲା

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ବସ୍ତାଥାନା ଅନ୍ତର୍ଗତ କୁଇଲିସାହି ଗ୍ରାମରେ ବ୍ୟକ୍ତିଗତ ଜାଗା ଉପରେ ସରକାରୀ ରାସ୍ତା ନିର୍ମାଣକୁ ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି । ଏହାସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀ ଜୋରଜବରଦସ୍ତ ରାସ୍ତା ନିର୍ମାଣ କାମ ଜାରି ରଖିବା ଘଟଣା ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବସ୍ତା ଥାନା କୁରାଡ଼ିହା ଗ୍ରା.ପ. ଅନ୍ତର୍ଗତ କୁଇଲିସାହି ଗ୍ରାମର ବାସିନ୍ଦା ଶ୍ରୀମତୀ ରତନୀ ଦାସ (୩୮) ସ୍ୱାମୀ ବେଣୁଧର ଦାସ ଗତ ୩୧ ତାରିଖ ଦିନ ବସ୍ତା ଥାନାରେ ଏକ ଏତଲା ଦେଇ ଅଭିଯୋଗ କରିଛନ୍ତି ଯେ ବିଧାୟକ ହାତପାଣ୍ଠି ଅର୍ଥରୁ ତାଙ୍କ ଗ୍ରାମରେ ଏକ ରାସ୍ତାନିର୍ମାଣ କରିଛନ୍ତି । ମାତ୍ର ରାସ୍ତା ନିର୍ମାଣ କରୁଥିବା ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ କେତେକ ବାସିନ୍ଦା ସରକାରୀ ଜାଗାରେ ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ରତନୀ ଦାସଙ୍କ ବ୍ୟକ୍ତିଗତ ଜାଗା ଉପରେ ରାସ୍ତା ନେଇଛନ୍ତି । ଘଟଣା ବାବଦରେ ରତନୀ ଦାସ ଓ ତାଙ୍କ ପରିବାର ସଦସ୍ୟମାନେ ପ୍ରତିବାଦ କରିବାରୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସଦରବ୍ଲକ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସ୍ୱାଇଁ ଘଟଣା ବାବଦରେ ଶୁଣିବା ପରିବର୍ତ୍ତେ ଓଲଟି ଧମକ ଚମକ ଦେଇଥିବା ରତନୀ ଦାସ ଥାନାରେ ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ରତନୀ ଦାସ ଥାନାରେ ଏତଲା ଦେବାପରେ ଅଦ୍ୟାବଧି ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଯଦି ରତନୀ ଦାସଙ୍କୁ ନ୍ୟାୟ ନମିଳେ ତେବେ ସେ ନିଜ ପରିବାର ସଦସ୍ୟମାନଙ୍କୁ ଧରି ଥାନା ଆଗରେ ଧାରଣା ଦେବେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି । ତେଣୁ ଘଟଣାବଳୀ ପ୍ରତି ଜିଲ୍ଲା ପ୍ରଶାସନର ନଜର ପଡ଼ି ତ୍ୱରିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ମତପ୍ରକାଶ ପାଉଛି ।

## ଓଡ଼ିଶା ସରକାର
## ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

24001/196/2627 — **No. RDM-LAB-GM-0048-2025 - 49199 / R&DM, Dated. 30.12.2025**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା-ଭୀଷ୍ମଗିରି, ଥାନା-ପାଟପୁର, ତହସିଲ-ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୦.୧୨୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 20965 dated. 11.06.202 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ଦିଗପହଣ୍ଡି | ଭୀଷ୍ମଗିରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୦.୬୦୭ | ଏ. ୧୦.୧୨୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୀଷ୍ମଗିରି ଗ୍ରାମର ଜମିର ବିବରଣୀ

ତହସିଲ - ଦିଗପହଣ୍ଡି — ଜିଲ୍ଲା - ଗଞ୍ଜାମ

| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୦୧୦ | ୮୯୦୨ | ବିଲ ଜଳସେଚିତ ଏକ ଫସଲି | ୦.୨୭୦ | ୦.୦୧୦ | ଭାସ୍କର ସେଠୀ, ପ୍ରକାଶ ସେଠୀ, ସହଦେବ ସେଠୀ, ଗଙ୍ଗା ସେଠୀ, ଟୁକୁନା ସେଠୀ, ପି- ଘନ ସେଠୀ, ଅରକ୍ଷିତ ସେଠୀ, ପି: ଭିମ ସେଠୀ, ବାଇନାଥ ସେଠୀ, ଡମ୍ବରୁ ସେଠୀ, ପି: ସୋମନାଥ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୧୦୨ | ୮୪୫ | ବିଲ ଅଣଜଳସେଚିତ ଏକ | ୦.୨୦୦ | ୦.୦୭୦ | ଉଜ୍ଜଳ ବକ୍ସି, ପି: ବୁଧିନାଥ ବକ୍ସି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୦୮ | ୯୨୭୨ | ପଦର | ୦.୧୦୦ | ୦.୦୭୦ | ଉଜ୍ଜଳ ନାଇକ, ପି: ଭୋକିଲା ନାଇକ, ବାଙ୍କ ନାଇକ, ପି: ବଇଶିମ ନାଇକ, ଜା: ବଣ୍ଡାସି, ବା: ବାହାଡ଼ାଗୁଡା | |
| | ୯୨୭୫ | ପଦର | ୦.୧୦୦ | ୦.୦୧୦ | | |
| | ୯୨୮୬ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୨୦ | | |
| ୧୧୦୬ | ୮୫୪୭ | ବିଲ ଅଣଜଳସେଚିତ ଏକ | ୦.୧୫୦ | ୦.୦୧୦ | ରମା ଗଉଡ଼, ସ୍ୱା- କୃଷ୍ଣ ଗଉଡ଼, ଜା: ଗଉଡ଼ ବା: ଦ୍ୱିତୀ ଖଣ୍ଡଦେଉଳି | |
| ୧୧୩୬ | ୮୮୮୧ | ପଦର | ୦.୨୩୦ | ୦.୦୬୦ | ରଘୁନାଥ ପ୍ରଧାନ, ପି: ଗୋପି ପ୍ରଧାନ ଜା: କୁର୍ମ, ବା: ମଣିଦେଇ ପେଣ୍ଟ | |
| | ୮୮୮୨ | | ୦.୧୮୦ | ୦.୦୯୦ | | |
| ୧୧୪୧ | ୮୪୬୫ | ବିଲ ଜଳସେଚିତ ଏକ ଫସଲି | ୦.୨୪୦ | ୦.୧୮୦ | ରଘୁ ପ୍ରଧାନ, ରାମହରି ପ୍ରଧାନ, ପି: ଉଜ୍ଜଳ ପ୍ରଧାନ, ଜା: କୁର୍ମ, ବା: ଡୁଣ୍ଡରା | |
| ୧୧୯୮ | ୮୫୧୫ | ବିଲ ଜଳସେଚିତ ଏକ ଫସଲି | ୦.୧୪୦ | ୦.୦୭୦ | ରାମନାଥ ପାତ୍ର, ଶ୍ରୀଧର ପାତ୍ର, ଲକ୍ଷ୍ମୀ ପାତ୍ର, ଦେବରାଜ ପାତ୍ର, ପି: କବିର ପାତ୍ର, ସାରୀ ପାତ୍ର, ସ୍ୱା: କବିର ପାତ୍ର, ଉଦ୍ୟ ପାତ୍ର, କୁନି ପାତ୍ର, ବିଷ୍ଣୁ ପାତ୍ର, ପ୍ରକାଶ ପାତ୍ର, ବିଜୟ ପାତ୍ର, ପି: ଗୋପି ପାତ୍ର, ଗେଲି ପାତ୍ର, ସ୍ୱା: ଗୋପି ପାତ୍ର, ଗାଣ୍ଡୁ ପାତ୍ର, ରମା ପାତ୍ର, ପି: ଅନନ୍ତ ପାତ୍ର, ଜା: ଓଡ଼ିଆ, ବା: ନିଜଗାଁ | |
| ୧୨୦୬ | ୮୮୮୫/ ୧୦୮୨୦ | ବିଲ ଜଳସେଚିତ ଏକ ଫସିଲ | ୦.୦୮୦ | ୦.୦୮୦ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ଟ୍ରଷ୍ଟି, : ସେବାୟତ ବା: ରାଧାକୃଷ୍ଣ ପଣ୍ଡା, ପି: କ୍ଷେତ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୮୮୮୮ | | ୦.୧୩୦ | ୦.୧୧୦ | | |
| ୨୫୯ | ୯୨୬୪ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୩୩୦ | ଶ୍ରୀ ରଘୁନାଥ ସ୍ୱାମୀ ବିଜେ, ନିଜଗାଁ, ମାର୍ଫତ, ରାମଜୀ ମଠ ବା: ମହନ୍ତ କେଶବ ରାମାନୁଜ ଦାସ ଗୁରୁ ମହନ୍ତ, ଭଗବାନ ରାମାନୁଜ ଦାସ, ଜା: ବୈଷ୍ଣବୀ ବା: ନିଜଗାଁ | |
| ୧୩୮ | ୯୨୬୩ | ବିଲ ଜଳଚେିତ ଏକ ଫସଲି | ୦.୧୦୦ | ୦.୦୪୦ | ଶ୍ରୀ ଜଗନ୍ନାଥ ସ୍ୱାମୀ ବିଜେ: ନିଜଗାଁ, ମାର୍ଫତ : ବା ଉଦୟ ନାରାୟଣ ଦେଓ, ପି: ନନ୍ଦକିଶୋର ଅନଙ୍ଗଭୀମ ଦେଓ, ଜା: କ୍ଷେତ୍ରୀୟ ବା: ପୋଡ଼ାମାରୀ, ସେବାୟତ, ବା: ସୀମାଞ୍ଚଳ ଦାଶ, ପି: ରଘୁନାଥ ଦାଶ, ନାରାୟଣ ଦାଶ, ପି: ଭରତ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୩୯ | ୯୨୬୨ | ବିଲ ଜଳସେଚି ଏକ ଫସଲି | ୦.୦୮୫ | ୦.୦୩୦ | ଶ୍ରୀ ଜଗନ୍ନାଥ ସ୍ୱାମୀ ବିଜେ ନିଜଗାଁ, ମାର୍ଫତ, ବା: ଉଦୟ ନାରାୟଣ ଦେଓ, ପି: ନନ୍ଦକିଶୋର ଅନଙ୍ଗଭୀମ ଦେଓ, ଜା: କ୍ଷେତ୍ରୀୟ ବା: ପୋଡ଼ାମାରୀ, ସେବାୟତ, ବା: ସତ୍ୟବାଦୀ ଦାଶ, ପି: ପରିକ୍ଷିତ ଦାଶ, ଜା: ବ୍ରାହ୍ମଣ ବା: ନିଜଗାଁ | |
| ୧୪୧୬ | ୮୫୧୬ | ବିଲ ଜଳସେଚିତ ଏକ ଫସଲି | ୦.୪୦୦ | ୦.୨୫୦ | ସିମାଞ୍ଚଳ ପଣ୍ଡା, ପି: ଲକ୍ଷ୍ମଣ ପଣ୍ଡା, ଜା: ବ୍ରାହ୍ମଣ ବା: ଦ୍ୱିତୀୟ ଖଣ୍ଡ ଦେଉଳି | |
| | ୮୫୪୩ | | ୦.୧୭୦ | ୦.୦୬୦ | | |
| | ୮୫୪୪ | | ୦.୧୨୦ | ୦.୦୫୦ | | |
| ୧୪୨୩ | ୮୮୭୬ | ବିଲ ଜଳସେଚିତ ଏକ ଫସଲି | ୦.୧୫୦ | ୦.୦୮୦ | ସିମାଞ୍ଚଳ ପ୍ରଧାନ, ପି: ସନିଆ ପ୍ରଧାନ ଜା: କୁର୍ମ, ବା: ଫାସିଗୁଡା | |
| ୧୪୩ | ୯୨୬୧ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୦୪୦ | ଶ୍ରୀ ଜଗନ୍ନାଥ ସ୍ୱାମୀ ବିଜେ, ନିଜଗାଁ, ମାର୍ଫତ : ବା: ଉଦୟ ନାରାୟଣ ଦେଉ, ପି: ନନ୍ଦକିଶୋର ଅନଙ୍ଗଭୀମ ଦେଓ, ଜାଁ କ୍ଷେତ୍ରୀୟ, ବା: ପୋଡ଼ାମାରୀ, ସେବାୟତ : ବା:,ବିତାମ୍ବର ଦାଶ, ପି: ରାମ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୪୩୬ | ୯୨୯୯ | ବିଲ ଜଳସେଚିତ ଏକ ଫସଲି | ୦.୫୫୫ | ୦.୧୫୦ | ସିମାଞ୍ଚଳ ମହାନ୍ତି, ପି: ଗୋଲାପ ମହାନ୍ତି, ଜା: ମାହାନ୍ତି, ବା ନିଜଗାଁ | |
| ୧୫୧ | ୯୨୬୦ | ବିଲ ଜଳସେଚିତ ଏକ ଫସଲି | ୦.୨୦୦ | ୦.୦୪୦ | ଶ୍ରୀ ଜଗନ୍ନାଥ ସ୍ୱାମୀ ବିଜେ: , ନିଜଗାଁ, ମାର୍ଫତ: ବା ଉଦୟ ନାରାୟଣ ଦେଓ, ପି: ନନ୍ଦକିଶୋର ଅନଙ୍ଗଭୀମ ଦେଓ, ଜା: କ୍ଷେତ୍ରୀୟ ବା: ପୋଡ଼ାମାରୀ, ସେବାୟତ: ବା: ଗଣେଶ ଦାଶ, ପି କୋରା ଦାଶ, ମାଗୁଣି ଦାଶ, ପି: ଗଦାଧର ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୫୩୨ | ୮୪୪୫ | ବିଲ ଜଳସେଚିତ ଏକ ଫସଲି | ୦.୪୫୦ | ୦.୦୪୦ | ସୋମନାଥ ପଣ୍ଡା, ପି: ଭଗବାନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୫୯୪/୧୨୪୨ | ୮୪୨୭ | ବିଲ ଜଳସେଚିତ ଏକ ଫସଲି | ୦.୨୬୦ | ୦.୦୨୦ | ସୋମନାଥ ପଣ୍ଡା, ପି: ଭଗବାନ ବେହେରା, ଜା: କୁରୁମ, ବା: ଦ୍ୱିତୀୟ ଖଣ୍ଡଦେଉଳି | |
| ୧୫୯୪/୪୨୦ | ୮୪୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୦ | ୦.୦୮୦ | ଲଡୁ କିଶୋର ବେହେରା, ପି: ଖଲି ବେହେରା, ଜା: କୁରୁମ, ବା: ଦ୍ୱିତୀୟ ଖଣ୍ଡଦେଉଳି | |
| | ୮୪୩୫ | | ୦.୧୫୦ | ୦.୦୫୦ | | |
| ୧୫୯୪/୪୩୨ | ୮୪୩୮/ ୧୧୩୩୪ | ବିଲ ଜଳସେଚିତ ଏକ ଫସଲି | ୦.୩୩୫ | ୦.୩୨୦ | ପ୍ରତିମା ବେହେରା, ସ୍ୱା: ଲଡୁ କିଶୋର ବେହେରା, ଜା: କୁରୁମ, ବା: ଦ୍ୱିତୀୟ ଖଣ୍ଡଦେଉଳି | |
| ୧୫୯୪/୯୫ | ୮୪୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୪୦ | ୦.୦୪୦ | ରଘୁନାଥ ବେହେରା, ପି: ଖଲି ବେହେରା, ଜା: କୁରୁମ, ବା: ଦ୍ୱିତୀୟ ଖଣ୍ଡଦେଉଳି | |
| ୧୮୮ | ୨୫ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୧୯୦ | ଶ୍ରୀ କପିଳେଶ୍ୱର ସ୍ୱାମୀ ବିଜେ: ଛଣମେରି, ସେବାୟତ: ବା: କାଶି ପଧାନ, ନଟିଆ ପଧାନ, ଉଲା ପଧାନ, ଉଜ୍ଜଳ ପଧାନ, ପି: ଶରଣ ପଧାନ, ଜା: କୁର୍ମ, ବା: ଛଣମେରି | |
| ୨୧୬ | ୯୨୮୪ | ବିଲ ଜଳସେଚିତ ଏକ | ୦.୦୮୦ | ୦.୦୪୦ | କିଶୋର ଚନ୍ଦ୍ର ପାଢ଼ୀ, ମଦନ ମୋହନ ପାଢ଼ୀ, ଲମ୍ବୋଦନ ପାଢ଼ୀ, ପ୍ରମୋଦ କୁମାର ପାଢ଼ୀ, ପି: ନରସିଂହ ପାଢ଼ୀ, ସତ୍ୟଭାବା ପାଢ଼ୀ, ସ୍ମା: ନରସିହ ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୪୨ | ୮୮୮୫ | ବିଲ ଜଳସେଚିତ ଏକ ଫସଲି | ୦.୦୮୦ | ୦.୦୪୦ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ: ନିଜଗାଁ, ମାର୍ଫତ: ଟ୍ରଷ୍ଟି : ସେବାୟତ : ବା: କୃଷ୍ଣ ଚନ୍ଦ୍ର ପଣ୍ଡା, ପି: ରଘୁନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୪୩ | ୮୪୨୪/ ୧୦୮୮୨ | ପଦର | ୦.୦୮୦ | ୦.୦୪୦ | କୃଷ୍ଣ ଚନ୍ଦ୍ର ପଣ୍ଡା, ପି: ରଘୁନାଥ ପଣ୍ଡା ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୫୯ | ୮୮୪୩ | ପଦର | ୧.୨୦୫ | ୦.୧୧୦ | ଶ୍ରୀ ରଘୁନାଥ ସ୍ୱାମୀ ବିଜେ : ନିଜଗାଁ ମାର୍ଫତ: ରାମଜୀ ମଠ ବା: ମହନ୍ତ କେଶମ ରାମାନୁଜ ଦାସ ଗୁରୁ ମହନ୍ତ ଭଗବାନ ରାମାନୁଜ ଦାସ, ଜା: ବୈଷ୍ଣବ ବା: ନିଜଗାଁ | |
| | ୮୮୭୦ | ବିଲ ଜଳସେଚିତ ଏକ | ୧.୬୩୦ | ୦.୫୨୦ | | |
| | ୮୪୬୨ | ବିଲ ଜଳସେଚିତ ଏକ ଫସଲି | ୧.୨୧୦ | ୦.୦୧୦ | | |
| | ୯୨୩୮ | | ୩.୫୦୫ | ୦.୦୫୦ | | |
| | ୯୨୯୫ | | ୨.୪୯୦ | ୦.୨୭୦ | | |
| | ୯୨୯୬ | | ୦.୧୩୦ | ୦.୦୪୦ | | |
| | ୯୨୯୭ | | ୦.୫୩୦ | ୦.୧୯୦ | | |
| ୨୮ | ୧୫ | ବିଲ ଜଳସେଚିତ ଏକ ଫସଲି | ୦.୬୧୦ | ୦.୨୨୦ | ଅର୍ଜୁନ ପଣ୍ଡା, ପି: ଦାସ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୧୬ | | ୦.୬୨୫ | ୦.୨୧୦ | | |
| | ୧୭ | | ୦.୮୦୦ | ୦.୨୮୦ | | |
| ୩୦୯ | ୩୭ | ବିଲ ଜଳସେଚିତ ଏକ ଫସଲି | ୦.୫୦୦ | ୦.୧୨୦ | ଖଲି ପାଣିଗ୍ରାହି, ବୃନ୍ଦାବନ ପାଣିଗ୍ରାହି, ପି: ଯୁଧିଷ୍ଠିର ପାଣିଗ୍ରାହି, ନଟବର ପାଣିଗ୍ରାହି, ପି: ଅର୍ଜୁନ ପାଣିଗ୍ରାହି, ଗୋବିନ୍ଦ ପାଣିଗ୍ରାହି, ନରସିଂହ ପାଣିଗ୍ରାହି, ଅଭି ପାଣିଗ୍ରାହି, ପି: ଭିମ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୮୪୬୬ | | ୦.୩୦୦ | ୦.୧୫୦ | | |
| ୩୩ | ୧୦୩ | ପଦର | ୧.୨୦୦ | ୦.୨୦୦ | ଅନନ୍ତ ମହାନ୍ତି, ପି: ଜଗନ୍ନାଥ ମହାନ୍ତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୧୦୫ | ବିଲ ଜଳସେଚିତ ଏକ ଫସଲି | ୦.୭୫୦ | ୦.୨୭୦ | | |
| | ୧୦୬ | | ୦.୪୧୫ | ୦.୦୫୦ | | |
| ୩୫୧ | ୮୪୧୬ | ବିଲ ଜଳସେଚିତ ଏକ ଫସଲି | ୦.୫୧୦ | ୦.୦୧୦ | ଅଗାଡ଼ି ଗୁନି ସ୍ୱା: ଅଗଡ଼ି ଜଗନ୍ନାଥ ଜା: ଗୋଲା, ବା: ନିଜଗାଁ | |
| | ୮୪୨୪ | ପଦର | ୦.୦୮୫ | ୦.୦୫୩ | | |
| ୩୬୮ | ୯୨୯୮ | ବିଲ ଜଳସେଚିତ ଏକ ଫସଲି | ୦.୫୬୦ | ୦.୧୨୦ | ରାମହରି ସର୍ଦ୍ଦାର, ପି: ଗୋବିନ୍ଦ ସର୍ଦ୍ଦାର, ଚନ୍ଦ୍ରମା ସର୍ଦ୍ଦାର, ସ୍ୱା: ଗୋବିନ୍ଦ ସର୍ଦ୍ଦାର, ଜା: ଗୌଡ଼, ବା: ନିଜଗାଁ | |
| | ୯୩୦୬ | ବିଲ ଜଳସେଚିତ ଏକ | ୧.୭୯୭ | ୦.୩୨୦ | | |
| ୩୭୧ | ୯୩୦୭ | ପଦର | ୦.୨୪୦ | ୦.୦୪୦ | ଗୋବିନ୍ଦ ସର୍ଦ୍ଦାର, ପି: କୃଷ୍ଣ ସର୍ଦ୍ଦାର, ବିଜୟ ସର୍ଦ୍ଦାର, ନିରଞ୍ଜନ ସର୍ଦ୍ଦାର, ପି: ବାଙ୍କ ସର୍ଦ୍ଦାର, ଅପତି ସର୍ଦ୍ଦାର, ସ୍ୱା: ବାଙ୍କ ସର୍ଦ୍ଦାର, ହେମ ସର୍ଦ୍ଦାର, ଭାଇଗ ସର୍ଦ୍ଦାର, ସନାତନ ସର୍ଦ୍ଦାର, ଇନ୍ଦିରା ସର୍ଦ୍ଦାର, ପି: ବଳରାମ ସର୍ଦ୍ଦାର, ସୁରେନ୍ଦ୍ର ସର୍ଦ୍ଦାର, କୈଳାସ ସର୍ଦ୍ଦାର, ସିମାଞ୍ଚଳ ସର୍ଦ୍ଦାର, ବୁଲୁ ସର୍ଦ୍ଦାର, ପି: ବୃନ୍ଦାବନ ସର୍ଦ୍ଦାର, ମାଟ ସର୍ଦ୍ଦାର, ସ୍ୱା: ବୃନ୍ଦାବନ ସର୍ଦ୍ଦାର, ତବତିଆ ସର୍ଦ୍ଦାର, ପଞ୍ଚାନନ ସର୍ଦ୍ଦାର, ପି: ଲୋକନାଥ ସର୍ଦ୍ଦାର, ରାଧା ସର୍ଦ୍ଦାର, ସ୍ୱା: ଲୋକନାଥ ସର୍ଦ୍ଦାର, ତ୍ରିନାଥ ସର୍ଦ୍ଦାର, ବାଞ୍ଛା ସର୍ଦ୍ଦାର, ପି: ଭରତ ସର୍ଦ୍ଦାର, ଜା: ଗଉଡ଼, ବା: ନିଜଗାଁ | |
| ୪୧୫ | ୮୪୧୭ | ବିଲ ଜଳସେଚିତ | ୦.୦୬୦ | ୦.୦୩୦ | ଜଗନ୍ନାଥ ଭଲଭାଇ ପି: ରଘୁନାଥ ଭଲଭାଇ, ବାସନ୍ତି ଭଲଭାଇ, ସ୍ୱା: ରଘୁନାଥ ଭଲଭାଇ, ଯମୁନା ଭଲଭାଇ, ପି: କନ୍ଧ ଭଲଭାଇ, ଜା: ପନ୍ଦରା, ବା: ନିଜଗାଁ | |
| ୪୩୫ | ୯୨୮୧ | ବିଲ ଅଣଜଳସେଚିତ ଏକ | ୦.୩୬୫ | ୦.୦୫୦ | ଯଜ୍ଞ ନାରାୟଣ ପାଢ଼ୀ, ସୂର୍ଯ୍ୟ ନାରାୟଣ ପାଢ଼ୀ, ପି: ରମା ବଲ୍ଲଭ ପାଢ଼ୀ, ଶୈଳବାଳା ପାଢ଼ୀ, ସ୍ମା: ରମା ବଲ୍ଲଭ ପାଢ଼ୀ, ଉଦୟ ନାରାୟଣ ପାଢ଼ୀ, ଗାୟତ୍ରି ପାଢ଼ୀ, ପି: ରାମନାଥ ପାଢ଼ୀ, ଗିତାଞ୍ଜଳି ପାଢ଼ୀ, ସ୍ୱା: ରାମନାଥ ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୮ | ୯୨୭୬ | ବିଲ ଅଣଜଳସେଚିତ ଏକ | ୦.୦୮୫ | ୦.୦୨୦ | ଅନାମ ଚନ୍ଦ୍ର ପାଠୀ, ପି: ବିଘ୍ନରାଜ ପାଠୀ ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୯୨୭୭ | | ୦.୧୨୦ | ୦.୦୧୦ | | |
| | ୯୨୮୫ | | ୦.୦୪୦ | ୦.୦୧୦ | | |
| | ୯୨୮୩ | ବିଲ ଜଳସେଚିତ ଏକ ଫସଲି | ୦.୨୦୦ | ୦.୦୩୦ | | |
| ୫୪୯ | ୮୪୫୨ | ବିଲ ଅଣଜଳସେଚିତ ଏକ | ୦.୦୮୦ | ୦.୦୮୦ | ତ୍ରିନାଥ ବକ୍ସି, କନ୍ତାରୁ ବକ୍ସି, ଭାସ୍କର ବକ୍ସି, ତାରେଣୀ ବକ୍ସି, ପି: ଦାସ ବକ୍ସି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୮୪୫୩ | | ୦.୧୦୦ | ୦.୦୭୦ | | |
| ୫୮୯ | ୮୫୪୫ | ବିଲ ଅଣଜଳସେଚିତ ଏକ | ୦.୧୨୦ | ୦.୦୫୦ | ବୁଚା ଦଣ୍ଡ, ବୁଚା ଜାଗୁ, ବୁଚା ଉଦ୍ଧବ, ପି: ବୁଚା କୁସୁନ, ବୁଚା ଜାଗିଲି, ବୁଚା ସାଇବ, ପି: ବୁଚା ଅଭକି, ବୁଚା ତ୍ରିନାଥ, ବୁଚା ବୁଧିଆ, ବୁଚା କାଶି, ବୁଚା ରାମମୂର୍ତ୍ତୀ, ପି: ବୁଚା ବିର, ବୁଚା ଡମ୍ବରୁ, ପି: ବୁଚା ମାଧବ, ବୁଚା ଯୋଗି, ପି: ବୁଚା ଚନ୍ଦ୍ରମଣି, ବୁଚା ଏରେଣ୍ଡା, ପି: ବୁଚା ଜଗନ୍ନାଥ, ବୁଚା ତବତିଆ, ପି: ବୁଚା ଭରତ, ଜା: ରେଡ଼ି, ବା: ନିଜଗାଁ | |
| | ୮୫୪୬ | | ୦.୦୯୦ | ୦.୦୨୦ | | |
| ୬୦୬ | ୮୪୮୯ | ବିଲ ଅଣଜଳସେଚିତ ଏକ ଫସଲି | ୦.୪୯୦ | ୦.୨୭୦ | ଦଣ୍ଡାସି ଡାକୁଆ, ପି: ନଣ୍ଡା ଡାକୁଆ, ବାଇ ଡାକୁଆ, ଶ୍ରୀମନ୍ତି ଡାକୁଆ, ଗେଲି ଡାକୁଆ, ପି: ବନା ଡାକୁ, ଜା: ଭଣ୍ଡାରୀ, ବା: ଦିତୀୟ ଖଣ୍ଡ ଦେଉଳି | |
| | ୮୫୧୪ | | ୦.୪୫୦ | ୦.୦୯୦ | | |
| | ୮୫୨୫ | | ୦.୧୫୦ | ୦.୧୨୦ | | |
| ୬୧୭ | ୮୪୩୮ | ବିଲ ଅଣଜଳସେଚିତ ଏକ ଫସଲି | ୦.୩୩୫ | ୦.୨୪୦ | ଦଣ୍ଡ ପାଣି ମିଶ୍ର, ପି: କାଶିନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୪୩ | ୮୮୫୫ | ବଗାୟତ ଦୁଇ | ୦.୬୬୦ | ୦.୧୯୦ | ଶ୍ରୀ ରଘୁନାଥ ମହାପ୍ରଭୁ ବିଜେ, ନିଜଗାଁ ମାର୍ଫତ ବା:, ଦୁଃଖି ଶ୍ୟାମ ପାଢ଼ୀ, ପ୍ରସାନ୍ତ କୁମାର ପାଢ଼ୀ, ରମେଶ ଚନ୍ଦ୍ର ପାଢ଼ୀ, ଅଶୋକ କୁମାର ପାଢ଼ୀ, ପି: ସୂର୍ଯ୍ୟ ନାରାୟଣ ପାଢ଼ୀ, ଲମ୍ବୋଦର ପାଣିଗ୍ରାହି, ପି: କୃଷ୍ଣ ପାଣିଗ୍ରାହି, ଜା : ବ୍ରାହ୍ମଣ, ବା : ନିଜଗାଁ | |
| ୬୭ | ୩୧ | ବିଲ ଅଣଜଳସେଚିତ ଏକ ଫସଲି | ୦.୩୪୦ | ୦.୧୧୦ | ଆନନ୍ଦ ପ୍ରଧାନ, ପି: ଅର୍ଜୁନ ପ୍ରଧାନ ଜା: କର୍ମ, ବା: ଡୁଣ୍ଡୁରା | |
| | ୩୨ | | ୦.୧୯୫ | ୦.୧୩୦ | | |
| | ୩୩ | | ୦.୧୬୦ | ୦.୦୦୫ | | |
| | ୩୪ | | ୦.୩୫୦ | ୦.୧୩୦ | | |
| | ୩୬ | | ୦.୩୦୦ | ୦.୧୧୦ | | |
| ୭୧୫ | ୮୪୨୫ | ବିଲ ଅଣଜଳସେଚିତ ଏକ | ୦.୦୩୦ | ୦.୦୨୪ | ନାରାୟଣ ମିଶ୍ର, ପି: କାଶିନାଥ ମିଶ୍ର ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୮୪୩୩ | | ୦.୦୧୦ | ୦.୦୧୦ | | |
| ୭୨୭ | ୮୮୭୫ | ବିଲ ଅଣଜଳସେଚିତ ଏକ ଫସଲି | ୦.୧୬୦ | ୦.୦୯୦ | ନିରଞ୍ଜନ ପଣ୍ଡା, ପି: ଖଲି ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୭୩୨ | ୮୮୮୩ | ବିଲ ଅଣଜଳସେଚିତ ଏକ | ୦.୧୪୦ | ୦.୦୧୦ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ଟ୍ରଷ୍ଟି :, ସେବାୟତ ବା: ପଦ୍ମ ଚରଣ ପଣ୍ଡା, ପି: ତ୍ରିନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୮୮୮୬ | | ୦.୦୭୦ | ୦.୦୪୦ | | |
| | ୮୮୮୭ | | ୦.୨୨୦ | ୦.୦୯୦ | | |
| ୭୩୩ | ୯୮୦୩ | ବିଲ ଅଣଜଳସେଚିତ ଏକ ଫସଲି | ୦.୧୩୦ | ୦.୦୧୦ | ପଦ୍ମ ଚରଣ ପଣ୍ଡା, ପି: ତ୍ରିନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୭୪୫ | ୧୨୮ | ବିଲ ଅଣଜଳସେଚିତ ଏକ ଫସଲି | ୦.୯୧୦ | ୦.୧୦୦ | ଉଚ୍ଚ ଇଂରାଜୀ ବିଦ୍ୟାଳୟ ଭିଷ୍ମଗିରି ତରଫେ ପରିଚାଳନା କମିଟି | |
| | ୮୪୫୦ | ବିଲ ଅଣଜଳସେଚିତ ଏକ | ୦.୫୭୦ | ୦.୦୮୦ | | |
| ୭୫୦ | ୧୨୪ | ବିଲ ଅଣଜଳସେଚିତ ଏକ ଫସଲି | ୧.୦୫୫ | ୦.୨୮୦ | ଶ୍ରୀ ରାଧାକୃଷ୍ଣ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ପରିଚାଳନା କମିଟି | |
| | ୧୨୭ | | ୦.୪୧୫ | ୦.୧୩୦ | | |
| | ୧୪୭ | | ୦.୨୬୦ | ୦.୦୯୦ | | |
| ୭୬୦ | ୧୧ | ବିଲ ଅଣଜଳସେଚିତ ଏକ ଫସଲି | ୦.୨୫୦ | ୦.୦୧୦ | ପ୍ରକାଶ ଚନ୍ଦ୍ର ପାଠି, ରଜନୀକାନ୍ତ ପାଠି, ପ୍ରତାପ ଚନ୍ଦ୍ର ପାଠି, ପ୍ରମୋଦ କୁମାର ପାଠି, ପୁଷ୍ପାଞ୍ଜଳି ପାଠି, ପି: ରାଧାମୋହନ ପାଠି, ସରସ୍ୱତୀ ପାଠି, ସ୍ୱା: ରାଧାମୋହନ ପାଠି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୧୨ | | ୦.୪୨୦ | ୦.୨୩୦ | | |
| ୭୯୩ | ୮୪୫୫ | ବିଲ ଅଣଜଳସେଚିତ ଏକ ଫସଲି | ୦.୩୮୦ | ୦.୦୪୦ | ପାଣ ଡାକୁଆ, ଉମା ଡାକୁଆ, କନକ ଡାକୁଆ, ରେଣୁ ଡାକୁଆ, କୁନି ଡାକୁଆ, ନନ୍ଦିନି ଡାକୁଆ, ପି: ଦଣ୍ଡିଆ ଡାକୁଆ, ଜା: ଭଣ୍ଡାରି, ବା: ନିଜଗାଁ | |
| | ୮୪୫୬ | | ୦.୨୮୫ | ୦.୦୯୦ | | |
| ୭୯୯ | ୮୮୭୭ | ବିଲ ଅଣଜଳସେଚିତ ଏକ ଫସଲି | ୦.୧୪୦ | ୦.୧୨୦ | ବାଦ୍ରି ପିତାମ୍ବର ପି: ବାଦ୍ରି ବାସୁ, ଜା: ଗୋଲା, ବା: ନିଜଗାଁ | |
| ୮ | ୮୫୨୬ | ବିଲ ଅଣଜଳସେଚିତ ଏକ ଫସଲି | ୦.୫୬୦ | ୦.୦୩୦ | ଅଭିମନ୍ୟୁ ପାଣିଗ୍ରାହୀ, ପି: ଗୋପିନାଥ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୭୯ | ୮୮୮୪ | ବିଲ ଅଣଜଳସେଚିତ ଏକ ଫସଲି | ୦.୦୭୫ | ୦.୦୭୫ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ଟ୍ରଷ୍ଟି :, ସେବାୟଦ ବା: ବାଉରିବନ୍ଧୁ ପଣ୍ଡା, ନିରଞ୍ଜନ ପଣ୍ଡା, ପି : ଖଲି ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୯୧୪ | ୯୩୦୬/ ୧୦୮୦୩ | ବିଲ ଅଣଜଳସେଚିତ ଏକ | ୦.୯୩୦ | ୦.୩୯୦ | ବିଜୟ କୁମାର ଗଉଡ଼, ନିରଞ୍ଜନ ଗଉଡ଼, ପି: ବାଙ୍କ ଗଉଡ଼, ଅପର୍ତ୍ତୀ ଗଉଡ଼, ସ୍ୱା: ବାଙ୍କ ଗଉଡ଼, ଜା: ଗଉଡ଼, ବା : ନିଜଗାଁ | |
| ୧୫୯୪/୧୭୮୫ | ୧୨୩ | ବିଲ ଅଣଜଳସେଚିତ ଏକ ଫସଲି | ୦.୮୫୦ | ୦.୧୪୦ | ନିନାଦିନୀ ପଣ୍ଡା, ପି: ରମେଶ ଚନ୍ଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ଏମ ଆଇଜି ଷ୍ଟେଜ ୨ ବ୍ରିଟ କଲୋନୀ, ବ୍ରହ୍ମପୁର ନିଳକଣ୍ଠ ନଗର, | |
| ୧୫୯୪/୧୧୦୭ | ୮୮୮୦ | ବିଲ ଅଣଜଳସେଚିତ ଏକ ଫସଲି | ୦.୧୬୦ | ୦.୧୪୦ | ଚିନ୍ତାମଣି ପ୍ରଧାନ, ପି- ହରି ପ୍ରଧାନ, ଜା: କୁରୁମ, ବା: ଛଣମେରୀ | |
| | ୮୯୦୧ | | ୦.୩୨୦ | ୦.୦୭୦ | | |
| | ୮୮୭୯ | | ୦.୨୨୦ | ୦.୦୧୦ | | |
| | ୮୮୭୮ | | ୦.୧୫୫ | ୦.୦୭୦ | | |
| ୬୯୨ | ୯୨୮୨ | ବିଲ ଜଳସେଚିତ ଏକ ଫସଲି | ୦.୨୧୦ | ୦.୦୩୦ | ନରସିଂହ ପାଢ଼ି, ପି: ଭିମ ପାଢ଼ି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | ୯୨୮୦ | ବିଲ ଅଣଜଳସେଚିତ ଏକ | ୦.୧୬୦ | ୦.୦୩୦ | | |
| ୧୫୯୪/୧୧୨୭ | ୮୪୩୪/ ୧୦୮୬୦ | ବିଲ ଜଳସେଚିତ | ୦.୦୬୫ | ୦.୦୪୫ | ରଘୁନାଥ ବେହେରା, ପି: ଖଲି ବେହେରା, ଜା: କୁରୁମ, ବା: ଦ୍ୱିତୀ ଖଣ୍ଡଦେଉଳି | |
| | | | ମୋଟ | ୧୦.୧୨୨ ଏକର | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0054

## ସମ୍ପାଦକୀୟ

# ସ୍ୱାଧୀନତାର ଉତ୍ତର କାଳରେ ରାଜ୍ୟର ପୋଲିସ ପ୍ରଶାସନ

ସ୍ୱାଧୀନତା ପ୍ରାପ୍ତିର ଅଠୋସ୍ତରୀ ବର୍ଷ ଆମେ ଅତିକ୍ରମ କରି ସାରିଲୁଣି । ତତ୍କାଳୀନ ବ୍ରିଟିଶ ପୋଲିସଙ୍କଦ୍ୱାରା ଭାରତୀୟ ଓଡ଼ିଆମାନେ ଯେପରି ନିର୍ଯ୍ୟାତିତ ହୋଇଥିଲେ, ଏବେ ମଧ୍ୟ ସେହି ଅତ୍ୟାଚାରରେ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି । ପୁରୀରେ ରଥଯାତ୍ରାଠୁଁ ସୁନାବେଶ ଯାଏଁ ଡ୍ୟୁଟି କରି ମଧ୍ୟ ପୋଲିସ ବଦନାମ ମୁଣ୍ଡାଇଥିଲେ ଗତ ଥର । ଭୁବନେଶ୍ୱରରେ ଭିଆଇପିମାନଙ୍କର ଡ୍ୟୁଟି ମଧ୍ୟ ରହୁଛି । କିନ୍ତୁ ଏବେ ରାଜ୍ୟରେ ଅପରାଧୀମାନେ ସକ୍ରିୟ ହୋଇ ନାନାଦି ଅପରାଧ ଭିଆଉଛନ୍ତି ଆଉ ପୋଲିସ ସେମାନଙ୍କୁ ବହୁ ଚେଷ୍ଟା କରି ମଧ୍ୟ ସହଜରେ ଧରି ପାରୁ ନାହାନ୍ତି । ଯଦିଓ ସେମାନେ ଧରା ପଡୁଛନ୍ତି, ତଥାପି ପୋଲିସ ପ୍ରଶାସନ ଖୁବ୍ ବଦନାମ ହେଉଛି । ଏହାର କାରଣ ବିଷୟରେ ରାଜ୍ୟବାସୀ ବିଶ୍ଳେଷଣ କରନ୍ତୁ ।

ତିନି ଦିନ ପରେ ଏତଲା ଗ୍ରହଣ କରୁଛି ପୋଲିସ ଏଠାରେ । ଆଉ ଥାନା ଭିତରେ 'ଥାର୍ଡ ଡିଗ୍ରୀ' ପ୍ରୟୋଗ କରୁଛି ପୋଲିସ । ଅତ୍ୟାଚାର କରି ସତ କଥା ଆଦାୟ କରିବାକୁ ସ୍ୱାଧୀନତାର ଉତ୍ତର କାଳରେ ଏପରି ଅତ୍ୟାଚାର ବା ଥାର୍ଡ ଡିଗ୍ରୀ ଯେ କେତେ ଜଘନ୍ୟ, ତାହା କେନ୍ଦ୍ର ମାନବିକ ଅଧିକାର କମିଶନଙ୍କ ଦୃଷ୍ଟିକୁ ଆସିଛି । ଗତ ଜୁନ ପହିଲାରୁ କେନ୍ଦ୍ରୀୟ ମାନବିକ ଅଧିକାର କମିଶନଙ୍କ ଏକ ପ୍ରତିନିଧି ଦଳ ଏ ସବୁ ବିଷୟରେ ତଦନ୍ତ ଆରମ୍ଭ କରିଛନ୍ତି । ଜଣେ ପୋଲିସ କନଷ୍ଟେବଲ ସୌମ୍ୟଙ୍କୁ ବାଲିଅନ୍ତା ଅଞ୍ଚଳରେ ପୋଲିସ ସମ୍ମୁଖରେ ଯେପରି ବର୍ବରୋଚିତ ଭାବେ ପିଟିପିଟି ହତ୍ୟା କରାଗଲା, ତାହା ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି । ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଥିବାରୁ ଏହି ଘଟଣା ଉପରେ ସେ ବିରକ୍ତି ପ୍ରକାଶ କରି କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମଧ୍ୟ ଆଦେଶ ଦେଇଛନ୍ତି ।

**ଏବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶାର ବିକାଶ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି । କାରଣ ସେ ଭାରତର ପ୍ରଧାନମନ୍ତ୍ରୀଙ୍କଦ୍ୱାରା ମନୋନୀତ ହୋଇ ଅନୁସୂଚିତ ଜନଜାତି ସଂପ୍ରଦାୟର ଜଣେ ସଚ୍ଚୋଟ ଓ ଟାଣୁଆ ନେତା । ସେ ନିଜେ ବିଧାୟକ ଥିବାବେଳେ କେନ୍ଦୁଝର ଜିଲ୍ଲାର ଥାନା ଅଧିକାରୀ ମଧ୍ୟ ତାଙ୍କ କଥାକୁ ଏଡ଼ି ଦେଉଥିଲେ । କିନ୍ତୁ ଅନ୍ୟାୟକୁ ମୁଣ୍ଡପାତି ସେ ସହି ନଥିଲେ । ଏବେ ତାଙ୍କର ପରାମର୍ଶଦାତା ଥିବା ପ୍ରକାଶ ମିଶ୍ର ମଧ୍ୟ ଓଡ଼ିଶାରେ କେବଳ ପୋଲିସ ଡିଜି ନଥିଲେ, ଜଣେ ସୁଦକ୍ଷ ଓ ସଚ୍ଚୋଟ ପୋଲସି ଅଫିସର ଭାବେ ସେ ଦେଶରେ ସୁନାମ ମଧ୍ୟ ଅର୍ଜନ କରିଥିଲେ । ପୁଣି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନୀତି ଓ ଆଦର୍ଶରେ ପରିଚାଳିତ ବିଜେପି ଏକ ଶୃଙ୍ଖଳିତ ରାଜନୀତିକ ଦଳ । କିନ୍ତୁ ରାଜ୍ୟରେ ଏପରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମସ୍ତେ ମିଳିମିଶି ସମ୍ଭାଳି ପାରିଲେ, ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।**

ଗତ ଜୁନ ପହିଲାରେ ରାଉରକେଲାର ଉଦିତ ନଗର ଅଞ୍ଚଳରୁ ଜଣେ ଚୋର ଠାକୁରଙ୍କୁ ମୁଣ୍ଡିଆ ମାରି ହୁଣ୍ଡିରୁ ପ୍ରାୟ ୪୫ ହଜାର ଟଙ୍କା ଲୁଟି ନେଇଛି । ସିସିଟିଭିରେ ତାହାର ଗତିବିଧି କଏଦ ହୋଇଛି, ଯଦିଓ ସ୍ପଷ୍ଟ ଭାବେ ମୁହଁ ସେଥିରେ ଜଣା ପଡୁନାହିଁ । ଏପରି ବିଚିତ୍ର ଅପରାଧ ସବୁ ଘଟି ଚାଲିଛି କିପରି ?

ଅନେକ ବର୍ଷ ତଳେ ପ୍ରାୟ ଷାଠିଏ ଦଶକରେ ରାଉରକେଲାରେ ହୋଇଥିବା ଘଟଣାଟିଏ ବିଷୟରେ ଥରେ ଲାଲବାଗ ଥାନାର ଇନ୍ସପେକ୍ଟର ଥିବା ମହାଦେବ ମିଶ୍ର (ଏବେ ସ୍ୱର୍ଗରେ) କହୁଥିଲେ ଏ ଲେଖକଙ୍କୁ । ସେତେବେଳେ ସେ ସମ୍ଭବତଃ ସବ୍-ଇନ୍ସପେକ୍ଟର ଭାବେ ସେଠାରେ କାର୍ଯ୍ୟରତ ଥିଲେ । ଜଣେ ପୂର୍ବତନ ମନ୍ତ୍ରୀ (ଏବେ ସ୍ୱର୍ଗରେ) ରାଉରକେଲା ଗସ୍ତରେ ଆସି ଡାକବଙ୍ଗଳାରେ ରହୁଥିଲେ । ମହାଦେବ ମିଶ୍ରଙ୍କ ଡ୍ୟୁଟି ସେଠାରେ ଥାଏ । ଜଣେ ଧରା ପଡିଥିବା ଚୋରକୁ ଅଣା ଯାଇଥିଲା ଡାକବଙ୍ଗଳା ନିକଟକୁ । ସେଠି ତାଙ୍କୁ ଏପରି ଅମାନୁଷିକ ଭାବେ ମାଡ଼ ମରା ଯାଉଥିଲା ଓ ସେ ଚିତ୍କାର କରୁଥିଲା ଯେ ମନ୍ତ୍ରୀ ଜଣକ ବାହାରକୁ ଆସି ଏ ଦୃଶ୍ୟ ଦେଖିବା ମାତ୍ରେ ତା' ଉପରେ ଅତ୍ୟାଚାର ବନ୍ଦ ଲାଗି ପୋଲିସକୁ ନିର୍ଦ୍ଦେଶ ଦେଲେ । ମନ୍ତ୍ରୀ ଜଣକ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ କହି ପକାଇଲେ, 'ଏଇଥି ପାଇଁ କ'ଣ ଆମେ ସ୍ୱାଧୀନତା ଆଣିଥିଲୁଁ ? ଏପରି ବର୍ବରତା ସ୍ୱାଧୀନତା ପୂର୍ବର ବ୍ରିଟିଶ ପୋଲିସ ଅତ୍ୟାଚାର ଠାରୁ ମଧ୍ୟ ବେଶୀ ।' ମନ୍ତ୍ରୀଙ୍କ କଥାରେ ମହାଦେବ ମିଶ୍ର ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଚୋରକୁ ମାଡ଼ ମାରିବା ବନ୍ଦ କରି ଦେଇଥିଲେ ।

ଏବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶାର ବିକାଶ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି । କାରଣ ସେ ଭାରତର ପ୍ରଧାନମନ୍ତ୍ରୀଙ୍କଦ୍ୱାରା ମନୋନୀତ ହୋଇ ଅନୁସୂଚିତ ଜନଜାତି ସଂପ୍ରଦାୟର ଜଣେ ସଚ୍ଚୋଟ ଓ ଟାଣୁଆ ନେତା । ସେ ନିଜେ ବିଧାୟକ ଥିବାବେଳେ କେନ୍ଦୁଝର ଜିଲ୍ଲାର ଥାନା ଅଧିକାରୀ ମଧ୍ୟ ତାଙ୍କ କଥାକୁ ଏଡ଼ି ଦେଉଥିଲେ । କିନ୍ତୁ ଅନ୍ୟାୟକୁ ମୁଣ୍ଡପାତି ସେ ସହି ନଥିଲେ । ଏବେ ତାଙ୍କର ପରାମର୍ଶଦାତା ଥିବା ପ୍ରକାଶ ମିଶ୍ର ମଧ୍ୟ ଓଡ଼ିଶାରେ କେବଳ ପୋଲିସ ଡିଜି ନଥିଲେ, ଜଣେ ସୁଦକ୍ଷ ଓ ସଚ୍ଚୋଟ ପୋଲସି ଅଫିସର ଭାବେ ସେ ଦେଶରେ ସୁନାମ ମଧ୍ୟ ଅର୍ଜନ କରିଥିଲେ । ପୁଣି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନୀତି ଓ ଆଦର୍ଶରେ ପରିଚାଳିତ ବିଜେପି ଏକ ଶୃଙ୍ଖଳିତ ରାଜନୀତିକ ଦଳ । କିନ୍ତୁ ରାଜ୍ୟରେ ଏପରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମସ୍ତେ ମିଳିମିଶି ସମ୍ଭାଳି ପାରିଲେ, ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାଇବର ସାକ୍ଷରତାର କେତୋଟି ଦିଗ



**ଡାକ୍ତର ରବି ରଂଜନ ସାହୁ**

ସାଇବର ସାକ୍ଷରତା କ'ଣ ? ଏହାର ଆବଶ୍ୟକତା କେତେ ? ସାଇବର ବିଷୟରେ ସାକ୍ଷର ହୋଇ ବା ଜ୍ଞାନ ଅର୍ଜନ କରିବା ଜରୁରୀ କି ? ଏପରି କିଛି ପ୍ରଶ୍ନ ଆଜି ସମସ୍ତଙ୍କ ପାଇଁ ସାଧାରଣ ହୋଇଗଲାଣି । କାହିଁକି ନା ଦେଶରେ ଓ ବିଶ୍ୱରେ ଏହି ଅପରାଧ ଅଧିକରୁ ଅଧିକ ସଂଖ୍ୟାରେ ଘଟିବାରେ ଲାଗିଛି ଏବଂ ଏହାର ଶିକାର ଅଧିକ ଭାବେ ଶିକ୍ଷିତ ଲୋକେ ହିଁ ହେଉଛନ୍ତି । ଯେଉଁମାନେ ପାଠଶାଠ ପଢ଼ି, ଚାକିରି ବାକିରି କରି ପଇସା ରୋଜଗାର କରୁଛନ୍ତି ସେମାନଙ୍କର ବ୍ୟାଙ୍କ ବାଲାନ୍ସ ଅଛି, ଆପଣାର ଘର ଅଛି, ଜମିବାଡ଼ି ଅଛି ଚାରିଚକିଆ ଗାଡ଼ି ମଧ୍ୟ କେହି କେହି ବ୍ୟବହାର କରୁଛନ୍ତି । ଏପରି ଲୋକମାନେ ସାଇବର ଅପରାଧର ଶିକାର ହୋଇଯିବା ଆଶ୍ଚର୍ଯ୍ୟ ନୁହେଁ କି ? ଏମାନଙ୍କ ପାଇଁ ସାଇବର ସାକ୍ଷରତା ଜରୁରୀ ନୁହେଁ କି ?

ଡ଼ିଜିଟାଲ ଯୁଗରେ ପରିଚୟ ହେଉଛି ଆମର ସବୁଠାରୁ ବଡ଼ ସଂପତ୍ତି, କିନ୍ତୁ ଯଦି ଆମ ଅଜାଣତରେ ଆମର ପରିଚୟର ଅପବ୍ୟବହାର କରାଯାଉଛି ତେବେ କ'ଣ ହେବ ? ସଂପ୍ରତି ନକଲି ପରିଚୟପତ୍ର ବ୍ୟବହାର କରି ସିମ୍ କାର୍ଡ କ୍ରୟ ଏବଂ ବିକ୍ରୟ ସହିତ ଜଡ଼ିତ ଅନେକ ଠକେଇ ସାମ୍ନାକୁ ଆସୁଛି ।

ଏଥିରୁ ଜଣାପଡୁଛି ଯେ ଠକମାନେ ଆପଣଙ୍କ ପରିଚୟ ଚୋରି କରୁଛନ୍ତି । ଆପଣଙ୍କ ନାମରେ ଏକ ନକଲି ସିମ୍ କାର୍ଡ ଅଛି କି ନାହିଁ ଏବଂ ଏହାକୁ କିପରି ନିଷ୍କ୍ରିୟ କରିବେ ତାହା ଜାଣିବା ଆପଣଙ୍କ ପାଇଁ ଜରୁରୀ ହୋଇପଡ଼ିଛି । ସଂପ୍ରତି ଭାରତୀୟ ଦୂରସଞ୍ଚାର ବିଭାଗ ପକ୍ଷରୁ ଏକ ଅପରେସନ ଆରମ୍ଭ ହୋଇଛି-ଏହି ସାଇବର ଠକେଇରୁ ସାଧାରଣ ଲୋକଙ୍କୁ ବଞ୍ଚାଇବା ପାଇଁ । ଏହି ଅପରେସନରୁ ଏହା ଜଣାପଡ଼ିଥିଲା ଯେ ୮୮୦ ସନ୍ଦିଗ୍ଧ ଲୋକଙ୍କୁ ଲକ୍ଷେ ୨୧ହଜାର ସିମ୍ କାର୍ଡ଼ ପ୍ରଦାନ କରାଯାଇଥିଲା । ଏଥି ମଧ୍ୟରୁ ମଧ୍ୟପ୍ରଦେଶରେ ୭୦୦ ଲୋକଙ୍କ ନାମରେ ପ୍ରାୟ ୧ ଲକ୍ଷ ସିମ୍ କାର୍ଡ ଏବଂ ଛତିଶଗଡ଼ରେ ୧୮୦ ଲୋକଙ୍କ ନାମରେ ୨୧ ହଜାର ସିମ୍ କାର୍ଡ଼ ସକ୍ରିୟ ଥିବା ଜଣାପଡ଼ିଛି । ତେଣୁ ଆମ ନାମରେ କୌଣସି ନକଲି ସିମ୍ କାର୍ଡ଼ ବ୍ୟବହାର କରାଯାଉଛି କି ନାହିଁ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ।

ଜଣେ ବ୍ୟକ୍ତିଙ୍କ ପରିଚୟ (ଯେପରିକି ଆଧାର, ଆଇଡ଼ି କିମ୍ବା ଫେସ୍ ଅଥେଣ୍ଟିକେସନ୍) ଭୁଲ ଭାବରେ କିମ୍ବା ବିନା ଅନୁମତିରେ ବ୍ୟବହାର କରି ଏକ ନକଲି ସିମ୍ କାର୍ଡ଼ ଜାରି କରାଯାଏ । ଏଥିରେ ନକଲି ଡ଼କ୍ୟୁମେଣ୍ଟ, ନକଲି ପରିଚୟ କିମ୍ବା ଅଜଣା ବ୍ୟକ୍ତିଙ୍କ ତଥ୍ୟର ଅପବ୍ୟବହାର ଅନ୍ତର୍ଭୁକ୍ତ । ଏହିପରି ସିମ୍ କାର୍ଡ଼ଗୁଡ଼ିକ ପ୍ରାୟତଃ ସାଇବର ଠକେଇ କିମ୍ବା ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହୁଏ । ସିମ୍ ଜାରି ପ୍ରକ୍ରିୟାରେ ଅବହେଳା କିମ୍ବା ଠକେଇ ଯୋଗୁଁ ଏହା ଘଟେ । କେତେକ କ୍ଷେତ୍ରରେ ସିମ୍ ବିକ୍ରେତାମାନେ ଚୋରି କିମ୍ବା ଲିକ୍ ହୋଇଥିବା ଡକ୍ୟୁମେଣ୍ଟ ବ୍ୟବହାର କରନ୍ତି । ସିମ୍ ପ୍ରାୟତଃ ପ୍ରତାରଣାମୂଳକ କିମ୍ବା ଫେସ୍ ଅଥେଣ୍ଟିକେସନ ମାଧ୍ୟମରେ ସକ୍ରିୟ ହୁଏ । ଉପଯୋଗକର୍ତ୍ତାଙ୍କ ସୂଚନା ଏକ ଆପ୍, ୱେବସାଇଟ୍ କିମ୍ବା ସାଇବର ଠକେଇ ମାଧ୍ୟମରେ ପ୍ରାପ୍ତ ହୁଏ ଏବଂ ତା'ପରେ ଅପବ୍ୟବହାର କରାଯାଏ ।

ଦୁର୍ବଳ ମନିଟରିଂ ଏବଂ ବ୍ୟବସ୍ଥାଗତ ତ୍ରୁଟି ମଧ୍ୟ ଏହି ପ୍ରକାରର ଠକେଇକୁ ସହଜ କରିଥାଏ । ନକଲି ସିମ୍ କାର୍ଡ଼ଗୁଡ଼ିକ ସାଧାରଣତଃ ଏପରି କାର୍ଯ୍ୟକଳାପରେ ବ୍ୟବହାର କରାଯାଏ ଯେଉଁଠାରେ ପ୍ରକୃତ ପରିଚୟ ଲୁଚାଇବାକୁ ପଡ଼ିଥାଏ । ଏହା ଅପରାଧୀମାନଙ୍କୁ ଠକି ଖସିଯିବାକୁ ଅନୁମତି ଦିଏ । ଏହା ଜଣେ ବ୍ୟକ୍ତିଙ୍କ ପରିଚୟ ଏବଂ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ । ଯେପରିକି ପରିଚୟ ଚୋରି । ଅପରାଧରେ ଜଡ଼ିତ ନାମ । ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇପାରେ ପିନ୍ ମାଧ୍ୟମରେ ଟଙ୍କା ଠକେଇ ହୋଇପାରେ । ଋଣ କିମ୍ବା ଆର୍ଥିକ ଠକେଇ ହୋଇପାରେ । ସାମାଜିକ ଗଣମାଧ୍ୟମ ଆକାଉଣ୍ଟଗୁଡ଼ିକର ଅପବ୍ୟବହାର ହୋଇପାରେ । ନକଲି ଯାଞ୍ଚ କଲ୍ / ବାର୍ତ୍ତା ଗ୍ରହଣ କରାଯାଇପାରେ ।

ଦୂରସଞ୍ଚାର ବିଭାଗ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ପ୍ରତି ଆଇଡ଼ିରେ ସର୍ବାଧିକ ୯ ସିମ୍ କାର୍ଡ ରଖିପାରିବେ । ଜମ୍ମୁ ଏବଂ କାଶ୍ମୀର, ଆସାମ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସୀମା ୬ ସିମ୍ କାର୍ଡ଼ ରଖିବାର ବ୍ୟବସ୍ଥା ରହିଛି । ଆପଣଙ୍କ ପରିଚୟ ପତ୍ରରେ କେତେ ସିମ୍ କାର୍ଡ ସକ୍ରିୟ ଅଛି ତାହା ଆପଣ ଅନଲାଇନରେ ଯାଞ୍ଚ କରିପାରିବେ । ସରକାରଙ୍କ 'ସଞ୍ଚାର ସାଥୀ' ପୋର୍ଟାଲରେ 'ମୋ ନମ୍ବର ନୁହେଁ' ବିଭାଗରେ ସନ୍ଦିଗ୍ଧ ନମ୍ବର ବିଷୟରେ ତୁରନ୍ତ ରିପୋର୍ଟ କରନ୍ତୁ । ସିମ୍ କାର୍ଡ କିଣିବା ସମୟରେ ସାମାନ୍ୟ ଅବହେଳା ମଧ୍ୟ ବଡ଼ ଠକେଇର କାରଣ ହୋଇପାରେ । ତେଣୁ, ଏହି ସତର୍କତା ଅବଲମ୍ବନ କରନ୍ତୁ କେବଳ ଏକ ଅଧିକାରପ୍ରାପ୍ତ ଷ୍ଟୋରରୁ ସିମ୍ କାର୍ଡ କିଣନ୍ତୁ ।

**ଦୂରସଞ୍ଚାର ବିଭାଗ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ପ୍ରତି ଆଇଡ଼ିରେ ସର୍ବାଧିକ ୯ ସିମ୍ କାର୍ଡ ରଖିପାରିବେ । ଜମ୍ମୁ ଏବଂ କାଶ୍ମୀର, ଆସାମ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସୀମା ୬ ସିମ୍ କାର୍ଡ଼ ରଖିବାର ବ୍ୟବସ୍ଥା ରହିଛି । ଆପଣଙ୍କ ପରିଚୟ ପତ୍ରରେ କେତେ ସିମ୍ କାର୍ଡ ସକ୍ରିୟ ଅଛି ତାହା ଆପଣ ଅନଲାଇନରେ ଯାଞ୍ଚ କରିପାରିବେ । ସରକାରଙ୍କ 'ସଞ୍ଚାର ସାଥୀ' ପୋର୍ଟାଲରେ 'ମୋ ନମ୍ବର ନୁହେଁ' ବିଭାଗରେ ସନ୍ଦିଗ୍ଧ ନମ୍ବର ବିଷୟରେ ତୁରନ୍ତ ରିପୋର୍ଟ କରନ୍ତୁ । ସିମ୍ କାର୍ଡ କିଣିବା ସମୟରେ ସାମାନ୍ୟ ଅବହେଳା ମଧ୍ୟ ବଡ଼ ଠକେଇର କାରଣ ହୋଇପାରେ । ତେଣୁ, ଏହି ସତର୍କତା ଅବଲମ୍ବନ କରନ୍ତୁ କେବଳ ଏକ ଅଧିକାରପ୍ରାପ୍ତ ଷ୍ଟୋରରୁ ସିମ୍ କାର୍ଡ କିଣନ୍ତୁ ।**

ନିଜେ ପ୍ରକ୍ରିୟା ସଂପୂର୍ଣ୍ଣ କରନ୍ତୁ । **ପିନ୍ କାହା ସହିତ ସେୟାର କରନ୍ତୁ ନାହିଁ । ଆପଣଙ୍କ ପରିଚୟ ପତ୍ରର ଏକ କପି କାହାକୁ ଦିଅନ୍ତୁ ନାହିଁ । ସିମ୍ ସକ୍ରିୟକରଣ ବାର୍ତ୍ତା ଏବଂ ନମ୍ବର ତୁରନ୍ତ ଯାଞ୍ଚ କରନ୍ତୁ । ଅବ୍ୟବହୃତ କିମ୍ବା ଅତିରିକ୍ତ ସିମ୍ କାର୍ଡ଼ଗୁଡ଼ିକୁ ତୁରନ୍ତ ନିଷ୍କ୍ରିୟ କରନ୍ତୁ । ସିମ୍ କାର୍ଡ କିଣିବା ସମୟରେ ଏକ ରସିଦ / ଡକ୍ୟୁମେଣ୍ଟ ନେବାକୁ ନିଶ୍ଚିତ କରନ୍ତୁ ।** ଅନ୍ୟ କାହାର ଅନୁରୋଧରେ ଆପଣଙ୍କ ନାମରେ ସିମ୍ କାର୍ଡ କିଣନ୍ତୁ ନାହିଁ । ଯଦି ଆପଣଙ୍କର ଫୋନ ହଜାଇ ଦିଅନ୍ତି, ତେବେ ତୁରନ୍ତ ସିମ୍ କାର୍ଡକୁ ବ୍ଲକ କରନ୍ତୁ । ନିୟମିତ ଭାବରେ ଆପଣଙ୍କ ନାମରେ କେତେ ସିମ୍ କାର୍ଡ ସକ୍ରିୟ ଅଛି ତାହା ଯାଞ୍ଚ କରନ୍ତୁ ।

ଟିକିଏ ସତର୍କତା ଏବଂ ନିୟମିତ ଯାଞ୍ଚ ସହିତ, ଆପଣ ଏହି ପ୍ରକାରର ଠକେଇରୁ ନିଜକୁ ବହୁତ ପରିମାଣରେ ରକ୍ଷା କରିପାରିବେ । ଏପରି ପରିସ୍ଥିତିରେ, ଅଧିକ କ୍ଷତି ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ । **ଏହା କରିବା ପାଇଁ, ସାଇବର ଅପରାଧ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କରନ୍ତୁ ଏବଂ ଅଭିଯୋଗ ଦାଖଲ କରନ୍ତୁ । ସାଇବର ଅପରାଧ ପୋର୍ଟାଲରେ ଏକ ଅନଲାଇନ୍ ରିପୋର୍ଟ ଦାଖଲ କରନ୍ତୁ ।** ନିକଟସ୍ଥ ପୋଲିସ ଷ୍ଟେସନରେ ସୂଚନା ପଞ୍ଜୀକରଣ କରନ୍ତୁ । ତୁରନ୍ତ ସଂପୃକ୍ତ ଟେଲିକମ୍ କମ୍ପାନୀକୁ ଜଣାନ୍ତୁ । କଲ୍, ମେସେଜ୍ ଏବଂ କାରବାର ଭଳି ପ୍ରମାଣ ସଂରକ୍ଷଣ କରନ୍ତୁ । ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରନ୍ତୁ । ସମସ୍ତ ପାସୱାର୍ଡ ଏବଂ ପିନ୍ ପରିବର୍ତ୍ତନ କରନ୍ତୁ । ଯଦି ସମ୍ଭବ ହୁଏ ସେଗୁଡ଼ିକୁ ଅସ୍ଥାୟୀ ଭାବରେ ଅବରୋଧ କରନ୍ତୁ । ସନ୍ଦେହଜନକ ନମ୍ବରଗୁଡ଼ିକୁ ବନ୍ଦ କରନ୍ତୁ । ଏପରି କେତେକ ପଦକ୍ଷେପ ଆପଣଙ୍କୁ ସାଇବର ଠକେଇରୁ ରକ୍ଷା କରିପାରେ ।

ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲ, ଇଣ୍ଟରନେଟ ଓ ସାଇବର ଦୁନିଆ ସହିତ ଅଧିକ ଜଡ଼ିତ । ବଡ଼ ଲୋକମାନଙ୍କୁ ଏହାର ବ୍ୟବହାର ଏତେ ଜଣାନଥାଏ ଯେତେ ପିଲାମାନେ ଜାଣିଥାନ୍ତି ।

ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ଏହାର ବ୍ୟବହାର ଜାଣି ମଧ୍ୟ ବେଳେବେଳେ ସାଇବର ଠକଙ୍କର ଶିକାର ହୋଇଯାଉଛନ୍ତି । ତେଣୁ ସେମାନଙ୍କ ପାଇଁ ସାଇବର ସାକ୍ଷରତା ଅଧିକ ଜରୁରୀ ହୋଇପଡ଼ିଛି । ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ନାଗରିକ ଓ ବିଶ୍ୱର ଭବିଷ୍ୟତ । ସେମାନେ ସୁରକ୍ଷିତ ରହିବା ଜରୁରୀ । ଏଣୁ ଏ ବିଷୟରେ ସାକ୍ଷର ହେବା ବା ଜ୍ଞାନଲାଭ କରିବା ଉଚିତ୍ ।

**(ଶ୍ରୀ ସାହୁ ବୃତ୍ତିରେ ଜଣେ ଦନ୍ତ ଚିକିତ୍ସକ ଓ ଜଣେ ସୁଲେଖକ ଭାବେ ପରିଚିତ)**
**ଚାନ୍ଦିନୀଚୌକ, କଟକ-୨**
**ମୋ-୯୪୩୭୩-୧୦୧୭୧**

# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ନାରୀଶକ୍ତି



**ଡକ୍ଟର ବାସନ୍ତୀ ମହାନ୍ତି**

ଗଞ୍ଜାମ ଜିଲ୍ଲାର ସଂଗ୍ରାମୀ ମହିଳାମାନଙ୍କ ମଧ୍ୟରେ ଥିଲେ ଅବର୍ତ୍ତି ଲକ୍ଷ୍ମୀ ବାଈ, ଅପୂର୍ବା ଦେବୀ, ଅନ୍ନପୂର୍ଣ୍ଣା ପଟ୍ଟନାୟକ, କୁନ୍ଦଲତା ଦେବୀ, ଜେଭି ନାରାୟଣୀ ଦେବୀ, କୋରଡ଼ା ବରଲକ୍ଷ୍ମୀ, କୃଷ୍ଣପ୍ରିୟା ରଥ, ଚମ୍ପାଦେବୀ, ତୁମୁଲୁ ୱାରାହାଲୁ, ପି ତାରାମ୍ମା, ମାଳତୀ ପଣ୍ଡା, ଶୋଭାବତୀ ପଣ୍ଡା, ସୁଭଦ୍ରାମ୍ମା, ସୁଚାରୁ ହାସିନୀ ଦେବୀ, ସୀତାଦେବୀ ଖାଡ଼ଙ୍ଗା, ସୂର୍ଯ୍ୟାମ୍ମା, ହେମଲତା ସାମନ୍ତ, ଲକ୍ଷ୍ମୀ ଇନ୍ଦିରା ପଣ୍ଡା । ଏହାଛଡ଼ା ଆହୁରି ଶହ ଶହ ମହିଳା ଅଛନ୍ତି । ସେମାନେ ସମସ୍ତେ ଶୋଭାଯାତ୍ରାରେ ଯାଉଥିଲେ, ଲବଣ ସତ୍ୟାଗ୍ରହର ଲୁଣ ମାରୁଥିଲେ । ଗଞ୍ଜାମର ଏକ ମହିଳା ସତ୍ୟାଗ୍ରହୀ ଦଳ ଆନ୍ଧ୍ରପ୍ରଦେଶର କୋଟାବମ୍ମାଳି ଅଭିମୁଖେ ଯାତ୍ରା କରିଥିଲେ, ଯେଉଁଥିରେ କୋରାଡ଼ା ବରଲକ୍ଷ୍ମୀ ସାମିଲ ଥିଲେ । **ସୁଭାଷ ବୋଷଙ୍କ ଆଜାଦ୍‌ହିନ୍ଦ୍ ଫୌଜ୍ ସହ ସଂପର୍କ ସ୍ଥାପନ କରିଥିବା ଦୁଇ ମହିଳା ମଧ୍ୟ ଗଞ୍ଜାମ ଜିଲ୍ଲାର ଥିଲେ । ସେ ଦୁଇ ମହୀୟସୀମାନଙ୍କ ମଧ୍ୟରୁ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ପ୍ରତ୍ୟକ୍ଷ ଭାବରେ ଯୁଦ୍ଧ କରିଥିଲେ । ଅନ୍ୟଜଣେ ମହିଳା କୃଷ୍ଣପ୍ରିୟା ରଥ 'ଆଜାଦ୍ ହିନ୍ଦ୍ ଫୌଜ'ର କ୍ଷତାହତ ସୈନ୍ୟମାନଙ୍କ ସେବା କରିଥିଲେ ।**

୧୯୨୧ ମସିହାରେ ମହାତ୍ମାଗାନ୍ଧିଙ୍କ ଗଞ୍ଜାମ ଗସ୍ତ ହିଁ ଗଞ୍ଜାମର ମହିଳାମାନଙ୍କୁ ଜାତୀୟ ଆନ୍ଦୋଳନରେ ସାମିଲ୍ ହେବାପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ସାଧାରଣ ଜନତା ମହାତ୍ମା ଗାନ୍ଧିଙ୍କୁ ଅବତାରୀ ପୁରୁଷ ବୋଲି ଗ୍ରହଣ କରିଥିଲେ । ଜଗନ୍ନାଥଙ୍କ ରଥଟଣା ବେଳେ ରଥ ଉପରେ ମହାତ୍ମା ଗାନ୍ଧିଙ୍କ ଫଟୋ ଟାଙ୍ଗି ରଥ ଟାଣିଥିଲେ । ଗାନ୍ଧି ଠାକୁର, ଗାନ୍ଧି ଶୋଭାଯାତ୍ରା, ଗାନ୍ଧି ଉତ୍ସବ ଲାଗି ରହିଲା । ଗଞ୍ଜାମ ଜିଲ୍ଲାରେ ଯେଉଁ ଠାକୁରାଣୀ ଯାତ୍ରା ହୁଏ, ସେ ଯାତ୍ରା ସହ ମହାତ୍ମା ଗାନ୍ଧିଙ୍କୁ ଯୋଡ଼ାଯାଇ ଗାନ୍ଧି ଠାକୁରାଣୀ ଯାତ୍ରା ମଧ୍ୟ ଆରମ୍ଭ ହୋଇଗଲା । ଗାନ୍ଧିଙ୍କ ନାମରେ ଗାଁ ମୁଣ୍ଡରେ ଗୁଆ ଗଛଟିଏ ପୋତା ହୁଏ । ସେଥିରେ ଖଦଡ଼ କପଡ଼ାଟିଏ ଗୁଡ଼ା ହେଉଥିଲା । ବୁଧବାର ଦିନ ପିଠାପଣା ସହ ସ୍ୱରାଜ ପତାକା ଓ ଗାନ୍ଧି ଫଟୋ ଧରି ସେହିଠାରେ ଶୋଭାଯାତ୍ରାରେ ଗାନ୍ଧିଙ୍କ ନାମ ଉଚ୍ଚାରଣ କରି ସଂଗ୍ରାମୀମାନେ ଗଛ ମୂଳକୁ ଆସନ୍ତି । ପୂଜାପାଠ କରନ୍ତି ।

ଏମିତି କରିବା ଦ୍ୱାରା ଗାଁରୁ ହଇଜା, ହାଡ଼ଫୁଟି, ବସନ୍ତ ଆଦି ମହାମାରୀ ଓ ପଶୁପକ୍ଷୀଙ୍କ ରୋଗ ମଧ୍ୟ ଭଲ ହୋଇଯିବ ବୋଲି ବିଶ୍ୱାସ କରୁଥିଲେ । ମହାତ୍ମା ଗାନ୍ଧି ପ୍ରଥମ ଥର ବ୍ରହ୍ମପୁର ଆସିବାବେଳେ ୪୦ ହଜାର ଲୋକଙ୍କ ଉପସ୍ଥିତିରେ ବାରାକ୍ ପଡ଼ିଆରେ ସଂଧ୍ୟା ସମୟରେ ଉଦ୍‌ବୋଧନ ଦେଇଥିଲେ । ତା' ପୂର୍ବରୁ ବ୍ରହ୍ମପୁର ଟାଉନ୍ ହଲ୍‌ଠାରେ ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଥିଲା, ଯାହା ଫଳରେ ମହିଳାମାନେ ଉତ୍ସାହିତ ହୋଇଥିଲେ ଓ ପାରିବାରିକ ପ୍ରତିବନ୍ଧକ ମଧ୍ୟ ଦୂର ହୋଇଥିଲା ।

୧୯୨୪ ରୁ ୧୯୨୯ ପର୍ଯ୍ୟନ୍ତ ସରଳା ଦେବୀ ଗଞ୍ଜାମ ଜିଲ୍ଲାକୁ ନିଜ କର୍ମଭୂମି ରୂପେ ଗ୍ରହଣ କରିଥିଲେ । ତାଙ୍କ ଉଦ୍ୟମରେ 'ଉତ୍କଳ ମହିଳା ସମ୍ମିଳନୀ' ନାମରେ ସଂଗଠନଟିଏ ସ୍ଥାପିତ ହୋଇଥିଲା । ବ୍ରହ୍ମପୁରର ଦୁଇ ଉଦ୍‌ଯୋଗୀ ମହିଳା ରାସମଣି ଦେଇ ଓ ସ୍ୱର୍ଣ୍ଣଲତା ଦେବୀଙ୍କ ଉଦ୍ୟମରେ ଉତ୍କଳ ମହିଳା ସମ୍ମିଳନୀର ପ୍ରଥମ ଅଧିବେଶନ ବ୍ରହ୍ମପୁର ସ୍ୱରାଜ ଆଶ୍ରମରେ ୧୯୨୪ ମସିହା ଜୁନ୍ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବହୁ ସଂଖ୍ୟକ ମହିଳା ଯୋଗଦାନ କରିଥିଲେ । ସରଳା ଦେବୀ ଓ ହୈମବତୀ ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ପରିଚାଳିତ ହୋଇଥିଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଏହି ସମ୍ମିଳନୀର ସଭାପତିତ୍ୱ କରିଥିଲେ । ସରଳାଙ୍କ ଆହ୍ୱାନରେ ୧୯୨୬ ମସିହାରେ କୁନ୍ତଳା କୁମାରୀ ସାବତ ବ୍ରହ୍ମପୁର ଆସି ଯେଉଁ ଓଜସ୍ୱିନୀ ଭାଷଣ ଦେଇଥିଲେ ସେଥିରେ ଅନେକ ମହିଳା ଅନୁପ୍ରେରିତ ହୋଇ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରିଥିଲେ । ସଭାସ୍ଥଳରେ ମୁଣ୍ଡର ଓଢ଼ଣା ବାହାର କରି ଦେଇଥିଲେ । ରକ୍ଷଣଶୀଳ ଗଞ୍ଜାମ ମାଟିରେ ଏହା କମ୍ ବଡ଼ ସାହସିକ ପଦକ୍ଷେପ ନୁହେଁ ।

୧୯୩୦ ମସିହାରେ ରମ୍ଭା ନିକଟରେ ଲୁଣମରା ଆନ୍ଦୋଳନର ନେତୃତ୍ୱ ନେଇ ସରଳା ଦେବୀ ପ୍ରଥମ ମହିଳା ସତ୍ୟାଗ୍ରହୀ ବା ସ୍ୱାଧୀନତା ସଂଗ୍ରାମୀ ଭାବେ ଗିରଫ ହୋଇଥିଲେ । ରାତିକ ପାଇଁ ରମ୍ଭାରେ ପୋଲିସ ଅଟକାଇ ରଖିବା ପରେ ମାଡ୍ରାସ ମେଲକୁ ଅଟକାଇ ତତ୍କାଳୀନ ବ୍ରିଟିଶ ପୋଲିସ ତାଙ୍କୁ ଭେଲୋର ଜେଲ୍‌କୁ ପଠାଇଥିଲା । ସେଠାରେ ସେ ଛଅମାସ ଜେଲରେ ଥିଲେ ।

**୧୯୩୦ ମସିହାରେ ରମ୍ଭା ନିକଟରେ ଲୁଣମରା ଆନ୍ଦୋଳନର ନେତୃତ୍ୱ ନେଇ ସରଳା ଦେବୀ ପ୍ରଥମ ମହିଳା ସତ୍ୟାଗ୍ରହୀ ବା ସ୍ୱାଧୀନତା ସଂଗ୍ରାମୀ ଭାବେ ଗିରଫ ହୋଇଥିଲେ । ରାତିକ ପାଇଁ ରମ୍ଭାରେ ପୋଲିସ ଅଟକାଇ ରଖିବା ପରେ ମାଡ୍ରାସ ମେଲକୁ ଅଟକାଇ ତତ୍କାଳୀନ ବ୍ରିଟିଶ ପୋଲିସ ତାଙ୍କୁ ଭେଲୋର ଜେଲ୍‌କୁ ପଠାଇଥିଲା । ସେଠାରେ ସେ ଛଅମାସ ଜେଲରେ ଥିଲେ ।**

୧୯୩୨ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ କରି ମହିଳାମାନେ ଟୋକେଇ, ପାଛିଆ ଧରି ସମୁଦ୍ର କୂଳରୁ ଲୁଣ ମାରିବା ବେଳେ ପୋଲିସ୍ ଦ୍ୱାରା ବନ୍ଦୀ ହୋଇଥିଲେ । ବନ୍ଦିନୀମାନଙ୍କ ମଧ୍ୟରେ ଅବର୍ତ୍ତି ଲକ୍ଷ୍ମୀବାଇ ଏକବର୍ଷ ପାଇଁ କାରାବରଣ କରିଥିଲେ ।

ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କର ଜନ୍ମସ୍ଥାନ ବ୍ରହ୍ମପୁର ସହର । ତାଙ୍କର ପିତା ଥିଲେ ଭି.ଭି. ଯୋଗେୟା ଓ ମାତା ସୁଭଦ୍ରାମ୍ମା । ଅବର୍ତ୍ତି ଲକ୍ଷ୍ମୀବାଇ ଥିଲେ ତାଙ୍କର ଭଉଣୀ। ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ମା' ସୁଭଦ୍ରାମ୍ମା, ପୁତ୍ର ଭି.ଭି. ଗିରି ଓ ଭଉଣୀ ଅବର୍ତ୍ତି ଲକ୍ଷ୍ମୀ ବାଈ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ସୁଭଦ୍ରାମ୍ମାଙ୍କୁ ପୁତ୍ରକନ୍ୟାମାନଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଇଂରେଜ ସରକାର ତାଗିଦ୍ କରିଥିଲେ । କିନ୍ତୁ ସୁଭଦ୍ରାମ୍ମା ଏହାକୁ ଖାତିର୍ କରି ନ ଥିଲେ । ଇଂରେଜ ପୋଲିସ୍‌ର ଏହି ଜୁଲମ୍‌ରେ ସ୍ୱାମୀ ଯୋଗେୟା ପବ୍ଲିକ୍ ପ୍ରେସେକ୍ୟୁଟର ପଦରୁ ଇସ୍ତଫା ଦେଇଥିଲେ । ସୁଭଦ୍ରାମ୍ମାଙ୍କ ଘର ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୈଠକସ୍ଥଳ ଥିଲା । ସୁଭଦ୍ରାମ୍ମା ସେମାନଙ୍କର ଚର୍ଚ୍ଚା କରୁ କରୁ ପରିବାରର ମହିଳାମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ଜେଲ୍ ଗଲେ, ମହାତ୍ମା ଗାନ୍ଧିଙ୍କ ରଚନାତ୍ମକ କାର୍ଯ୍ୟରେ ସାମିଲ ହୋଇଗଲେ । ଅବର୍ତ୍ତି ଲକ୍ଷ୍ମୀବାଇ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଆହ୍ୱାନ ଦେଇ ସାରା ଭାରତବର୍ଷରେ ଯେଉଁ ବ୍ୟକ୍ତିଗତ ସତ୍ୟଗ୍ରହ ଚାଲିଥିଲା, ଏଥିରେ ସାମଲ୍ ହୋଇ ଅବର୍ତ୍ତି ଲକ୍ଷ୍ମୀବାଇ ବ୍ୟକ୍ତିଗତ ସତ୍ୟାଗ୍ରହ କରିଥିଲେ କିନ୍ତୁ ପୋଲିସ୍ ତାଙ୍କୁ ଗରିଫ କରି ନଥିଲା । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇ ସେ କାରାବରଣ କରିଥିଲେ । ଅବର୍ତ୍ତି ଲକ୍ଷ୍ମୀବାଇ ଉଚ୍ଚ ଶିକ୍ଷିତା ଥିଲେ । କାଶୀର ଥିଓସୋଫିକାଲ ସୋସାଇଟିରେ ଅଧ୍ୟୟନ ପରେ କଲିକତାରେ ବି.ଏ. ପାସ୍ କରିଥିଲେ । ଭେଲୋର୍‌ରେ ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଥିଲେ । କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ଅଧାରୁ ପାଠପଢ଼ା ଛାଡ଼ି ଦେଇଥିଲେ । ବିବାହ କରିଥିଲେ ରାଜ ମହେନ୍ଦ୍ରିର ଏ ଭେଙ୍କଟ ରାଓଙ୍କୁ । ମାତ୍ର ଏକ ବର୍ଷ ପରେ ସେ ବିଧବା ହୋଇଥିଲେ ।

ସରଳା ଦେବୀଙ୍କ ନେତୃତ୍ୱରେ ବ୍ରହ୍ମପୁରଠାରେ ଗଠିତ ହୋଇଥିଲା ଉଦ୍ୟୋଗ ମନ୍ଦିର । ଏଥିରେ ଅନେକ ମହିଳା ସଦସ୍ୟ ହୋଇଥିଲେ । ଏହି ଉଦ୍ୟୋଗରେ ରଚନାତ୍ମକ କାର୍ଯ୍ୟ ଶିଖୁଥିଲେ । ମହିଳାମାନେ ମହାତ୍ମା ଗାନ୍ଧିଙ୍କୁ ଦେବତା ତୁଲ୍ୟ ମାନୁଥିଲେ । ମହାତ୍ମାଙ୍କ ବାଣୀ ପ୍ରଚାର ପ୍ରସାର ପାଇଁ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ସବୁଠାରୁ ବଡ଼ କଥା ଗଞ୍ଜାମରେ ବସବାସ କରୁଥିବା ତେଲୁଗୁ ମହିଳାମାନେ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ । ଅବର୍ତ୍ତି ଲକ୍ଷ୍ମୀବାଇଙ୍କ ସମେତ ଭି.ଭି ଗିରିଙ୍କର ଜନନୀ ସୁଭଦ୍ରାମ୍ମା, ଲବଣ ସତ୍ୟାଗ୍ରହ ଓ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ । ପି. ତାରାମ୍ମା ଓ ସୂର୍ଯ୍ୟାମ୍ମା ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଅଗଷ୍ଟ ବିପ୍ଳବରେ ଯୋଗଦେଇ ଦୁଇ ଦୁଇଥର କାରାବରଣ କରିଥିଲେ । ସୂର୍ଯ୍ୟାମ୍ମା ମହାତ୍ମା ଗାନ୍ଧିଙ୍କୁ ଅତିଶୟ ଭଲ ପାଉଥିଲେ । ଏପରିକି ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧିଙ୍କ ଅକାଳ ମୃତ୍ୟୁ ଖବର ଶୁଣି ସୂର୍ଯ୍ୟାମ୍ମାଙ୍କ ହୃଦ୍‌କ୍ରିୟା ବନ୍ଦ ହୋଇ ଯାଇଥିଲା । କୋରଡା ବରଲକ୍ଷ୍ମୀ, ଜେ.ଭି. ନାରାୟଣୀ, ତୁମୁଲୁ ୱାରାହାଲୁ ଅନ୍ୟ ତିନିଜଣ ମହିଳା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ । ଜେଲରୁ ଫେରିବା ପରେ ରଚନାତ୍ମକ କାର୍ଯ୍ୟରେ ସଫଳତା ହାସଲ କରିବା ସଙ୍ଗେ ସଙ୍ଗେ ଅପେକ୍ଷାକୃତ ରକ୍ଷଣଶୀଳ ଗଞ୍ଜାମର ଓଡ଼ିଆ ମହିଳାମାନଙ୍କ ପାଇଁ ମଧ୍ୟ ଆଦର୍ଶ ପାଲଟିଥିଲେ ।

**କ୍ରମଶଃ...**

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ମୋ- ୯୪୩୭୦୩୩୦୭୪**

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**
**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ଏଏମ୍/ ଏନ୍ଏସ୍ ଇଣ୍ଡିଆ ଦକ୍ଷ ଏକାଡେମୀ

# ଛାତ୍ରଙ୍କ ଓଏଏସ୍ ପରୀକ୍ଷାରେ ୪୯ ତମ ସ୍ଥାନ ହାସଲ

ଭୁବନେଶ୍ୱର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପଗଡ଼ରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ଦକ୍ଷ ଏକାଡେମୀର ଛାତ୍ର ରଶ୍ମି ରଞ୍ଜନ ବାରିକ ଓପିଏସସି (ଓଡ଼ିଶା ଲୋକସେବା ଆୟୋଗ ) ଦ୍ୱାରା ପରିଚାଳିତ ସମ୍ମାନଜନକ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷାରେ ୪୯ ତମ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଏଏମ୍/ଏନଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍ଆର ପଦକ୍ଷେପ 'ଦକ୍ଷ' ର ପରିବର୍ତ୍ତନକାରୀ ପ୍ରଭାବର ଏକ ପ୍ରମାଣ, ଯାହା ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା, ଉଚ୍ଚମାନର କୋଚିଂ ମାଧ୍ୟମରେ ସଶକ୍ତ କରୁଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ରଶ୍ମି ଲୋକ ସେବା ମାଧ୍ୟମରେ ସମାଜ ସେବା କରିବାର ଆକାଂକ୍ଷାକୁ ପୂରଣ କରିବା ପାଇଁ ଦକ୍ଷ ଏକାଡେମୀରେ ଯୋଗ ଦେଇଥିଲେ। ରଶ୍ମିଙ୍କ ଏହି ସଫଳତା ପାଇଁ, ଏଏମ୍/ଏନଏସ୍ ଇଣ୍ଡିଆର ଭୁବନେଶ୍ୱର କାର୍ଯ୍ୟାଳୟରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏଏମ୍/ ଏନଏସ୍ ଇଣ୍ଡିଆ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟା ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ କମ୍ପାନୀର ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ ଏବଂ ଗୁରୁକୂଳ ଫାଉଣ୍ଡେସନର ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ସୂରଜ ମିଶ୍ର ଉପସ୍ଥିତ ଥିଲେ। କମ୍ପାନୀର ନେତୃମଣ୍ଡଳୀ ତାଙ୍କର ସଫଳତାକୁ ଜନ ସେବା ପ୍ରତି ଦୃଢ଼ତା, ସମର୍ପଣ ଏବଂ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବରେ ପ୍ରଶଂସା କରିଥିଲେ।



ରଶ୍ମି ନିଜ ସଫଳତା ବିଷୟରେ କହିଛନ୍ତି ଯେ, ମୁଁ ମୋ ପରିବାର, ପରାମର୍ଶଦାତା ଏବଂ ଦକ୍ଷ ଏକାଡେମୀର ପ୍ରେରଣାଦାୟକ ପରିବେଶ ପ୍ରତି ଗଭୀର ଭାବେ କୃତଜ୍ଞ। ଅନୁଷ୍ଠାନର ଢାଞ୍ଚାଗତ ଆଭିମୁଖ୍ୟ ଏବଂ ନିରନ୍ତର ପ୍ରୋତ୍ସାହନ ମୋର ସଫଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରଶ୍ମିଙ୍କୁ ଶୁଭେଚ୍ଛା ଜଣାଇ, ଏଏମ୍/ ଏନଏସ୍ ଇଣ୍ଡିଆ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଉପସଭାପତି ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ, "ରଶ୍ମିଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ସଫଳତା ଏଏମ୍/ଏନ୍ଏସ୍ ଇଣ୍ଡିଆର ବ୍ୟାପକ ସୁଯୋଗ ସୃଷ୍ଟି, ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ, ଏବଂ ନିରନ୍ତର ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବା ପ୍ରତି କମ୍ପାନୀର ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି ।"

## କଟକରୁ ଉଠିବନି ଏସ୍‌ଟିଏ କାର୍ଯ୍ୟାଳୟ

# ପରିବହନ କମିଶନରଙ୍କ ସହ ଆଲୋଚନା କଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର): ବିଧାୟିକା ସୋଫିଆ ଫିରଦୋସ ମଙ୍ଗଳବର ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । କଟକ ସହରରୁ ଏହି ପ୍ରତିଷ୍ଠିତ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ବିଧାୟିକା ଶ୍ରୀମତୀ ଫିରଦୋସ ଆଜି କମିଶନରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଆଲୋଚନା କାଳରେ ପରିବହନ କମିଶନର ଶ୍ରୀ ଠାକୁର ସ୍ପଷ୍ଟ କରିଛନ୍ତି ଯେ କୌଣସି ପରିସ୍ଥିତିରେ ବି କଟକ ସହରରୁ ଏହି କାର୍ଯ୍ୟାଳୟ ଉଠିବ ନାହିଁ, ଯାହା କଟକବାସୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି । ଏହା ସହିତ ରାଜ୍ୟର ବିଭିନ୍ନ ଆରଟିଓ କାର୍ଯ୍ୟାଳୟଗୁଡ଼ିକରେ ବୃଦ୍ଧି ପାଉଥିବା ଦୁର୍ନୀତି, ଅନିୟମିତତା



ଏବଂ ଦଲାଲମାନଙ୍କ ଦୌରାତ୍ମ୍ୟ ସମ୍ପର୍କରେ ବିଧାୟିକା କମିଶନରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ।ସାଧାରଣ ଲୋକେ ଯେପରି କୌଣସି ହଇରାଣ ହରକତ ନହୁଅନ୍ତି, ସେଥିପାଇଁ ଏହି ଦଲାଲରାଜ ଓ ଦୁର୍ନୀତି ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ପରିବହନ ବିଭାଗର ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସହଜରେ ସେବା ଯୋଗାଇ ଦେବା ଦିଗରେ ବିଭାଗ ତୁରନ୍ତ ଧ୍ୟାନ ଦେବ ବୋଲି ଏହି ଅବସରରେ ଆଶ୍ୱାସନା ମିଳିଛି । ଏହି ଅବସରରେ କଟକ ସହରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ବାଇମୁଣ୍ଡି ସଙ୍ଗଠନ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅଜିତ କୁମାର ବେହେରା, ସୁରଜିତ ସାହୁ, ଜିତେନ୍ଦ୍ର କୁମାର ନାୟକ, ହରେକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମିଶୋ ଏସ୍ଏମ୍ଇ ଆଇପିଓ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ବିଏସ୍ଇ ସହିତ ସହଭାଗୀ

ଭୁବନେଶ୍ୱର (ସବ୍ୟୁ): ବାର୍ଷିକ କାରବାର ଉପଭୋକ୍ତା ଏବଂ ଅର୍ଡର ଦ୍ୱାରା ଭାରତର ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ମିଶୋ, ବିଏସଇ ସହିତ ସହଭାଗୀତାରେ ପ୍ରୋଜେକ୍ଟ ଶିଖର ଆରମ୍ଭ ଘୋଷଣା କରିଛି । ଏମଏସଏମଇ ଗୁଡ଼ିକୁ ବିଏସଇ ଏସଏମଇ ପ୍ଲାଟଫର୍ମରେ ସାର୍ବଜନୀନ ଭାବରେ ତାଲିକାଭୁକ୍ତ ସଂସ୍ଥାରେ ପରିଣତ କରିବା ସହିତ ସେମାନଙ୍କର ଅଭିବୃଦ୍ଧି ପୁଞ୍ଜିର ପ୍ରବେଶକୁ ସମ୍ବୋଧିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ଅଟେ । ଏକ ଏମଓୟୁ ମାଧ୍ୟମରେ ଆନୁଷ୍ଠାନିକ ହୋଇଥିବା ଏହି ଏମଓୟୁ ମିଶୋର କର୍ପୋରେଟ୍ ବ୍ୟାପାର ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ରାଓ ଏବଂ ବିଏସଇର ଏମଡି ଏବଂ ସିଇଓ ଶ୍ରୀ ସୁନ୍ଦରରାମଣ ରାମମୂର୍ତ୍ତିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ଏହା ତୃଣମୂଳ ସ୍ତରର ଡିଜିଟାଲ୍ ବ୍ୟବସାୟଗୁଡ଼ିକୁ ସଂସ୍ଥାଗତ ପୁଞ୍ଜି ପ୍ରବେଶ କରିବାକୁ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ବିଏସଇର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀ ସୁନ୍ଦରରାମନ ରାମାମୂର୍ତ୍ତି କହିଛନ୍ତି: " ବିଏସଇରେ, ଆମେ ଭାରତର ସବୁଠାରୁ ଗତିଶୀଳ, ନିଯୁକ୍ତି ସୃଷ୍ଟିକାରୀ ବ୍ୟବସାୟଗୁଡ଼ିକୁ ପୁଞ୍ଜି ବଜାରକୁ ସିଧାସଳଖ ପଥ ଦେବା ପାଇଁ ଏସଏମଇ ପ୍ଲାଟଫର୍ମର ଅଗ୍ରଣୀ କାର୍ଯ୍ୟ କରିଥିଲୁ ।

## କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା

# ଅଭିଯୁକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ପୋଲିସ୍ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା । କିନ୍ତୁ ପୋଲିସ୍ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯ୍ୟାତନା ଦେଇଥିଲା । ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ, ସୁଶାନ୍ତଙ୍କ ନାମରେ କୌଣସି ଏଫ୍ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୋଲିସ୍ । ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ କୌଣସି ଏଫ୍ଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ଚୁପ୍ ହୋଇ ବସିରହିଛନ୍ତି ରାଜ୍ୟ ସରକାର ।

ପୋଲିସ୍ ଡିଜି, ଦକ୍ଷିଣାଞ୍ଚଳ ଆଇଜି, ଗଞ୍ଜାମ ଓ ବ୍ରହ୍ମପୁର ଏସ୍ପି ତଥା କବିସୂର୍ଯ୍ୟନଗର ଆଇଆଇସି ସମସ୍ତେ ଅଣଓଡ଼ିଆ ହୋଇଥିବାରୁ ଆଜି ଜଣେ ନିରୀହ ଭିନ୍ନକ୍ଷମ ଓଡ଼ିଆ ଯୁବକଙ୍କୁ ପୋଲିସ୍ ହାଜତରେ ମୃତ୍ୟୁବରଣ କରିବାକୁ ପଡ଼ିଲା । ଘଟଣାରେ ସମ୍ପୃକ୍ତ ସମସ୍ତ ପୋଲିସ୍ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ଏବଂ ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ସହ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି । ଘଟଣାର ସମସ୍ତ ତଥ୍ୟ ସାର୍ବଜନୀନ କରି ଲୋକଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ସରକାର । ଯଦି ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ନ୍ୟାୟ ନ ଦିଅନ୍ତି, ତେବେ ପରିବାରକୁ ନ୍ୟାୟ ଦେବା ପାଇଁ ବିଜୁ ଜନତା ଦଳ ତାହାର ଲଢ଼େଇ ଜାରି ରଖିବ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦଳର ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ରଞ୍ଜିତା ସାହୁ ଓ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ସାମଗ୍ରିକ ଉତ୍କର୍ଷ ପୁରସ୍କାର

କଟକ, (ସ୍ୱପ୍ର): ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସାମଗ୍ରିକ ଉତ୍କର୍ଷ ହାସଲ ନିମନ୍ତେ ପୁରସ୍କୃତ ହୋଇଛି । ଭୁବନେଶ୍ୱର ଠାରେ ଏକ ବୈଦ୍ୟୁତିକ ଗଣ ମାଧ୍ୟମ ସଂସ୍ଥା ପକ୍ଷରୁ ଆୟୋଜିତ ଏଜୁକେଶନ ନେସ୍କଟ୍ -୨୦୨୬ କନ୍‌କ୍ଲେଭ୍‌ରେ ଡ୍ରିମ୍ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ



। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥି ନିମନ୍ତେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆୟୋଜକ ସଂସ୍ଥାକୁ କୃତଜ୍ଞତା ଜଣାଇଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ: ମୁଖ୍ୟରାସ୍ତା ଅବରୋଧ, ଟ୍ରକ ଜବତ

ନରସିଂହପୁର,(ସବ୍ୟୁ) : କଟକଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଥାନା କୁମ୍ଭୀରତଇଲା-ବାସେଲୀହତା ରାସ୍ତାରେ ଏକ ଆଇଚର ଟ୍ରକ ସୋମବାର ସନ୍ଧ୍ୟାରେ ଚାଲିଚାଲି ଘରକୁ ଯାଉଥିବାଜଣେ ବ୍ୟକ୍ତିଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା । ଏହି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ବଡମ୍ବା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ ।ଏହି ଘଟଣାକୁ ନେଇ ମଙ୍ଗଳବାର ଦିନ କୁମ୍ଭୀରତଇଲା ଗ୍ରାମବାସୀ ଓ ପରିବାର ଲୋକେ ନରସିଂହପୁର-ବଡମ୍ବା ମୁଖ୍ୟରାସ୍ତାର ବାସେଳିହତା ଛକ ଠାରେ ୬୫ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ କିମ୍ଭୀରତଇଲା ଗ୍ରାମର ଆକୁଳ ବେହେରା(୫୮)ବାସେଳୀହତା ଛକରୁ ନିଜ କାମସାରି ଘରକୁ ଫେରୁଥିଲେ । ସେହି ସମୟରେ ସମ୍ମୁଖରୁ ଆସୁଥିବା ଏକ ଆଇଚର ଟ୍ରକ ଦଶରଥୀପୁର ଗ୍ରାମରୁ ସିମେଣ୍ଟ ଖାଲି କରି ଫେରୁଥିବା ବେଳେ ହଠାତ ଆକୁଳଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ଆକୁଳଙ୍କୁ ସ୍ଥାନୀୟ ଲୋକେ ଅଚେତ ଅବସ୍ଥାରେ ବଡମ୍ବା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ଏହି ଘଟଣାକୁ ନେଇମଙ୍ଗଳବାର କୁମ୍ଭୀରତଇଲା ଗ୍ରାମବାସୀ ଓ ପରିବାର ଲୋକେ ନରସିଂହପୁର-ବଡମ୍ବା ମୁଖ୍ୟରାସ୍ତାର ବାସେଳିହତା ଛକ ଠାରେ ୬୫ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ ।ରାସ୍ତା ଅବରୋଧର ଖବର ପାଇ କାନପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହିତ ଟ୍ରକଟିକୁ ଜବତ କରି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ରାସ୍ତା ଅବରୋଧର କିଛି ସମୟ ପରେଘଟଣା ସ୍ଥଳରେ ନରସିଂହପୁର ତହସିଲଦାର ଅମ୍ରିତା ସାହୁ ପହଞ୍ଚି ମୃତ ପାରିବାରର ଲୋକଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ଦୁର୍ଘଟଣା ଘଟଇଥିବା ଟ୍ରକ ମାଲିକ ମୃତ ପରିବାରର ବ୍ୟକ୍ତିଙ୍କୁ କାମରେ ନିୟୋଜିତ ପ୍ରତିଶୃତି ଏବଂ ରେଡ଼କ୍ରସ ପାଣ୍ଠିରୁ ଉକ୍ତ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ପରେ ରାସ୍ତା ଅବରୋଧ ହଟିଥିଲା ।

# କାଶିରା ଗ୍ରାମରେ ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶାର ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଜେଏସଡବ୍ଲୁ ଷ୍ଟିଲ୍ର ଓଡ଼ିଶା ଖଣି ବିଭାଗ ଏହାର ସାମାଜିକ ଦାୟିତ୍ୱ ଏବଂ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାଶିରା ଗ୍ରାମରେ ଏକ ବଡ଼ ସଫେଇ ଅଭିଯାନ କରିଥିଲା। ନାରାୟଣପୋଷି ଲୁହା ଏବଂ ମାଙ୍ଗାନିଜ୍ ଖଣିର ୧୦୦ ଜଣ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ କାଶିରା ଗ୍ରାମର ପରିଚ୍ଛନ୍ନତା ପୁନଃସ୍ଥାପନ ଏବଂ ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରୟାସ କରିଥିଲା। ଜେଏସଡବ୍ଲୁ ଷ୍ଟିଲ୍ର ସଫେଇ ଦଳ କାଶିରା ଗ୍ରାମରେ ୧ କିଲୋମିଟର ରାସ୍ତା ସଫା କରିଥିଲା, ଯାହା ଯାତ୍ରୀ ଏବଂ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରତିଦିନ ବ୍ୟବହୃତ ହେଉଥିଲା। ପୂର୍ବରୁ ଅଳିଆ ଏବଂ ଅତ୍ୟଧିକ ଗଛଲତା ଦ୍ୱାରା ଅବରୋଧିତ ଏହି ରାସ୍ତା, ଏବେ ଜାତୀୟ ରାଜପଥ ଜଙ୍କସନରୁ କାଶିରା ସେବାଶ୍ରମ ସ୍କୁଲ ଏବଂ ମୁଖ୍ୟ ଗ୍ରାମ ରାସ୍ତାକୁ ସ୍ପଷ୍ଟ ପ୍ରବେଶ ପ୍ରଦାନ କରେ।



ଧ୍ୱଂସାବଶେଷ ଅପସାରଣ କରି, ଅତ୍ୟଧିକ ଗଛଲତା କାଟି ଏବଂ ସଫା କରି, ମିଳିତ ଦଳ ରାସ୍ତାକୁ ପୁନରୁଦ୍ଧାର କରିଥିଲା, ଯାହା ସମ୍ପ୍ରଦାୟକୁ ସୁରକ୍ଷିତ ଏବଂ ସଫା ପ୍ରବେଶ ପ୍ରଦାନ କରିଥିଲା। ସ୍ଥାନୀୟ ପ୍ରତିନିଧିମାନଙ୍କ ସହିତ କାର୍ଯ୍ୟ କରି, ଜେଏସଡବ୍ଲୁ ଷ୍ଟିଲ୍ ଦେଖାଇଲା ଯେ କିପରି କମ୍ପାନୀ ଏବଂ ଗ୍ରାମଗୁଡ଼ିକ ସ୍ଥାୟୀ ଅଭିବୃଦ୍ଧି ଏବଂ ସମ୍ପ୍ରଦାୟ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ପ୍ରଭାବଶାଳୀ ଭାବରେ ସହଭାଗୀ ହୋଇପାରିବେ। ସ୍ଥାନୀୟ ଗ୍ରାମର ନେତାମାନେ ଜେଏସଡବ୍ଲୁ ଷ୍ଟିଲ୍ ଦଳକୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଉନ୍ନତ ରାସ୍ତା ନାଗରିକ ଗର୍ବ ବୃଦ୍ଧି କରିଛି ଏବଂ ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବୃଦ୍ଧି କରିଛି। ସ୍ୱେଚ୍ଛାସେବକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାକୁ ସଫା ରଖିବା ପାଇଁ ଏକ ମିଳିତ ପ୍ରତିଶ୍ରୁତି ସହିତ ଅଭିଯାନ ଶେଷ ହୋଇଥିଲା।

# ରାୟପୁର କୃଷି ମହାବିଦ୍ୟାଳୟରେ ଅନନ୍ୟା ମଲ୍ଲଙ୍କ ଅନନ୍ୟ ଓଡିଶୀ ନୃତ୍ୟ



ଭୁବନେଶ୍ୱର (ସବ୍ୟୁ): ଛତିଶଗଡ ରାୟପୁରସ୍ଥିତ ଇନ୍ଦିରାଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ କୃଷକ ସଭାଗୃହରେ ରାୟପୁର କୃଷି ମହାବିଦ୍ୟାଳୟର ୬୬ତମ ସମାବର୍ତ୍ତନ ମହୋତ୍ସବରେ କଟକ ସିଡିଏର ଶିକୟତ୍ରୀ ଅନସୂୟା ପାତ୍ର ଓ ବିଶିଷ୍ଟ ସଂଗୀତ ଗୁରୁ ବିଭୁଦତ୍ତ ମଲ୍ଲଙ୍କ ଏକମାତ୍ର ସୁକନ୍ୟା ଅନନ୍ୟା ମଲ୍ଲ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ସାହସ୍ରାଧିକ ଯୁବ ଛାତ୍ର ଛାତ୍ରୀ ଓ ଶିକ୍ଷାବିତ୍ ମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସାରା ଭାରତ ବର୍ଷରୁ ବିଭିନ୍ନ ରାଜ୍ୟର ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ ହୋଇ ଥିବାବେଳେ ଅନନ୍ୟାଙ୍କ "ଅହେନୀଳଶୈଳ " ଓଡିଶୀ ନୃତ୍ୟରେ ଜଗନ୍ନାଥ ସଂସ୍କୃତି ଓ ବିଭୂଚେତନା ଭରପୁର ଦର୍ଶକଙ୍କୁ ଆମୋହିତ କରିଥବାବେଳେ କୁଳପତି ପ୍ରଫେସର ଡ଼କ୍ଟର ଗିରିଶ ଚଂଦେଲ ଅନନ୍ୟାଙ୍କ ନୃତ୍ୟର ଭୁୟସୀ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ମେଧାବୀ ଅନନ୍ୟା ଜାତୀୟ ବୃତ୍ତି ପାଇ କୃଷି ମହାବିଦ୍ୟାଳୟର ସ୍ନାତକ ଶେଷ ବର୍ଷରେ ଅଧୟନ କରୁଥୁବା ବେଳେ ପିଲାଟି ଦିନରୁ ଓଡିଶୀ ନୃତ୍ୟ ପ୍ରତି ଅଭିରୁଚି ରଖିଛନ୍ତି।

# ବ୍ରହ୍ମଗିରି ବିଜୁ ମହିଳା ଜନତା ଦଳ ତରଫରୁ "ନାରୀ ଅଧିକାର ଅଭିଯାନ"

ପୁରୀ, (ସବ୍ୟୁ): ମଙ୍ଗଳବାର ପୂର୍ବାହ୍ନରେ ବ୍ରହ୍ମଗିରି ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ ସମ୍ପର୍କିତ ଏକ ବିଶାଳ ମହିଳା ରାଲି ଅନୁଷ୍ଠିତ ହୋଇଥିଲା। ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ପ୍ରମିଳା ମଲ୍ଲିକ, ରାଜ୍ୟ ମହିଳା କମିଶନର




ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା, ପୁରୀ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଦଳର ବରିଷ୍ଠ ନେତ୍ରୀ ମାନସୀ ହରିଚନ୍ଦନ, କସ୍ତୁରୀବାଳା ସ୍ୱାଇଁ, ପୁଷ୍ପାଞ୍ଜଳି ରଣା, ସସ୍ମିତା ସାହୁ, ରାଧାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ବାହାରି ଏକ ବିଶାଳ ଶୋଭାଯାତ୍ରା ବ୍ରହ୍ମଗିରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲା । ମହିଳା ମାନଙ୍କୁ ଲୋକସଭା ଓ ବିଧାନସଭା ରେ ୩୩ ପ୍ରତିଶତ ସଂରକ୍ଷଣ, ରାଜ୍ୟ ଓ ବ୍ରହ୍ମଗିରିରେ ବଢିଚାଲିଥିବା ନାରୀମାନଙ୍କ ପ୍ରତି ଦୁଷ୍କର୍ମ, ନିର୍ଯ୍ୟାତନା, ରାଜ୍ୟରେ ଚରମ ଆଇନଶୃଙ୍ଖଳା ପରିସ୍ଥିତି ଓ ତିନିମାସ ଧରି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ବିଧବା ମହିଳା ମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ପ୍ରତିବାଦରେ ବ୍ଲକ ଠାରେ ବିକ୍ଷୋଭ କରାଯାଇଥିଲା । ଡବଲ ଇଞ୍ଜିନ ସରକାର ଓଡ଼ିଶାର ନାରିଜାତିକୁ ଡବଲ ଧୋକା ଦେଇଥିବା ବିଜେଡିର ରାଜ୍ୟ ଉପସଭାପତି ସଞ୍ଜୟ ଦାସ ବର୍ମା ପ୍ରତିବାଦ ସମାବେଶରେ କହିଥିବାବେଳେ ପ୍ରବାଦପୁରୁଷ ବିଜୁ ବାବୁ ମହିଳାମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ସଂରକ୍ଷଣ ଦେଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ମହିଳା ମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ କରି ଗ୍ରାମ୍ୟ ଭିତ୍ତିଭୂମି କୁ ସୁଦୃଢ଼ କରିବା ସହିତ ଓଡ଼ିଶାର ମାତୃଜାତିକୁ ପ୍ରକୃତ କ୍ଷମତା ଅର୍ପଣ କରିଥିଲେ ବୋଲି ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର,ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଜନ୍ମେଶ୍ୱର ସାହୁ, ସନ୍ଦୀପ ଜେନା, ମୋନାଲି ମିଶ୍ର, ପୂର୍ବତନ ଅଧ୍ୟକ୍ଷା ନଳିନୀପ୍ରଭା ବରାଳ ଓ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ,ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ସମବାୟ ସମିତି ନିର୍ଦ୍ଦେଶକ ଭଗବାନ ନାୟକ, ରାଜ୍ୟ ବିଜୁ ଯୁବ ଜନତା ଦଳର ବରିଷ୍ଠ ଉପସଭାପତି ଜୟନ୍ତ କୁମାର ମହାନ୍ତି, ଯୁବ ନେତା ବିଜୟ ଦଳାଇ, ନନ୍ଦକିଶୋର ବିଶ୍ୱାଳ,କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ନିରଞ୍ଜନ ପ୍ରଧାନ ବିକ୍ଷୋଭ ସମାବେଶକୁ ପରିଚାଳନା କରିଥିଲେ ।

# ଏନବିବିଏଲ୍ ପକ୍ଷରୁ ଭାରତ କନେକ୍ଟ ପ୍ଲାଟଫର୍ମରେ ଏକ ନିୟୁତ ଇ-ଚାଲାଣ କାରବାର ହାସଲ

ଭୁବନେଶ୍ୱର (ସବ୍ୟୁ): ନ୍ୟାସନାଲ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସହାୟକ କମ୍ପାନି ଏନପିସିଆଇ ଭାରତ ବିଲପେ ଲିମିଟେଡ୍ (ଏନବିବିଏଲ୍) ଏହାର ଭାରତ କନେକ୍ଟରେ ୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ ନିୟୁତରୁ ଅଧିକ ଇ-ଚାଲାଣ କାରବାରକୁ ସଫଳତାର ସହ ସମ୍ପନ୍ନ କରିଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ହିମାଚଳ ପ୍ରଦେଶ ଓ ଦିଲ୍ଲୀଭଳି ରାଜ୍ୟର ଇ-ଚାଲାଣ ପେମେଂଟ୍ ଭାରତ କନେକ୍ଟ ଜରିଆରେ ପ୍ରକ୍ରିୟାକରଣ ହେଉଛି। ଭାରତ କନେକ୍ଟର ଇ-ଚାଲାଣ ବର୍ଗରେ ନାଗରିକମାନେ ସୁରକ୍ଷିତ, ଇଂଟରର ଅପରେବଲ ଓ ସହଜଲବ୍ଧ ପ୍ଲାଟଫର୍ମ ଜରିଆରେ ଟ୍ରାଫିକ ଚାଲାଣକୁ ଦେଖିପାରୁଛନ୍ତି ଓ ପଇଠ କରିପାରୁଛନ୍ତି।

## ଖୋର୍ଦ୍ଧା ଜିଲ୍ଲାର ଗିରିଗିରିଆ ଗ୍ରାମରେ

# ଗେଲ୍ ପକ୍ଷରୁ ଲେଭେଲ୍-III (ଅଫ୍-ସାଇଟ୍) ମକ୍‌ଡ୍ରିଲ୍

ଭୁବନେଶ୍ୱର, (ସବ୍ୟୁ): ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଯୋଗରେ ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗିରିଗିରିଆ ଗ୍ରାମ ନିକଟସ୍ଥ ଶ୍ରୀକାକୁଲମ-ଅନୁଗୁଳ ପ୍ରାକୃତିକ ଗ୍ୟାସ ପାଇପଲାଇନ୍ (SAPL)ର ସେକ୍ସନାଲାଇଜିଂ ଭାଲ୍ଭ ଷ୍ଟେସନ୍ 'SV-05SA' ଠାରେ ଏକ ଲେଭେଲ୍-III (ଅଫ୍-ସାଇଟ୍) ମକ୍ ଡ୍ରିଲ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭ୍ୟାସରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ବେହେରା ଉପସ୍ଥିତ ଥିବାବେଳେ ଗେଲ୍ (ଇଣ୍ଡିଆ) ଲିମିଟେଡ୍ର ମୁଖ୍ୟ ମହାପ୍ରବନ୍ଧକ ତଥା ଓଡ଼ିଶା ଅଞ୍ଚଳର ପ୍ରଭାରୀ ଅଧିକାରୀ ପି.ଏସ୍.ଭି. ସୁବ୍ବା ରାଓ, ଅପରେସନ୍ ଓ ରକ୍ଷଣାବେକ୍ଷଣ ବିଭାଗ ଏବଂ ଅଗ୍ନି ଓ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହା ବ୍ୟତୀତ ଏନ୍‌ଡିଆରଏଫ୍ ତୃତୀୟ ବାଟାଲିୟନର ସହକାରୀ କମାଣ୍ଡାଣ୍ଟ ସତୀଶ ଠାକୁର ଏବଂ ବେଗୁନିଆ ଥାନାର ଉପ-ନିରୀକ୍ଷକ ଅଭୟ ରାଉତ ମଧ୍ୟ ଏହି ଅଭ୍ୟାସରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ପି.ଏସ୍.ଭି. ସୁବ୍ବା ରାଓ ପାଇପଲାଇନ୍ ସୁରକ୍ଷା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା




ଦିଗରେ ଏଭଳି ମକ୍ ଡ୍ରିଲ୍‌ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମକ୍ ଡ୍ରିଲ୍‌ରେ ଏକ କାଳ୍ପନିକ ପରିସ୍ଥିତିର ଅନୁକରଣ କରାଯାଇଥିଲା, ଯେଉଁଥିରେ ଏକ ବୋରୱେଲ୍ ଅପରେଟରଙ୍କ ଅସାବଧାନତା ଯୋଗୁଁ SV-05SA ଓ SV-06SA ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ୨୪-ଇଞ୍ଚ ବ୍ୟାସ ବିଶିଷ୍ଟ ପାଇପଲାଇନ୍ କ୍ଷତିଗ୍ରସ୍ତ ହେବା ଫଳରେ ପ୍ରାକୃତିକ ଗ୍ୟାସ ଲିକେଜ୍ ହୋଇ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା। ଜଣେ ଗ୍ରାମବାସୀ ଗେଲ୍‌ର ଟୋଲ୍-ଫ୍ରି ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୧୫୧୦୧କୁ ସୂଚନା ପ୍ରଦାନ କରିବା ପରେ ରାଞ୍ଚିସ୍ଥିତ ରିଜିଓନାଲ୍ ଗ୍ୟାସ୍ ମ୍ୟାନେଜମେଣ୍ଟ ସେଣ୍ଟର ତୁରନ୍ତ ଏମର୍ଜେନ୍ସି ଆକ୍ସନ୍ ପ୍ଲାନ୍ କାର୍ଯ୍ୟକାରୀ କରିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଗେଲ୍‌ର ଭୁବନେଶ୍ୱର ରକ୍ଷଣାବେକ୍ଷଣ ଦଳ ଏବଂ ଅଗ୍ନି ଓ ସୁରକ୍ଷା ଦଳ ଆବଶ୍ୟକ ଉପକରଣ ସହିତ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗେଲ୍‌ର ଏମର୍ଜେନ୍ସି ଆକ୍ସନ୍ ପ୍ଲାନ୍ ଏବଂ ଏମର୍ଜେନ୍ସି ରେସ୍ପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ସମସ୍ତ ସଂସ୍ଥାର ସମନ୍ୱିତ ଉଦ୍ୟମ ଫଳରେ ପରିସ୍ଥିତିକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇ ସ୍ୱାଭାବିକ ଅବସ୍ଥା ଫେରାଇ ଆଣାଯାଇଥିଲା। ମକ୍ ଡ୍ରିଲ୍ ସମୟରେ , ବିଭିନ୍ନ ପ୍ରତିକ୍ରିୟାକାରୀ ଦଳଗୁଡ଼ିକ ପ୍ରାକୃତିକ ଗ୍ୟାସ ଲିକେଜ୍ ଯୋଗୁଁ ସୃଷ୍ଟ ଅଗ୍ନିକାଣ୍ଡର କାଳ୍ପନିକ ପରିସ୍ଥିତିକୁ ସଫଳତାର ସହ ନିୟନ୍ତ୍ରଣ କରିବା, ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା, ଜରୁରୀକାଳୀନ ପ୍ରତିକ୍ରିୟା ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତକରଣ କ୍ଷେତ୍ରରେ ଉତ୍କୃଷ୍ଟ ସମନ୍ୱୟର ପ୍ରଦର୍ଶନ କରିଥିଲେ। ଅଭ୍ୟାସ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା ନିଜ ନିଜ ଅନୁଭୂତି ଓ ପର୍ଯ୍ୟବେକ୍ଷଣ ସେୟାର କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରାକୃତିକ ଗ୍ୟାସ ପାଇପଲାଇନ୍ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ନିମନ୍ତେ ଓଡ଼ିଆ ଭାଷାରେ ଏକ ନୁକ୍କଡ଼ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା।

# ଇବୋଲା ଆତଙ୍କ : କେନ୍ଦ୍ରର ନୂଆ ନିର୍ଦ୍ଦେଶାବଳି ଜାରି




ନୂଆଦିଲ୍ଲୀ : ଇବୋଲା ଭାଇରସକୁ ନେଇ ସାରା ବିଶ୍ୱରେ ଆତଙ୍କ ଦେଖାଦେଇଥିବାବେଳେ ସରକାର ଏହି ଭାଇରସକୁ ନେଇ ପୁଣି ଏକ ସଦ୍ୟ ନିର୍ଦ୍ଦେଶାବଳି ଜାରି କରିଛନ୍ତି। ଏକ ବିସ୍ତୃତ ବିବୃତିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ଦେଶରେ ଏଯାବତ ଇବୋଲା ମାମଲା ଚିହ୍ନଟ ହୋଇନାହିଁ । ତେବେ ଯେଉଁମାନେ ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଗସ୍ତ କରିଛନ୍ତି ଏବଂ ସେମାନଙ୍କଠାରେ କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖାଦେଉଛି ସେମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ। ନିର୍ଦ୍ଦେଶାବଳିରେ କୁହାଯାଇଛି, ଯଦି ଆପଣ ଗତ ୨୧ ଦିନ ମଧ୍ୟରେ ଇବୋଲା ପ୍ରଭାବିତ ରାଷ୍ଟ୍ରରୁ ଏବଂ ଇବୋଲା ପ୍ରଭାବିତ ରାଷ୍ଟ୍ର ଦେଇ ଯାତ୍ରା କରିଛନ୍ତି, ଏବଂ ଆପଣଙ୍କଠାରେ ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି, ମାଂସପେଶୀରେ ଯନ୍ତ୍ରଣା, ଡାଇରିଆ ଭଳି ଲକ୍ଷଣ ଦେଖାଦେଉଛି ତେବେ ପୃଥକ୍ ରୁହନ୍ତୁ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ।କୌଣସି ପ୍ରକାର ସହଯୋଗ ପାଇଁ କର୍ତ୍ତୃପକ୍ଷମାନଙ୍କୁ ଯୋଗାଯୋଗ କରିବାପାଇଁ ସରକାର ମଧ୍ୟ ଏକ ହେଲ୍ପଲାଇନ ନମ୍ବର ୧୦୭୫ ସେୟାର କରିଛନ୍ତି। ନିର୍ଦ୍ଦେଶାବଳିରେ କୁହାଯାଇଛି ଯେ ଆଗୁଆ ରୋଗ ଚିହ୍ନଟ ଜୀବନ ବଞ୍ଚାଇଦେବ ଏବଂ ରୋଗ ବେଶୀ ବ୍ୟାପିବାକୁ ଦେବନାହିଁ। ଉଲ୍ଲେଖଯୋଗ୍ୟ ଯେ ଡିମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଯାତ୍ରା ନକରିବାପାଇଁ ସରକାର ଏକ ନିର୍ଦ୍ଦେଶାବଳି ଜାରି କରିବାର କିଛି ଦିନ ପରେ ଆଜି ଏହି ସଦ୍ୟ ନିର୍ଦ୍ଦେଶାବଳି ଜାରି ହୋଇଛି। ଉଲ୍ଲେଖଯୋଗ୍ୟ ଇବୋଲା ଭାଇରସ୍ ଯୋଗୁ ପ୍ରଭାବିତ ରାଷ୍ଟ୍ରମାନଙ୍କରେ ଏଯାବତ ମୃତ୍ୟୁ ସଂଖ୍ୟା ୨୦୦ ଟପିଥିବାବେଳେ ୧୦୭୭ ସନ୍ଦିଗ୍ଧ ମାମଲା ରହିଛି।

# ୧୨ ବିଲିଅନ ଡଲାର ସୁନା ବିକିଛି ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୨ ବିଲିଅନ ଡଲାରର ସୁନା ବିକ୍ରି କରିଥାଇପାରେ। ବିଦେଶୀ ମୁଦ୍ରା ଭଣ୍ଡାରକୁ ସୁରକ୍ଷା ଦେବା ପାଇଁ ଏହା କରାଯାଇଥିବା ନେଇ ଏକ ରିପୋର୍ଟରେ କୁହାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଅଶୋଧିତ ତେଲ ଦର ଅଧିକ ରହିବା ଏବଂ ଯୋଗାଣ ସଂକୁଚିତ ହେବା ଫଳରେ ଭାରତ ଅନେକ ଅସୁବିଧା ଦେଇ ଗତି କରୁଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଯିବା ଏବଂ ଡଲାର ତୁଳନାରେ ଟଙ୍କା ଟଙ୍କା ମୂଲ୍ୟ ଦୁର୍ବଳ ହେବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ବଡ଼ ଚାପ ପଡ଼ିଛି। ଏସବୁ ଚାପର ପ୍ରଭାବକୁ କମ୍ କରିବା ପାଇଁ ସରକାର କେତେକ ପଦକ୍ଷେପ ନେଇଛନ୍ତି। ଦେଶର ବିଦେଶୀ ମୁଦ୍ରା ଯେଭଳି କମ୍ ଖର୍ଚ୍ଚ ହେବ ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ଅନେକ ଆହ୍ୱାନ ଦେଇଛନ୍ତି। ଏଥିସହିତ ସୁନା ଉପରେ ଆମଦାନି ଶୁଳ୍କ ମଧ୍ୟ ୬ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରାଯାଇଛି।ବ୍ଲୁମବର୍ଗ ଇକୋନୋମିକ୍ସର ଆକଳନ ଅନୁଯାୟୀ, ରିଜର୍ଭ ବ୍ୟାଙ୍କ ଗତ ମେ ୨୨ ତାରିଖରେ ଶେଷ ହୋଇଥିବା ପକ୍ଷରେ ପ୍ରାୟ ୧୨ ବିଲିଅନ ଡଲାରର ସୁନା ବିକ୍ରି କରିଛି। ବ୍ଲୁମବର୍ଗ ଇକୋନମିକ୍ସର ବରିଷ୍ଠ ଅର୍ଥନୀତିଜ୍ଞ ଅଭିଷେକ ଗୁପ୍ତା ଆକଳନ କରିଛନ୍ତି ଯେ ରିଜର୍ଭ ବ୍ୟାଙ୍କ ପ୍ରାୟ ୭.୫ ବିଲିଅନ ଡଲାରର ବିଦେଶୀ ମୁଦ୍ରା ଯୋଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ପ୍ରାୟ ୮୮୦.୫୨ ଟନ ସୁନା ଗଚ୍ଛିତ ରଖିଥିଲା। ସେଥିରୁ ୭୭ ପ୍ରତିଶତ ସୁନା ଭାରତରେ ମହଜୁଦ ଥିଲା। କିଛିମାସ ପୂର୍ବରୁ ଏହି ପ୍ରତିଶତ ୬୬ ପ୍ରତିଶତରେ ରହିଥିଲା। ଏପ୍ରିଲରେ ରିଜର୍ଭ ବ୍ୟାଙ୍କ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଥିଲା ଯେ ବିଦେଶରେ ଏହାର ଅଧିକାଂଶ ସୁନା ବ୍ୟାଙ୍କ ଅଫ ଇଂଲଣ୍ଡ ଏବଂ ବ୍ୟାଙ୍କ ଫର୍ ଇଣ୍ଟରନ୍ୟାସନାଲ ସେଟେଲମେଣ୍ଟରେ ରହିଛି।ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେଲା ରିଜର୍ଭ ବ୍ୟାଙ୍କ ସୁନା କ୍ରୟ ବଢ଼ାଇ ଦେଇଛି। ୱାର୍ଲଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ, ୨୦୦୦ ମସିହା ବେଳକୁ ରିଜର୍ଭ ବ୍ୟାଙ୍କ ପାଖରେ ୩୫୭.୭୬ ଟନ୍ ସୁନା ଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୫୮ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୫ ଶେଷ ବେଳକୁ ରିଜର୍ଭ ବ୍ୟାଙ୍କ ନିକଟରେ ୫୫୭.୭୫ ଟନ ସୁନା ଥିବାବେଳେ ୨୦୨୫ ଶେଷବେଳକୁ ଏହା ୮୮୦.୩୪ ଟନରେ ପହଞ୍ଚିଛି।

# ଇରାନରେ ୩ ଅପରାଧୀଙ୍କୁ ଫାଶୀ

ତେହେରାନ୍: ଇରାନର ନ୍ୟାୟପାଳିକା ଶିଶୁ ସୁରକ୍ଷା ଓ ଜଘନ୍ୟ ଅପରାଧ ବିରୁଦ୍ଧରେ ପୁଣି ଥରେ ଅତି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଦେଶରେ



ନାବାଳକ ଓ ଶିଶୁମାନଙ୍କୁ ନିର୍ମମ ଭାବେ ଦୁଷ୍କର୍ମ କରିଥିବା ମାମଲାରେ ସମ୍ପୃକ୍ତ ତିନି ଜଣ ଅପରାଧୀଙ୍କୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫାଶୀ ଦିଆଯାଇଛି। ଅଗଷ୍ଟ ୨୦୨୪ ଏବଂ ୨୦୨୫ ମସିହାରେ ଦାୟର ହୋଇଥିବା ଦୁଇଟି ପୃଥକ ମାମଲାର ଦୀର୍ଘ ଶୁଣାଣି ପରେ ନ୍ୟାୟପାଳିକା ପକ୍ଷରୁ ଏହି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।ଇରାନର ସୁପ୍ରିମକୋର୍ଟ ଏହି ଜଘନ୍ୟ ଅପରାଧ ପାଇଁ ନିମ୍ନ ଅଦାଲତ ଦ୍ୱାରା ଦିଆଯାଇଥିବା ମୃତ୍ୟୁଦଣ୍ଡକୁ ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ଦର୍ଶାଇ ଏହା ଉପରେ ଚୂଡ଼ାନ୍ତ ଅନୁମୋଦନ ଦେଇଥିଲେ। ଜଣେ ୧୪ ବର୍ଷୀୟ ଏବଂ ଜଣେ ୧୦ ବର୍ଷୀୟ ଶିଶୁଙ୍କ ଉପରେ ହୋଇଥିବା ଏହି ବର୍ବରୋଚିତ ଅତ୍ୟାଚାର ଏବଂ ଏହା ପରେ ଆସିଥିବା କଠୋର ଦଣ୍ଡବିଧାନ ସମଗ୍ର ଇରାନ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ଓ ଶିଶୁ ସୁରକ୍ଷା ଆଇନକୁ ନେଇ ଏକ ବ୍ୟାପକ ବିତର୍କକୁ ପୁନଃଜୀବିତ କରିଛି।ପ୍ରଥମ ଘଟଣାଟି ଅଗଷ୍ଟ ୨୦୨୪ ମସିହାରେ ଇରାନର ଘୋରଭେ ସହରରେ ଘଟିଥିଲା, ଯେଉଁଠାରେ ଦୁଇଜଣ ପୁରୁଷ ମିଳିତ ଭାବେ ଜଣେ ୧୪ ବର୍ଷୀୟ ବାଳକକୁ ଦୁଷ୍କର୍ମ କରିଥିଲେ। ଇରାନର ନ୍ୟାୟପାଳିକାର ଅଧିକାରିକ ୱେବସାଇଟ୍ "ମିଜାନ"ର ସୂଚନା ଅନୁଯାୟୀ, ଏହି ଭୟଙ୍କର ଅପରାଧର ବିଚାର କରି କୋର୍ଟ ଉଭୟଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ। ସେହିପରି ଅନ୍ୟ ଏକ ଲୋମହର୍ଷଣକାରୀ ଘଟଣା ଉତ୍ତର ଇରାନର ରାଷ୍ଟ ସହରରେ ସାମ୍ନାକୁ ଆସିଥିଲା, ଯେଉଁଠାରେ ଅଗଷ୍ଟ ୨୦୨୫ ମସିହାରେ ଜଣେ ବ୍ୟକ୍ତି ଜଣେ ୧୦ ବର୍ଷର କୋମଳମତି ବାଳକକୁ ଦୁଷ୍କର୍ମ କରିବା ପରେ ନିର୍ମମ ଭାବେ ହତ୍ୟା କରିଥିଲା। ଏହି ଜଘନ୍ୟ କାଣ୍ଡ ପାଇଁ ଅଦାଲତ ଅପରାଧୀକୁ ଦୋଷୀ ସାବ୍ୟସ୍ତ କରିବାରେ ଏବଂ ତୁରନ୍ତ ମୃତ୍ୟୁଦଣ୍ଡ ଦେବାରେ କୌଣସି ସମୟ ନଷ୍ଟ କରିନଥିଲେ, ଯାହା ଫଳରେ ଗତଦିନରେ ତାକୁ ଫାଶୀ ଖୁଣ୍ଟରେ ଝୁଲାଯାଇଛି।

# ୟୁକ୍ରେନ ଉପରେ ରୁଷର ଆକ୍ରମଣ : ୧୮ ମୃତ



କିଭ୍ : ରୁଷ୍ ଗତ ରାତିରେ କିଭ୍ ଓ ୟୁକ୍ରେନର ଅନ୍ୟାନ୍ୟ ସହର ଉପରେ ଶହ ଶହ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଛି, ଯେଉଁଥିରେ ଅତି କମ୍ରେ ୧୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଆପାର୍ଟମେଣ୍ଟ କୋଠାର ଭଗ୍ନାବଶେଷ ତଳେ କିଛି ଲୋକ ଫସି ରହିଥିଲେ, ଯେଉଁଥିରେ ଏକ ୩ ବର୍ଷର ଶିଶୁ, ଜଣେ ମାଆ ଓ ତାଙ୍କ ୮ ବର୍ଷ ପୁଅର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଆକ୍ରମଣ ଗତରାତିରୁ ଆଜି ପୂର୍ବାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ରୁଷ୍ ଏକ ବଡ଼ ଧରଣର ବିମାନ ଆକ୍ରମଣ ହେବାକୁ ଯାଉଛି ବୋଲି ଚେତାବନୀ ଦେବା ଏବଂ ବିଦେଶୀ କୂଟନୀତିଜ୍ଞମାନଙ୍କୁ ୟୁକ୍ରେନର ରାଜଧାନୀ ଛାଡିବାକୁ କହିବା ପରେ କିବ୍ ବାସିନ୍ଦା କିଛି ଦିନ ଧରି ଆତଙ୍କରେ ଥିଲେ। ଏହି ଆକ୍ରମଣ ପରେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ ଏହାର ଜବାବରେ ପାଲଟା ଆକ୍ରମଣ କରାଯିବ। ୟୁକ୍ରେନର ଆମେରିକା ନିର୍ମିତ ପାଟ୍ରିଅଟ୍ ଏୟାର୍ ଡିଫେନ୍ସ କ୍ଷେପଣାସ୍ତ୍ରର ଅଭାବର ଲାଭ ଉଠାଇବାକୁ ଚେଷ୍ଟା କରୁଛି ରୁଷ୍, କାରଣ ଇରାନ ଯୁଦ୍ଧ ଦ୍ୱାରା ପାଟ୍ରିଅଟ୍ର ଅନ୍ତର୍ଜାତୀୟ ଷ୍ଟକ୍ ହ୍ରାସ ପାଇଛି। ଏହା ସାଧାରଣ ନାଗରିକଙ୍କୁ ରୁଷ୍ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପାଇଁ ବିଶେଷ ଭାବରେ ଅସୁରକ୍ଷିତ କରିଛି।

# ନିଟ୍ -ୟୁଜି ପେପର୍ ଲିକ୍ : ମୁହଁ ଖୋଲିଲେ ଶଶି ଥରୁର

ତିରୁବନନ୍ତପୁରମ : କଂଗ୍ରେସ ସାଂସଦ ଶଶି ଥରୁର ୨୦୨୬ ଜାତୀୟ ଯୋଗ୍ୟତା-ସମ-ପ୍ରବେଶ ପରୀକ୍ଷା (ଏନ୍ଇଇଟି) ପେପର ଲିକ୍ ମାମଲାକୁ କଡ଼ା ସମାଲୋଚନା କରିଛନ୍ତି। ଥରୁର କହିଛନ୍ତି, ସେ ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆପଣ ଏପରି ଏକ ପ୍ରକ୍ରିୟା ଚଳାଉଛନ୍ତି ଯେଉଁଠାରେ ପରୀକ୍ଷାର ନିରପେକ୍ଷତା ଉପରେ ବିଶ୍ୱାସ କରାଯାଇପାରୁ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏପରି ଘଟଣା ଆଉ କେବେ ଯେପରି ନ ଘଟିବ ତାହା ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି। ଶଶି ଥରୁର କହିଛନ୍ତି, ଦୁର୍ଭାଗ୍ୟବଶତଃ ଭାବେ ପରୀକ୍ଷା ପାଇଁ ପରିଶ୍ରମ କରି ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ହଠାତ୍ ଜାଣନ୍ତି ଯେ, ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି, ବେଇମାନୀ ହୋଇଛି ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା କଳଙ୍କିତ ସେମାନେ ଭାଙ୍ଗି ପଡ଼ିଥାନ୍ତି। କେତେକ ସମୟରେ ପରୀକ୍ଷା ବାତିଲ ହୋଇଯାଏ ଏବଂ ପୁନଃ ଆରମ୍ଭ କରିବାକୁ ପଡ଼ିଥାଏ। ଯେତେବେଳେ ଲୋକମାନେ ଏହା ଦେଖନ୍ତି, ସେମାନେ ଠକାମି ହୋଇଥିବା ଏବଂ ନିରାଶ ଅନୁଭବ କରିଥାନ୍ତି। ଥରୁର କହିଛନ୍ତି, ବିଶ୍ୱରେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ନିରପେକ୍ଷ ଭାବରେ ପରିଚାଳିତ ହେଉଛି। ତାହା ଏସ୍ଏଟି, କେମ୍ବ୍ରିଜ୍ ପରୀକ୍ଷା, ଆଇଏସ୍ସି, କିମ୍ବା ଅନ୍ୟ ଯେକୌଣସି ପରୀକ୍ଷା ହେଉ। କାହିଁକି କେବଳ ଆମର ସରକାରୀ ପରିଚାଳିତ ପରୀକ୍ଷାଗୁଡ଼ିକରେ ଲଗାତାର ଭାବରେ ଜାଲିଆତି ହେଉଛି। କାହିଁକି ସରକାର ଏପରି ସ୍ଥିତିରେ ଅଛନ୍ତି ଯେ ଜାତୀୟ ପରୀକ୍ଷା ଭଳି ଏକ ସରଳ ପ୍ରକ୍ରିୟାର ନିରପେକ୍ଷତା ଏବଂ ସଚ୍ଚୋଟତା ଗ୍ୟାରେଣ୍ଟି ଦେଇପାରିବେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଁ ଆଶା କରୁଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ମାମଲାରେ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ। ଏହା ଆଉ କେବେ ଘଟିବା ଉଚିତ୍ ନୁହେଁ। ଏହା ପ୍ରଥମ ଥର ନୁହେଁ, କିନ୍ତୁ ଏହା ଶେଷ ଥର ହେବା ଆବଶ୍ୟକ ବୋଲି ଥରୁର କହିଛନ୍ତି। ଥରୁର କହିଛନ୍ତି, ଏହା ପ୍ରକୃତରେ ସରକାରଙ୍କ ବିଫଳତା, ଏବଂ ସରକାରଙ୍କୁ ଦାୟୀ କରାଯିବା ଉଚିତ୍ । ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ନଚେତ୍, ଏହା ଏକ ସମ୍ପୂର୍ଣ୍ଣ ପିଢ଼ି ପ୍ରତି ବିଶ୍ୱାସଘାତକତା ହେବ। ଆମେ କେବଳ ସରକାରଙ୍କୁ ଦୋଷ ଦେଇପାରିବା। ସରକାର, ମନ୍ତ୍ରଣାଳୟ, ଏନ୍ଟିଏ, ସମସ୍ତେ ଏହି ପରିସ୍ଥିତି ପାଇଁ ଦାୟୀ।




# ବିଶ୍ୱ ଷ୍ଟକ୍ ବଜାର ର୍ୟାଙ୍କିଂ : ସପ୍ତମ ସ୍ଥାନକୁ ଖସିଲା ଭାରତ

ନୂଆଦିଲ୍ଲୀ: ବିଶ୍ୱ ଷ୍ଟକ୍ ବଜାର ର୍ୟାଙ୍କିଂରେ ଭାରତକୁ ଗତ ସପ୍ତାହରେ ତାଇୱାନ ପଛରେ ପକାଇଥିଲା। ଆଜି ଦକ୍ଷିଣ କୋରିଆ ମଧ୍ୟ ଭାରତକୁ ଆହୁରି ଗୋଟିଏ ପାହାଚ ପଛକୁ ଠେଲି ଦେଇଛି। ଫଳରେ ବିଶ୍ୱର ବୃହତ୍ ଷ୍ଟକ ବଜାର ତାଲିକାରେ ଭାରତ ସପ୍ତମ ସ୍ଥାନକୁ ଖସିଯାଇଛି। ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ଷ୍ଟକ ବଜାରର ନିବେଶକଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇନାହିଁ। ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ରେ ଏବେ ଯେଉଁ କ୍ରାନ୍ତି ଦେଖାଦେଇଛି ସେ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ଭାବେ ପଛରେ ପଡ଼ିଯାଇଛି। ଏ କ୍ଷେତ୍ରରେ ତାଇୱାନ ଓ ଦକ୍ଷିଣ କୋରିଆ ହାସଲ କରିଥିବା ଅଗ୍ରଗତି ସେମାନଙ୍କ ଷ୍ଟକ ମାର୍କେଟ ପାଇଁ ସହାୟକ ହେଉଛି।ରଏଟର୍ସର ସୂଚନା ଅନୁଯାୟୀ, ଦକ୍ଷିଣ କୋରିଆର ଷ୍ଟକ୍ ମାର୍କେଟର ବଜାରପୁଞ୍ଜି ଆଜି ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ଦକ୍ଷିଣ କୋରିଆର କୋସ୍ପି, କୋସଡାକ୍ ଏବଂ କୋନେକ୍ସ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ୫.୦୧ ଟ୍ରିଲିଅନ ଡଲାରରେ ପହଞ୍ଚିଛି। ଭାରତର ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକ ବଜାରପୁଞ୍ଜି ଏହି ସମୟରେ ୪.୮୫ ଟ୍ରିଲିଅନ ଡଲାର ରହିଥିବା କୁହାଯାଇଛି। ୧୮ ମାସ ପୂର୍ବେ ଭାରତର ଇକ୍ୱିଟି ମାର୍କେଟର ବଜାରପୁଞ୍ଜି ଦକ୍ଷିଣ କୋରିଆ ତୁଳନାରେ ପ୍ରାୟ ୩.୫ ଗୁଣା ଏବଂ ତାଇୱାନ ତୁଳନାରେ ଦୁଇଗୁଣା ଅଧିକ ଥିଲା। କିନ୍ତୁ ୨୦୨୬ର ଗତ ୫ ମାସ ମଧ୍ୟରେ ଭାରତର ସେହି ସ୍ଥିତି ବଦଳି ଯାଇଛି।ରଏଟର୍ସର ରିପୋର୍ଟ ଅନୁଯାୟୀ, ନିଫ୍ଟି ୫୦ ଏବଂ ସେନସେକ୍ସ ଚଳିତବର୍ଷ ଯଥାକ୍ରମେ ୧୦.୧ ପ୍ରତିଶତ ଏବଂ ୧୨.୫ ପ୍ରତିଶତ ହ୍ରାସ ପାଇଛି। ବିଦେଶୀ ନିବେଶକମାନେ ମଧ୍ୟ ଭାରତର ଇକ୍ୱିଟି ବଜାରରୁ ମୁହଁ ଫେରାଉଛନ୍ତି। ଚଳିତବର୍ଷ ସେମାନେ ୨୭.୪ ବିଲିଅନ ଡଲାର ପ୍ରତ୍ୟାହାର କରି ନେଲେଣି। ୨୦୨୫ ମସିହାରେ ସେମାନେ ୧୮.୯୧ ବିଲିଅନ ଡଲାର ପ୍ରତ୍ୟାହାର କରିଥିବାବେଳେ ଚଳିତବର୍ଷର ୫ ମାସରେ ତାଠାରୁ ବହୁ ଅଧିକ ରାଶି ଉଠାଇ ନେଇଛନ୍ତି।ସୂଚନା ଅନୁଯାୟୀ, ଏଆଇ, ଡାଟା ସେଣ୍ଟର ଏବଂ କ୍ଲାଉଡ ଭିତ୍ତିଭୂମିରେ ପ୍ରମୁଖ ଭୂମିକା ରଖିଥିବା ସେମିକଣ୍ଡକ୍ଟର ନିର୍ମାତାଙ୍କ ପ୍ରତି ନିବେଶକମାନେ ଆକୃଷ୍ଟ ହେଉଛନ୍ତି। ତାଇୱାନ ଓ ଦକ୍ଷିଣ କୋରିଆର କେତେକ କମ୍ପାନି ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ତାଇୱାନର ତାଇୱାନ ସେମିକଣ୍ଡକ୍ଟର ମ୍ୟାନୁଫାକ୍ଚରିଂ କମ୍ପାନି (ଟିଏସ୍ଏମ୍ସି) ପାଇଁ ସେ ଦେଶର ଷ୍ଟକ ମାର୍କେଟ ବହୁମାତ୍ରାରେ ଆଗକୁ ବଢ଼ିଯାଇଛି। ସେହିଭଳି ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଏବଂ ଏସ୍କେ ହାଇନିକ୍ସ ଭଳି ସେମିକଣ୍ଡକ୍ଟର କମ୍ପାନି ଦକ୍ଷିଣ କୋରିଆର ଷ୍ଟକ ବଜାରକୁ ଉପରକୁ ଉଠାଉଛନ୍ତି।




# ସିବିଏସ୍ଇ ପୋର୍ଟାଲରେ ସାଇବର ଆଟାକ

ନୂଆଦିଲ୍ଲୀ : ପରୀକ୍ଷା ପରିଚାଳନା ଓ ଉତ୍ତର ଖାତା ମୂଲ୍ୟାଙ୍କନକୁ ନେଇ ବିବାଦରେ ଥିବା ସିବିଏସ୍ଇକୁ ନେଇ ଆସିଛି ବଡ଼ ଖବର। ସିବିଏସ୍ଇର ପୁନଃ ମୂଲ୍ୟାଙ୍କନ ଓ ଯାଞ୍ଚ ପୋର୍ଟାଲ ଉପରେ ହୋଇଛି ବାରମ୍ବାର ସାଇବର ଆଟାକ। ବାରମ୍ବାର ହ୍ୟାକ ଉଦ୍ୟମ ସତ୍ତ୍ୱେ ସିବିଏସ୍ଇର ପୋର୍ଟାଲ ସ୍ୱାଭାବିକ ରହିଛି। ଏଥିସହ ଦିନ ୩ଟା ସୁଦ୍ଧା ୧୬ ହଜାର ଶିକ୍ଷାର୍ଥୀଙ୍କ ପୁନଃ ମୂଲ୍ୟାଙ୍କନ ଓ ଯାଞ୍ଚ ଆବେଦନ ଗ୍ରହଣ କରାଯାଇଥିବା ସିବିଏସ୍ଇ କହିଛି।ସେହିପରି ସକାଳ ୭ଟାରୁ ସାର୍ବଜନୀନ ହୋଇଥିବା ଯାଞ୍ଚ ପୋର୍ଟାଲ ଏବେ ବି ସ୍ୱାଭାବିକ ରହିଛି। ତେବେ ଆବେଦନର ପ୍ରଥମ ଦିନରେ ଏପରି ଘଟଣା ପୂରା ଦେଶରେ ହଇଚଇ ସୃଷ୍ଟି କରିଛି।

# ପେଣ୍ଟାଗନ ପ୍ରେସ୍ କାର୍ଯ୍ୟାଳୟକୁ ସାମ୍ବାଦିକଙ୍କୁ ପ୍ରବେଶ ମନା

ନ୍ୟୁୟର୍କ: ପେଣ୍ଟାଗନରେ ଗଣମାଧ୍ୟମ ପ୍ରବେଶକୁ ପ୍ରତିବନ୍ଧିତ କରିବାର ଆଉ ଏକ ପର୍ଯ୍ୟାୟରେ ଆମେରିକାର ପ୍ରତିରକ୍ଷା ବିଭାଗ ଘୋଷଣା କରିଛି ଯେ, ଏହାର ପ୍ରେସ୍ କାର୍ଯ୍ୟାଳୟ ଏବେ ସାମ୍ବାଦିକମାନଙ୍କ ପାଇଁ ପ୍ରବେଶଯୋଗ୍ୟ ନୁହେଁ। ସୋସିଆଲ ମିଡିଆ ଏକ୍ସରେ, ପେଣ୍ଟାଗନର କାର୍ଯ୍ୟକାରୀ ପ୍ରେସ୍ ସଚିବ ଜୋଏଲ୍ ଭାଲଡେଜ୍ ଏହି ପଦକ୍ଷେପକୁ ନିଶ୍ଚିତ କରି କହିଛନ୍ତି, ଏଥିରେ ବିବାଦୀୟ କିଛି ନାହିଁ ଏବଂ ଏହା ଏଥିପାଇଁ ଆସିଛି କାରଣ ବର୍ଗୀକୃତ ସାମଗ୍ରୀ ବ୍ୟବହାର କରୁଥିବା ଭାଷଣ ଲେଖକମାନେ ବର୍ତ୍ତମାନ ଏହି ସ୍ଥାନରେ ରହିବେ। ସଚିବଙ୍କ କାର୍ଯ୍ୟାଳୟର ଭାଷଣ ଲେଖକମାନେ ଏଠାରେ ରହିବା ଯୋଗୁଁ ପେଣ୍ଟାଗନ ପ୍ରେସ୍ ଅଫିସକୁ ଏକ ସମ୍ବେଦନଶୀଳ କମ୍ପାର୍ଟମେଣ୍ଟେଡ୍ ସୂଚନା ସୁବିଧା ଭାବରେ ପୁନଃନିର୍ମାଣ କରାଯାଇଛି।ଏହି ଭାଷଣ ଲେଖକମାନେ ନିୟମିତ ଭାବରେ ବର୍ଗୀକୃତ ସାମଗ୍ରୀ ପରିଚାଳନା କରିଥାନ୍ତି। ଫଳସ୍ୱରୂପ, ସାମ୍ବାଦିକମାନଙ୍କୁ ଆଉ କାର୍ଯ୍ୟାଳୟ ସ୍ଥାନରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।ୱାସିଂଟନ ପୋଷ୍ଟ ଦ୍ୱାରା ପ୍ରଥମେ ରିପୋର୍ଟ କରାଯାଇଥିବା ଏହି ସଦ୍ୟତମ ପଦକ୍ଷେପ ଆମେରିକୀୟ ଗଣମାଧ୍ୟମ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନାର ପୃଷ୍ଠଭୂମିରେ ନିଆଯାଇଛି। ବହୁ ବର୍ଷ ଧରି, ପେଣ୍ଟାଗନ୍ ରିପୋର୍ଟରମାନେ ପ୍ରେସ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ବିଲ୍ଡିଂରେ ପ୍ରବେଶ କରୁଥିଲେ। କିନ୍ତୁ ଗତ ଅକ୍ଟୋବରରେ, ଅଧିକାଂଶ ଖବର ସଂସ୍ଥା ସେମାନଙ୍କର କାମ ଉପରେ ସରକାର ଦ୍ୱାରା ଲାଗୁ କରାଯାଇଥିବା କଟକଣାକୁ ନେଇ ସହମତ ହେବା ପରିବର୍ତ୍ତେ ପ୍ରବେଶ ବ୍ୟାଜ୍ ପ୍ରଦାନ କରି ପେଣ୍ଟାଗନ୍ ଛାଡି ଚାଲିଯାଇଥିଲେ। ନ୍ୟୁୟର୍କ ଟାଇମ୍ସ ମେ' ୧୮ ତାରିଖରେ ପାଞ୍ଚ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ



ପ୍ରତିରକ୍ଷା ବିଭାଗ ବିରୋଧରେ ମାମଲା ରୁଜୁ କରିଥିଲା, ଯୁକ୍ତି ଦେଇଥିଲା ଯେ, ପେଣ୍ଟାଗନରେ ସାମ୍ବାଦିକମାନଙ୍କୁ ସୁରକ୍ଷା ଦେବାରେ ଉଲ୍ଲଙ୍ଘନ କରାଯାଉଛି। ସ୍ୱାଧୀନ ରିପୋର୍ଟିଂକୁ ରୋକିବା ପାଇଁ ପେଣ୍ଟାଗନର ଏହା ଏକ ଅଣସାମ୍ବିଧାନିକ ପ୍ରୟାସ। ଏହି ଖବରକାଗଜ କହିଛି ଯେ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କୁ ଦ୍ୱାରା ଲାଗୁ କରାଯାଇଥିବା ନୂତନ ନିୟମକୁ ନେଇ ପେଣ୍ଟାଗନ୍ ବିରୋଧରେ ମାମଲା ରୁଜୁ କରିବା ପରେ ଅତିରିକ୍ତ ମାମଲା ଦାୟର କରାଯାଇଛି।

# ଆତଙ୍କବାଦୀଙ୍କ ଟାର୍ଗେଟରେ ପାକ୍ ସୈନିକ

ଇସଲାମାବାଦ : ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଆତଙ୍କବାଦୀମାନେ ପ୍ରତିଦିନ ହାରାହାରି ଦୁଇରୁ ଅଧିକ ସୈନିକଙ୍କୁ ହତ୍ୟା କରୁଛନ୍ତି। ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଫର୍ କନଫ୍ଲିକ୍ଟ ଆଣ୍ଡ୍ ସିକ୍ୟୁରିଟି ଷ୍ଟଡିଜ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆତଙ୍କବାଦୀମାନେ ମେ' ମାସରେ ୬୮ ଜଣ ସୈନିକଙ୍କୁ ହତ୍ୟା କରିଛନ୍ତି। ଏହା ସହିତ ୭୧ ଜଣ ସାଧାରଣ ନାଗରିକଙ୍କୁ ଜୀବନ ମଧ୍ୟ ଯାଇଛି। ମେ' ମାସରେ ଆତଙ୍କବାଦୀ ଆକ୍ରମଣରେ ୩୭ ଜଣ ସୈନିକ ଆହତ ହୋଇଛନ୍ତି। ସେନା ସମ୍ପର୍କରେ ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ନିକଟରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ଦାବି କରିଥିଲେ। ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ତୁଳନାତ୍ମକ ଭାବରେ ଶାନ୍ତ ଥିବା ଆତଙ୍କବାଦୀମାନେ ମେ' ମାସରେ ପୁଣି ଥରେ ସେମାନଙ୍କର ହିଂସା ବୃଦ୍ଧି କରିଛନ୍ତି। ସାରା ପାକିସ୍ତାନରେ ମୋଟ ୧୨୮ ଆତଙ୍କବାଦୀ ଆକ୍ରମଣ ରେକର୍ଡ କରାଯାଇଛି। ସେଥିରେ ଚାରୋଟି ଆତ୍ମଘାତୀ ଆକ୍ରମଣ ଅନ୍ତର୍ଭୁକ୍ତ ରହିଛି।। ମେ' ମାସରେ ବେଲୁଚିସ୍ତାନ ଆତଙ୍କବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ପ୍ରଦେଶ ଭାବରେ ଉଭା ହୋଇଛି। ଏପ୍ରିଲରେ ୩୪ ଆତଙ୍କବାଦୀ ଆକ୍ରମଣ ତୁଳନାରେ ପ୍ରଦେଶରେ ମେ' ମାସରେ ୭୧ ଆତଙ୍କବାଦୀ ଆକ୍ରମଣ ରେକର୍ଡ କରାଯାଇଛି। ପ୍ରତିଶତ ଦୃଷ୍ଟିରୁ ଏହା ୧୦୯ ପ୍ରତିଶତ ବୃଦ୍ଧି ପାଇଛି। ଖାଇବର ପଖତୁନଖ୍ୱା ଏବଂ ରାଜଧାନୀ ଇସଲାମାବାଦ ଆତଙ୍କବାଦୀ ଆକ୍ରମଣ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି। ଆତଙ୍କବାଦୀଙ୍କ ଦ୍ୱାରା ସର୍ବାଧିକ ଅପହରଣ ଘଟଣା ବେଲୁଚିସ୍ତାନରେ ଦେଖିବାକୁ ମିଳିଛି। ମେ' ମାସରେ, ସାରା ଦେଶରେ ମୋଟ ୫୪ଟି ଅପହରଣ ରିପୋର୍ଟ ହୋଇଛି। ସେଥି ମଧ୍ୟରୁ ୫୨ ମାମଲା ବେଲୁଚିସ୍ତାନରେ ଘଟିଛି।ପାକିସ୍ତାନୀ ସେନା ମେ' ମାସରେ ବିଦ୍ରୋହ ବିରୋଧୀ ଅଭିଯାନ ସମୟରେ ୨୭୦ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛି। ସେହିପରି ୧୫ ଜଣଙ୍କୁ ଗିରଫ କରାଯାଇଛି। କିଛି ଆତଙ୍କବାଦୀ ଆତ୍ମସମର୍ପଣ ମଧ୍ୟ କରିଛନ୍ତି। ରିପୋର୍ଟ ଅନୁଯାୟୀ, ସର୍ବାଧିକ ୧୨୮ ଜଣ ଆତଙ୍କବାଦୀ ପୂର୍ବ ଫାଟା ଅଞ୍ଚଳରେ ନିହତ ହୋଇଥିଲେ।

### କର୍ଣ୍ଣାଟକର ବାଲ୍ମିକି କର୍ପୋରେସନ ଠକେଇ ମାମଲା

# ଚାର୍ଜସିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ: କର୍ଣ୍ଣାଟକ ମହର୍ଷି ବାଲ୍ମିକି ଅନୁସୂଚିତ ଜନଜାତି ବିକାଶ ନିଗମ ଲିମିଟେଡ୍ର ପାଣ୍ଠିର ଅପବ୍ୟବହାରର ତଦନ୍ତ ଶେଷ କରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଉପଯୁକ୍ତ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଛି ।ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦାଖଲ କରାଯାଇଥିବା ଏକ ଲିଖିତ ଅଭିଯୋଗ ଉପରେ ଏହି ମାମଲା ପଞ୍ଜିକୃତ ହୋଇଥିଲା । ଯେଉଁଥିରେ ସିବିଆଇ ବେଙ୍ଗାଲୁରୁର ତିନି ଅଧିକାରୀ ଏବଂ ଅନ୍ୟ ଅଜଣା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିଲା । ନିୟମିତ ସ୍ଥିତି ରିପୋର୍ଟ ମାଧ୍ୟମରେ କର୍ଣ୍ଣାଟକ ହାଇକୋର୍ଟ ଦ୍ୱାରା ମାମଲାର ତଦନ୍ତ ତଦାରଖ କରାଯାଇଥିଲା । ସିବିଆଇ ଅଭିଯୋଗର ତଦନ୍ତ ସମୟରେ,ଏସଟି କଲ୍ୟାଣ ବିଭାଗ ଏବଂ କର୍ଣ୍ଣାଟକ ଜର୍ମାନ ବୈଷୟିକ ତାଲିମ ପ୍ରତିଷ୍ଠାନ ଭଳି ଅନ୍ୟ ଦୁଇଟି ରାଜ୍ୟ ସରକାରୀ ସଂସ୍ଥା ଉପରେ ହୋଇଥିବା ଠକେଇ ମଧ୍ୟ ସାମ୍ନାକୁ ଆସିଛି ଏବଂ ଏହାକୁ କର୍ଣ୍ଣାଟକ ହାଇକୋର୍ଟଙ୍କ ଦୃଷ୍ଟିକୁ ଅଣାଯାଇଛି ।ସିବିଆଇ ତଦନ୍ତରେ ତତ୍କାଳୀନ ଏସଟି କଲ୍ୟାଣ ବିଭାଗର ମନ୍ତ୍ରୀ ବି. ନାଗେନ୍ଦ୍ର, ତାଙ୍କର ଘନିଷ୍ଠ ସହଯୋଗୀ ନେକକାନ୍ତି ନାଗରାଜ ଏବଂ ପଦ୍ମନାଭ ଜେ.ଜି. ସମ୍ପୃକ୍ତ ଥିବା ଏକ ସୁଚିନ୍ତିତ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି । ହାଇଦ୍ରାବାଦର ସତ୍ୟନାରାୟଣ ବର୍ମା ଏହି ଠକେଇକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।ଶ୍ରୀ ବର୍ମା ପୂର୍ବରୁ ଛତିଶଗଡ଼ରେ ସମାନ ଠକେଇ କରିଥିଲେ । ସେ ହାଇଦ୍ରାବାଦର ଫାଷ୍ଟ ଫାଇନାନ୍ସ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଲିମିଟେଡ୍ର ଅଧ୍ୟକ୍ଷ ସତ୍ୟନାରାୟଣଙ୍କ ସହ ମିଶି ଜାଲ୍ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ଜାଲ ଡକ୍ୟୁମେଣ୍ଟ ବ୍ୟବହାର କରି କାଳ୍ପନିକ ବ୍ୟବସାୟିକ ସଂସ୍ଥା ନାମରେ ୧୮ଟି ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ଷଡ଼ଯନ୍ତ୍ର କରିଥିଲେ । ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସସି/ଏସଟି ନାମୋଚିତ ଜନଜାତି ବିକାଶ ନିଗମ ଦ୍ୱାରା ୪.୯୦ କୋଟି ଟଙ୍କାର ଦକ୍ଷତା ବିକାଶ ତାଲିମ କାର୍ଯ୍ୟ କେଜିଟିଟିଆଇ, ବେଙ୍ଗାଲୁରୁକୁ ଦିଆଯାଇଥିଲା ଏବଂ କୌଣସି ଟେଣ୍ଡର ପ୍ରକ୍ରିୟା ବିନା ମେସର୍ସ ସଦଗୁରୁ ଶିକ୍ଷା ଟ୍ରଷ୍ଟ ଏବଂ ମେସର୍ସ ସଦଗୁରୁ ସଲ୍ୟୁସନ୍ସକୁ ଉପ-କଣ୍ଟ୍ରାକ୍ଟ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ମେସର୍ସ ସ୍କିଲପଏଣ୍ଟ ଟ୍ରେନିଂ ଆଣ୍ଡ୍ ସର୍ଭିସେସ୍, ଗୁଣ୍ଟୁରକୁ ଉପ-କଣ୍ଟ୍ରାକ୍ଟ କରାଯାଇଥିଲା ।

### ଆୟୁଷ ମନ୍ତ୍ରଣାଳୟ ସହ ଏମଓୟୁ

# ଭାରତରେ ଯୋଗ ପ୍ରତି ବଢୁଛି ଅଧିକ ଆକର୍ଷଣ

ନୂଆଦିଲ୍ଲୀ : ଭାରତର ୨୦୨୬ ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଦେଶବ୍ୟାପୀ ଏକ ଡିଜିଟାଲ ଯୋଗ ଅଭିଯାନ ଲଞ୍ଚ କରିବା ପାଇଁ ମୋରାରଜୀ ଦେଶାଇ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଯୋଗ (ଏମଡିଏନଆଇୱାଇ) ଏବଂ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଭାରତର ପ୍ରଥମ ଅଭ୍ୟାସ-ସୃଷ୍ଟିକାରୀ ପ୍ଲାଟଫର୍ମ, ହାବିଲ୍ଟ ସହିତ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି । ଏହି ସହଯୋଗିତା ଦେଶର ନାଗରିକମାନଙ୍କୁ ଗଠନମୂଳକ ତଥା ଉପଲବ୍ଧ ଅନଲାଇନ୍ ପ୍ରୋଗ୍ରାମ୍ ମାଧ୍ୟମରେ ଯୋଗକୁ ଏକ ସରଳ ଦୈନନ୍ଦିନ ଅଭ୍ୟାସ ଭାବରେ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଲକ୍ଷ୍ୟ ରଖିଛି । ଯୋଗ ୩୬୫ ଅଭିଯାନର ଅଂଶ ଭାବେ ହାବିଲ୍ଟ ଏବଂ ଏମଡିଏନଆଇୱାଇ ଓ ଆୟୁଷ ମନ୍ତ୍ରାଳୟ ମିଳିତ ଭାବେ ଗତ ମାର୍ଚ୍ଚ ୨୦୨୬ରେ ଏକ ବଡଧରଣର ଡିଜିଟାଲ ଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ, ଯାହାକି ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲିବ । ଏହାର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ଲଗାତାର ଭାବେ ପ୍ରତିଦିନ ୧୦୦ ଦିନ ପର୍ଯ୍ୟନ୍ତ ଯୋଗ ଅଭ୍ୟାସ କରିବାକୁ ଉତ୍ସାହିତ କରିବା । ଏହି ଅଭିଯାନ ସମ୍ପର୍କରେ ହାବିଲ୍ଟର ସହପ୍ରତିଷ୍ଠାତା ସୌରଭ ବୋଥ୍ରା କହିଛନ୍ତି, ଯୋଗ ଯେତେବେଳେ ଏକ ସାମୟିକ କାର୍ଯ୍ୟରୁ ଏକ ନୀରବ ଦୈନିକ ଶୃଙ୍ଖଳାକୁ ସ୍ଥାନାନ୍ତର ହୁଏ, ସେତେବେଳେ ଏହା ପରିବର୍ତ୍ତନକାରୀ ହୋଇଥାଏ । ଏମଡିଏନଆଇୱାଇ, ଆୟୁଷ ମନ୍ତ୍ରଣାଳୟ ସହ ଏହି ସହଭାଗିତା ମାଧ୍ୟମରେ ଆମେ ଲୋକଙ୍କ ପାଇଁ ଯୋଗ ଆରମ୍ଭ କରିବା ଓ ତାହାକୁ ଜାରି ରଖିବା ପାଇଁ ଏକ ସରଳ ମାର୍ଗ ସୃଷ୍ଟି କରିବା ପାଇଁ ଆଶା ରଖିଛୁ । ଯେତେବେଳେ ଲକ୍ଷ ଲକ୍ଷ ଲୋକ ପ୍ରତିଦିନ କିଛି ମିନିଟର ଯୋଗ ଅଭ୍ୟାସ କରିବେ ତାହାର ପ୍ରଭାବ ବ୍ୟକ୍ତିଗତ ସୁସ୍ଥତାରୁ ଆହୁରି ଆଗକୁ ବିସ୍ତାରିତ ହେବ ଓ ଏକ ସୁସ୍ଥ ସମାଜ ସୃଷ୍ଟି ହେବା ଆରମ୍ଭ ହେବ ।



# ଫିଫା ବିଶ୍ୱକପ୍

# ୧୩ ଜଣ ଫୁଟବଲ କିମ୍ବଦନ୍ତୀଙ୍କ ଶେଷ ବିଶ୍ୱକପ୍ !

ନୂଆଦିଲ୍ଲୀ, ୨।୬(ଏଜେନ୍ସି) : ଫିଫା ବିଶ୍ୱକପ୍ ଫୁଟବଲ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି । ଆମେରିକା , କାନାଡା ଓ ମିକ୍ସିକୋ ମିଳିତ ଭାବେ ଫିଫା ବିଶ୍ୱକପ୍ ଆୟୋଜନ କରିବେ । ଏହି ମେଗା ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ୪୮ ଟି ଦଳ ଭାଗ ନେବେ । ତେବେ ଏହି ବଡ ଆୟୋଜନ ସହିତ ଫୁଟବଲ ଜଗତରେ ଯୁଗାବସାନ ହେବ ବୋଲି କୁହାଯାଉଛି । ବିଶ୍ୱ ଫୁଟବଲର ସବୁଠୁ ପ୍ରସିଦ୍ଧ ଏବଂ ପ୍ରତିଭାବାନ ୧୩ ଜଣ ଖେଳାଳିଙ୍କ ପାଇଁ ଏହା ଶେଷ ବିଶ୍ୱକପ୍ ହୋଇପାରେ ।



**୧. ଲିଓନେଲ ମେସି(୩୯ ବର୍ଷ -ଆର୍ଜେଣ୍ଟିନା) :** ୨୦୨୨ କାତାର ଫିଫା ବିଶ୍ୱକପ୍ ବିଜେତା ଲିଓନେଲ ମେସି ଦେଶର ଟାଇଟଲ ରକ୍ଷା କରିବା ପାଇଁ ପଡିଆକୁ ଓହ୍ଲାଇବେ । ନିଜର ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ସେ ରେକର୍ଡ ଷଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି । ଆର୍ଜେଣ୍ଟିନା ଦଳ ସମ୍ପୂର୍ଣ୍ଣ ରୂପେ ମେସିଙ୍କ ଉପରେ ନିର୍ଭରଶୀଳ । ଆଧୁନିକ ଫୁଟବଲର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବେ ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ଅଧ୍ୟାୟ ହୋଇପାରେ ।

**୨. କ୍ରିଷ୍ଟିଆନୋ ରୋନାଲ୍ଡୋ (୪୧ ବର୍ଷ -ପର୍ତ୍ତୁଗାଲ) :** ପର୍ତ୍ତୁଗାଲ ଅଧିନାୟକ ରୋନାଲ୍ଡୋ ଷଷ୍ଠ ଥର ପାଇଁ ବିଶ୍ୱକପ୍ ଖେଳିବେ । ବର୍ତ୍ତମାନ ସାଉଦି ପ୍ରୋ ଲିଗରେ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲା ରୋନାଲ୍ଡୋ ପୂର୍ବରୁ କହିସାରିଛନ୍ତି







ଯେ, ଏହା ତାଙ୍କର ଶେଷ ବଡ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ହେବ । ତାଙ୍କର ଟ୍ରଫି ତାଲିକାରେ କେବଳ ଏହି ବିଶ୍ୱକପ୍ ଟ୍ରଫିର ଅଭାବ ରହିଛି ।

**୩. ଲୁକା ମୋଡ୍ରିଚ(୪୦ ବର୍ଷ - କ୍ରୋଏସିଆ) :** କ୍ରୋଏସିଆର ଅଧିନାୟକ ତଥା ମିଡ ଫିଲ୍ଡର ମୋଡ୍ରିଚ୍ ପଞ୍ଚମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି । ୨୦୧୮ରେ ଦଳକୁ ରନର୍ସଅପ ଏବଂ ୨୦୨୨ ରେ ତୃତୀୟ ସ୍ଥାନରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ଆହତ ସମସ୍ୟା ଦେଇ ଗତି କରିଥିଲେ ମଧ୍ୟ ସେ ଦଳକୁ ଫେରିଛନ୍ତି । ଏହି ବିଶ୍ୱକପ ପରେ ସେ ସନ୍ୟାସ ନେବାକୁ ଯୋଜନା କରୁଛନ୍ତି ।

**୪. ମାନୁଏଲ ନୁୟର(୪୦ ବର୍ଷ -ଜର୍ମାନୀ) :** ଜର୍ମାନୀରେ କିମ୍ବଦନ୍ତୀ ଗୋଲ କିପ୍ପର ସନ୍ୟାସରୁ ଫେରିଛନ୍ତି । ମ୍ୟାନେଜରଙ୍କ ଅନୁରୋଧ କ୍ରମେ ସେ ପଞ୍ଚମ ଥର ପାଇଁ ଫିଫା ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି । ୨୦୧୪ ବିଶ୍ୱକପ୍ ବିଜେତା ଜର୍ମାନୀ ଦଳର ସଦସ୍ୟ ଥିବା ନୁଏରଙ୍କ ଏହା ଶେଷ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ହେବ ।

**୫. ଗୁଇଲେରମୋ ଓଚୋଆ (୪୦ ବର୍ଷ -ମେକ୍ସିକୋ) :** ମେକ୍ସିକୋର ଏହି ଗୋଲ କିପ୍ପର ମେଗା ଟୁର୍ଣ୍ଣାମେଣ୍ଟରେ ନିଜର ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ ପାଇଁ ଜଣାଶୁଣା । ୪୦ ବର୍ଷ ବୟସରେ ମଧ୍ୟ ଦଳ ତାଙ୍କ ଅଭିଜ୍ଞତା ଉପରେ ସମ୍ପୂର୍ଣ୍ଣ ଭରସା କରିଛି । ନିଜ ଘରୋଇ ମାଟିରେ ଖେଳାଯାଉଥିବା ଏହି ବିଶ୍ୱକପ ତାଙ୍କ ର୍ୟାରିୟରେ ଶେଷ ବିଶ୍ୱକପ୍ ହେବ ।

**୬. ନେମାନର ଜୁନିୟର(୩୪ ବର୍ଷ -ବ୍ରାଜିଲ) :** ଆହତ ସମସ୍ୟା ଏବଂ ଫର୍ମକୁ ନେଇ ସଂଘର୍ଷ କରୁଥିବା ବ୍ରାଜିଲର ଫୁଟବଲ ତାରକା ନେମାର ଏଥର ବିଶ୍ୱକପ ପରେ ଅବସର ନେବାକୁ ଯୋଜନା କରୁଛନ୍ତି । ଦେଶର ବେଞ୍ଚ ମାର୍କ ଆଶା ଏବଂ ମାନସିକ ଚାପ ଯୋଗୁଁ ୨୦୨୬ ବିଶ୍ୱକପ୍ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇପାରେ ।

**୭. ମହମ୍ମଦ ସଲାହ(୩୩ ବର୍ଷ - ଇଜିପ୍ଟ) :** ଲିଭର ପୁଲର ଏହି ତାରକା ଫରୱାର୍ଡ ଏବେ ନିଜ ଫର୍ମର ଶୀର୍ଷରେ ଅଛନ୍ତି । କିନ୍ତୁ ବୟସ ଓ ଆଗାମୀ ୪ ବର୍ଷର ବିଶ୍ୱକପ ଚକ୍ରକୁ ଦେଖିଲେ ୨୦୨୬ ହିଁ ତାଙ୍କ ପାଇଁ ବିଶ୍ୱ ମଞ୍ଚରେ ଇଜିପକୁ ପ୍ରତିନିଧିତ୍ୱ କରିବାରଶେଷ ସୁଯୋଗ ବୋଲି କୁହାଯାଉଛି ।

**୮.କାଶେମିରୋ (୩୪ ବର୍ଷ - ବ୍ରାଜିଲ) :** କାଶେମିରୋ ଚତୁର୍ଥ ଫିଫା ବିଶ୍ୱକପ୍ ଖେଳିବେ । ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଏହା ଶେଷ ବିଶ୍ୱକପ୍ ହୋଇପାରେ ବୋଲି ଆଶା କରାଯାଉଛି । ବ୍ରାଜିଲରେ ଯୁବ ମିଡ ଫିଲ୍ଡରଙ୍କ ଅଭାବ ନାହିଁ । ତଥାପି କାଶେମିରୋଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଦଳ ପାଇଁ ଅତ୍ୟନ୍ତ ମୂଲ୍ୟବାନ ।

**୯.କେଭିନୋଡି ବ୍ରୁଇନ୍(୩୫ ବର୍ଷ - ବେଲଜିୟମ) :** ବେଲଜିୟମର ଗୋଲ୍ଡେନ ଜେନେରେସନ୍ ସବୁଠାରୁ ପ୍ରଭାବଶାଳୀ ମିଡ ଫିଲ୍ଡର ଡି ବ୍ରୁଇନ୍ ବିଗତ କିଛି ବର୍ଷ ହେବ ଆହତ ସମସ୍ୟା ଦେଇ ଗତି କରୁଛନ୍ତି । ୨୦୨୬ ବିଶ୍ୱକପରେ ଦଳକୁ ଏକ ବଡ ସଫଳତା ଦେଇ ସେ ନିଜର ବିଶ୍ୱକପ୍ ଯାତ୍ରା ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

**୧୦. ଭିର୍ଜିଲଭାନ ଡାଇକ(୩୪ ବର୍ଷ - ନେଦରଲ୍ୟାଣ୍ଡ) :** ନେଦରଲ୍ୟାଣ୍ଡସ୍‌ର ତାରକା ଡିଫେଣ୍ଡର ତଥା ଅଧିନାୟକ ଭାନ ଡାଇକ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡିଫେଣ୍ଡର ୩୪ ବର୍ଷ ବୟସରେ ପହଞ୍ଚିଥିବା ଏହି ଖେଳାଳିଙ୍କ ପାଇଁ ଏହା ସମ୍ଭବତଃ ଶେଷ ବିଶ୍ୱକପ୍ ହେବାକୁ ଯାଉଛି । ପୂର୍ବରୁ ଆହତ କାରଣରୁ ସେ ଅନେକ ଟୁର୍ଣ୍ଣାମେଣ୍ଟ ଖେଳିପାରିନଥିଲେ ।

**୧୧. ଜେମ୍ସ ରୋଡ୍ରିଗୁଏଜ୍(୩୪ ବର୍ଷ - କଲମ୍ବିଆ) :** ୨୦୧୪ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ୍ ବୁଟ୍ ବିଜେତା ଜେମ୍ସ ରୋଡ୍ରିଗୁଏଜ୍ କଲମ୍ବିଆର ଏକ ବଡ ନାମ । ନିଜର ଚମତ୍କାର ପାଶିଂ ଏବଂ ଫ୍ରି କିକ୍ ପାଇଁ ଜଣାଶୁଣା । ଜେମ୍ସଙ୍କ ଲାଗି ଏହି ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଶେଷ ହୋଇପାରେ ।

**୧୨, ନିକୋଲାସ ଓଟାମେଣ୍ଡି(୩୮ ବର୍ଷ - ଆର୍ଜେଣ୍ଟିନା) :** ଆର୍ଜେଣ୍ଟିନାର ଏହି ଅଭିଜ୍ଞ ଏବଂ ଆଗ୍ରେସିଭ ଡିଫେଣ୍ଡର ଗତ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମେସିଙ୍କ ଭଳି ତାଙ୍କର ମଧ୍ୟ ଏହା ଶେଷ ବିଶ୍ୱକପ୍ ହେବ । ବିଜୟର ସହ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବାକୁ ସେ ଚାହିଁବେ ।

**୧୩. ସନ ହେଉଙ୍ଗମିନ(୩୩ ବର୍ଷ - ଦ. କୋରିଆ) :** ଏସିଆ ମହାଦୀପର ସବୁଠାରୁ ପ୍ରଭାବଶାଳୀ ତଥା ସଫଳ ଖେଳାଳିଙ୍କ ମଧ୍ୟରୁ ସନ୍ ଅନ୍ୟତମ । ଏହିଷ୍ଟାର ଫରୱାର୍ଡ ଦ. କୋରିଆ ଦଳର ମେରୁଦଣ୍ଡ । ୨୦୨୬ ବିଶ୍ୱକପ୍ ବେଳକୁ ତାଙ୍କୁ ୩୩ ବର୍ଷ ହେବ । ନିଜର ଦ୍ରୁତ ଗତି ଚମତ୍କାର ଗୋଲ କରିବା ଶୈଳୀ ପାଇଁ ଜଣାଶୁଣା ସନଙ୍କ ଲାଗି ଏହା ଶେଷ ବିଶ୍ୱକପ୍ ମଞ୍ଚ ହୋଇପାରେ ।

୨୦୨୬ ଫିଫା ବିଶ୍ୱକପ୍ କେବଳ ଟ୍ରଫି ଲଢେଇ ନୁହେଁ ବରଂ ଏହା ବିଶ୍ୱ ଫୁଟବଲକୁ ଦୁଇ ଦଶନ୍ଧି ଧରି ଚଳାଇ ଆସୁଥିବା ମହାନ ଖେଳାଳିଙ୍କୁ ଭାବପୂର୍ଣ୍ଣ ବିଦାୟ ଜଣାଇବାର ଏକ ଐତିହାସିକ ମଞ୍ଚ ହେବାକୁ ଯାଉଛି ।

## ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ

ଭୁବନେଶ୍ୱର, ୨।୬(ସବ୍ୟୁ) : ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି । କ୍ରୀଡା ଓ ଯୁବସେବା ବିଭାଗ ଓ ଓଡିଶା ଫୁଟବଲ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ହେବ । ଭୁବନେଶ୍ୱର ଜୋନ ଅଧୀନରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର,କଟକ, ଭୁବନେଶ୍ୱରକୁ ନେଇ ଏହି ଜୋନ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ସେହିଭଳି ଆସନ୍ତା ୫ ତାରିଖରୁ କିଟ ପରିସରରେ ଭଲିବଲ ମ୍ୟାଚ ଆୟୋଜନ କରାଯିବ । ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି ।

## ସାଇରାଜ ବାହୁତୁଲେ ଭାରତୀୟ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ, ୨।୬(ଏଜେନ୍ସି) : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପୂର୍ବତନ କ୍ରିକେଟର ସାଇରାଜ ବାହୁତୁଲେଙ୍କୁ ଭାରତୀୟ ବରିଷ୍ଠ ପୁରୁଷ ଦଳର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରିଛି । ଭାରତୀୟ ଘରୋଇ ତଥା ଜାତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାହୁତୁଲେ ଜଣେ ଖେଳାଳି ତଥା କୋଚ୍ ଭାବେ ଢେର ଅଭିଜ୍ଞତା ହାସଲ କରିଛନ୍ତି । ଫ୍ରାଞ୍ଚାଇଜ୍ କ୍ରିକେଟରେ ମଧ୍ୟ ତାଙ୍କ ପ୍ରଶିକ୍ଷଣ ଦେଖିବାକୁ ମିଳିଛି । ସେ ଭାରତୀୟ ଦଳ ପାଇଁ ଦୁଇଟି ଟେଷ୍ଟ ଏବଂ ୮ ଟି ଦିନିକିଆ ମ୍ୟାଚ ଖେଳିଛନ୍ତି । ପାଖାପାଖି ଦୁଇ ଦଶନ୍ଧି ଧରି ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ସକ୍ରିୟ ଥିଲେ । ଡୋମେଷ୍ଟିକ୍ ସାର୍କିଟ୍‌ରେ ସେ ୬୧୭୬ ରନ କରିବା



ସହ ୬୩୦ ୱିକେଟ ଅକ୍ତିଆର କରିଛନ୍ତି । ଦୀର୍ଘ ସମୟ ଖେଳିବା ଓ ପ୍ରଶିକ୍ଷଣ ଦେବା କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି । ସାଇରାଜ ବିଦର୍ଭ, କେରଳ, ବେଙ୍ଗଲ ଭଳି ଶକ୍ତିଶାଳୀ ରଣଜୀ ଟ୍ରଫି ଦଳର ମୁଖ୍ୟ କୋଚ୍ ହୋଇଛନ୍ତି । ଏତଦ୍ ବ୍ୟତୀତ ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଓ ପଞ୍ଜାବ କିଙ୍ଗସର ବୋଲିଂ କୋଚ ଥିଲେ । ୨୦୨୨ ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସେ ବୋଲିଂ କୋଚ୍ ଥିଲେ । ୨୦୨୪ ସଂସ୍କରଣରେ ମଧ୍ୟ ସେ ଦଳର କୋଚିଂ ଷ୍ଟାଫରେ ଥିଲେ । ଏତଦ୍ ବ୍ୟତୀତ ଭାରତୀୟ ଏ ଦଳ ତଥା ସିନିୟର ପୁରୁଷ ଦଳର ସ୍ପେଶାଲିଷ୍ଟ ବୋଲିଂ କୋଚ ଭାବେ ଦାୟିତ୍ୱ ତୁଲାଇସାରିଛନ୍ତି । ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

### ଓଡିଶା ମହିଳା ଲିଗ୍ ଫୁଟବଲ

## ଓଡିଶା ପୋଲିସ, କିଟ୍ ବିଜୟୀ

ଭୁବନେଶ୍ୱର, ୨।୬(ସବ୍ୟୁ) :ଓଡିଶା ମହିଳା ଲିଗ୍ ଫୁଟବଲର ଅଷ୍ଟମ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ଓଡିଶା ପୋଲିସ ଏବଂ କିଟ୍ /କିସ୍ ବିଜୟୀ ହୋଇଛନ୍ତି । କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡିଶା ପୋଲିସ୍ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଯୋଦ୍ଧା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ଓଡିଶା ପୋଲିସ ୪-୦ ଗୋଲରେ ଟାଟା ଷ୍ଟିଲ ଯୋଦ୍ଧାକୁ ପରାଜିତ କରିଛି । ସୁସ୍ମିତା ତାନ୍ତି, ସତ୍ୟବତି ଖଡିଆ ଓ ମାଳତୀ ମୁଣ୍ଡା ପ୍ରମୁଖ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ । ଦ୍ୱିତୀୟ ମ୍ୟାଚରେ କିଟ୍/କିସ୍ ୨-୧ ଗୋଲରେ ୟଙ୍ଗ ଆସୋସିଏସନ୍ କ୍ଲବକୁ ପରାଜିତ କରିଛି । କିଟ୍‌ର ଅଙ୍କିତା ନାୟକ ୩୬ ମିନିଟ୍ ଓ ଜ୍ୟୋତ୍ସ୍ନା ମୁଣ୍ଡାରୀ ୫୧ ମିନିଟରେ ଗୋଲ କରିଥିଲେ । ୟଙ୍ଗ ଆସୋସିଏସନ୍ ପକ୍ଷରୁ ୭୩ ମିନିଟରେ ପୁଷ୍ପା କିଷାନ ଏକମାତ୍ର ଗୋଲ ପରିଶୋଧ କରିଥିଲେ ।

## ବୈଭବଙ୍କ ଉପରେ ଷ୍ଟଡି କରିବ ଆଇଆଇଏମ ଇନ୍ଦୋର

ନୂଆଦିଲ୍ଲୀ, ୨।୬ (ଏଜେନ୍ସି) : ଆଇପିଏଲ ୨୦୨୬ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ମାତ୍ର ୧୫ ବର୍ଷ ବୟସରେ ଆଇପିଏଲର ଗୋଟିଏ ସିଜନର ୭୨ ଟି ଛକା ମାରି କ୍ରିସଗେଲଙ୍କୁ ପଛରେ ପକାଇଥିଲେ । ଏବେ ଆଇଆଇଏମ୍ ଇନ୍ଦୋର ତାଙ୍କ ଘଟଣାରେ ଅନୁସନ୍ଧାନ କରିବାକୁ ଯାଉଛି । ଏଥିରେ କ୍ରୀଡା ମନୋବିଜ୍ଞାନୀ, ଅନ୍ୟ ଏକ୍ସପର୍ଟଙ୍କ ସହ ମିଶି ଏତେ କମ୍ ବୟସରେ ବୈଭବ କିଭଳି ଏହି ଅସାଧାରଣ ସଫଳତାର ପାଇଲେ ତାହାର କାରଣ ଖୋଜିବେ ।

ଆଇଆଇଏମ୍ ନିର୍ଦ୍ଦେଶକ ହିମାଂଶୁ ରାୟ ତାଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । କମ୍ ବୟସରେ ସେ କିଭଳି ଏପରି ସୁନ୍ଦର ପ୍ରଦର୍ଶନ କରୁଛନ୍ତି ତାହା ଉପରେ ଆମେ ଗବେଷଣା କରିବୁ । ବ୍ୟକ୍ତିଗତ କ୍ଷମତା, କଠିନ ପରିଶ୍ରମ, ପରିବାରର ତ୍ୟାଗ, ସମର୍ପଣ ଓ ମେଣ୍ଟରଙ୍କ ଯୋଗଦାନ ଉପରେ ମଧ୍ୟ ଷ୍ଟଡି କରାଯିବ ବୋଲି ସେ କହିଛନ୍ତି । ବୈଭବ ଆଇପିଏଲ ୨୦୨୬ରେ ସର୍ବାଧିକ ରନ ସାଙ୍ଗକୁ ଅରେଞ୍ଜ କ୍ୟାପ ସହ ମୋଟି ୫ ଟି ପୁରସ୍କାର ଜିତିଛନ୍ତି ।

## ବୈଭବଙ୍କ ଫି ବଢିଲା

ନୂଆଦିଲ୍ଲୀ, ୨।୬(ଏଜେନ୍ସି) : ଭାରତୀୟ କ୍ରିକେଟର ନୂଆ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । କିଛି ଲୋକ କହୁଛନ୍ତି ଯଦି ସେ ଆଇପିଏଲ ଅକ୍ସନରେ ସାମିଲ ହେବେ ତାହା ହେଲେ ତାଙ୍କ ପାଇଁ ୩୦ କୋଟି ଯାଏ ବିଡ୍ ଲାଗିପାରେ । ବର୍ତ୍ତମାନ ସେ ବାର୍ଷିକ ୧.୧ କୋଟି ଟଙ୍କା କଣ୍ଟ୍ରାକ୍ଟରେ ରହିଛନ୍ତି । ରାଜସ୍ଥାନ ରୟାଲ୍ସ ପାଇଁ ସେ ଆହୁରୀ ଗୋଟିଏ ବର୍ଷ ଆଇପିଏଲ ଖେଳିବେ । ଏହାପରେ ତାଙ୍କ ଆଇପିଏଲ ଦରମା ବଦଳିପାରେ । ହେଲେ ବିଜ୍ଞାପନ ଜଗତରେ ଏବେ ସୂର୍ଯ୍ୟବଂଶୀଙ୍କୁ ନେଇ ଜୋରଦାର ଚର୍ଚ୍ଚା । କାରଣ ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ବିଜ୍ଞାପନ ପାଇଁ ନିଜର ଫି କୁ ଦୁଇଗୁଣା କରିଛନ୍ତି । ବିଜ୍ଞାପନ ସହ କୌଣସି ବ୍ରାଣ୍ଡ ସହ ଭାଗିଦାରୀ ପାଇଁ ସୂର୍ଯ୍ୟବଂଶୀ ନେଉଥିବା ଫି ୨୦୨୬ ଆଇପିଏଲ ପରେ ବଢିଯାଇଛି । ଚଳିତ ଆଇପିଏଲରେ ସୂର୍ଯ୍ୟବଂଶୀ ୧୬ ମ୍ୟାଚରୁ ୭୭୬ ରନ କରିଥିଲେ । ତାଙ୍କ ଷ୍ଟ୍ରାଇକରେଟ ୨୩୭.୩୦ ରହିଥିଲା । ଏଥିପାଇଁ ସେ ସବୁଠାରୁ ମୂଲ୍ୟବାନ ଖେଳାଳି ଭାବେ ୧୫ ଲକ୍ଷ ଟଙ୍କା, ଅରେଞ୍ଜ କ୍ୟାପ ପାଇଁ ୧୦ ଲକ୍ଷ ଟଙ୍କା, ସୁପର ଷ୍ଟ୍ରାଇକର ଅଫ ଦ ସିଜନ ପାଇଁ ୧୦ ଲକ୍ଷ ଟଙ୍କା, ଟାଟା ସିଆର କାର, ସୁପର ସିକ୍ସେସ୍ ଅଫ ଦ ସିଜନ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ଇମର୍ଜି ପ୍ଲେୟାର ଅଫ ଦ ସିଜନ ପାଇଁ ୧୦ ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି ।

ବାର୍ଷିକ ରିଟେନ ଦାମ ୧.୧୦ କୋଟି ଏବଂ ବ୍ୟକ୍ତିଗତ ପୁରସ୍କାର ବାବଦରେ ବୈଭବଙ୍କୁ ୫୫ ଲକ୍ଷ ଟଙ୍କା ମିଳିଛି । ଏହାବାଦ୍ ଆଇପିଏଲର ପ୍ରତି ମ୍ୟାଚ ପାଇଁ ତାଙ୍କୁ ୭.୫ ଲକ୍ଷ ଟଙ୍କ ଲେଖାଏଁ ମ୍ୟାଚ ଫି ଆକାରରେ ମିଳିଛି । ସେ ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ୧୬ ଟି ମ୍ୟାଚ ଖେଳିଛନ୍ତି । ଏହାର ଅର୍ଥ ମ୍ୟାଚ ଫି ବାବଦରେ ତାଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ଦିଆଯାଇଛି । ବୈଭବ ବିଭିନ୍ନ ମ୍ୟାଚରେ ନିଜର ବ୍ୟକ୍ତିଗତ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦ ମ୍ୟାଚ ଓ ଅନ୍ୟ ପୁରସ୍କାର ପାଇଛନ୍ତି ।



ସେ ଏକାଧିକ ଥର ମ୍ୟାନ ଅଫ୍ ଦ ମ୍ୟାଚ, ମ୍ୟାଚରେ ସର୍ବାଧିକ ଛକା ମାରିବା ପାଇଁ ୧ ଲକ୍ଷ ଟଙ୍କା ପାଇଥିଲେ । ମୋଟ ଉପରେ ବୈଭବ ଚଳିତ ଆଇପିଏଲରେ ପାଖାପାଖି ୩ କୋଟି ଟଙ୍କା ଜିତିଛନ୍ତି । ଏହାବାଦ୍ ସୂର୍ଯ୍ୟବଂଶୀଙ୍କ ପରିବାର ଲୋକ ଓ ରାଜସ୍ଥାନ ରୟାଲ୍ସ ପକ୍ଷରୁ ବ୍ରାଣ୍ଡ ସହମତି ଦାମକୁ ବୃଦ୍ଧି କରାଯାଇଛି । ଏବେ କମ୍ପ୍ଲାନ୍ ଓ ରେଡ ବୁଲ ଭଳି ବ୍ରାଣ୍ଡ ସହ ସୂର୍ଯ୍ୟବଂଶୀ ବିଜ୍ଞାପନ କରୁଛନ୍ତି । ଆଇପିଏଲ ପରେ ଆଉ ଅନେକ ସଂସ୍ଥା ତାଙ୍କ ସହ କାମ କରିବାକୁ ଧାଡି ବାନ୍ଧିଛନ୍ତି । ସୂର୍ଯ୍ୟବଂଶୀ ନିଜର ସହମତି ଫି କୁ ଦୁଇଗୁଣ କରିଛନ୍ତି । ୨୦୨୬ ଆଇପିଏଲ ପୂର୍ବରୁ ସେ ୧ କୋଟି ଟଙ୍କାରେ ବିଲ କରୁଥିଲେ । ଏବେ ଏହି ଫି ୨ କୋଟିକୁ ବୃଦ୍ଧି କରିଛନ୍ତି । ଅନେକ ଲୋକ ସୂର୍ଯ୍ୟବଂଶୀଙ୍କୁ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ସୁନିଲ ଗାଭାସ୍କରଙ୍କ ଭଳି କ୍ରିକେଟର ଭାବେ ବିବେଚନା କରୁଛନ୍ତି ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ୍ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।


# ଫ୍ରେଞ୍ଚ ଓପନ୍

## ସେମିରେ କୋଷ୍ଟ୍ୟୁକ, ଆନ୍ଦ୍ରେଭା

ପ୍ୟାରିସ୍, ୨।୬(ଏଜେନ୍ସି) : ମର୍ଯ୍ୟାଦାଜନକ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ମହିଳା ସିଙ୍ଗଲ୍ସ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଲାଣି । ମଙ୍ଗଳବାର ଅନୁଷ୍ଠିତ ଦୁଇଟି କ୍ୱାର୍ଟର ଫାଇନାଲରେ ମାର୍ଟା କୋଷ୍ଟ୍ୟୁକ୍ ଏବଂ ମାରିଆ ଆନ୍ଦ୍ରେଭା ବିଜୟ ଲାଭ କରି ସେମି ଫାଇନାଲରେ ପ୍ରବେଶ କରିଛନ୍ତି ।

ୟୁକ୍ରେନ୍‌ର ପେଶାଦାର ମହିଳା ଟେନିସ୍ ଖେଳାଳି ମାର୍ଟା କୋଷ୍ଟ୍ୟୁକ୍ ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ପ୍ରଥମ ଥର ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ୧୫ତମ ସିଟ୍ ହାସଲ କରିଥିବା କୋଷ୍ଟ୍ୟୁକ୍ ସେମିଫାଇନାଲରେ ଏଲିନା ଭିଟୋଲିନାକୁ ଭେଟିଥିଲେ । ନିଜ ଦେଶର ଏଲିନା ଭିଟୋଲିନାଙ୍କୁ ୬-୩, ୨-୬, ୬-୨ ସେଟ୍‌ରେ କୋଷ୍ଟ୍ୟୁକ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ୭ ମ ସିଟ୍ ମାନ୍ୟତା ପାଇଥିବା ଭିଟୋଲିନା ବିଶ୍ୱ ମାନ୍ୟତାର ଶ୍ରେଷ୍ଠ ୩ରେ ଅଛନ୍ତି । ତଥାପି ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ସେ ପ୍ରବେଶ କରିବାକୁ ସକ୍ଷମ ହୋଇନାହାଁନ୍ତି । ୟୁକ୍ରେନର ଏହି ପେଶାଦାର କୋଷ୍ଟ୍ୟୁକ ସେମିଫାଇନାଲ ଲଢେଇରେ ମାରିଆ ଆନ୍ଦ୍ରେଭାଙ୍କୁ ଭେଟିବେ ।



ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଋଷିଆର ପେଶାଦାର ମହିଳା ଟେନିସ୍ ଖେଳାଳି ମାରିଆ ଆନ୍ଦ୍ରେଭା ୬-୦, ୬-୩ ସିଧାସଳଖ ସେଟ୍‌ରେ ରୋମାନିଆର ସୋରାନା ମିଚେଲ କ୍ରିଷ୍ଟିଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ୧୯ ବର୍ଷୀୟା ଆନ୍ଦ୍ରେଭା ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ ସେମିରେ ପ୍ରବେଶ କରିଛନ୍ତି । ପୂର୍ବରୁ ସେ ୨୦୨୪ ସଂସ୍କରଣରେ ସର୍ବ କନିଷ୍ଠା ଖେଳାଳି ଭାବେ ସେମିରେ ପ୍ରବେଶ କରିଥିଲେ । ସେ ୩ ଥର ଅଷ୍ଟ୍ରେଲିଆନ ଓପନ ପ୍ରିକ୍ୱାର୍ଟର ଫାଇନାଲ, ଥରେ ୱିମ୍ବଲଡନ କ୍ୱାର୍ଟର ଫାଇନାଲ ଏବଂ ୨୦୨୫ରେ ୟୁଏସ୍ ଓପନ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଯାଇଥିଲେ । ୪ ଟି ଯାକ ଗ୍ରାଣ୍ଡସ୍ଲାମ ଖେଳିଥିବା ଆନ୍ଦ୍ରେଭାଙ୍କ ପାଇଁ ପ୍ରଥମ ଥର ଟାଇଟଲ ହାସଲ କରିବାର ସୁଯୋଗ ରହିଛି ।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି